

ଆକ୍ସନ୍ ହିରୋ ହେବେ ଅହାନ୍

▶ପୃଷ୍ଠା ୧୧ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-35 ♦WEDNESDAY ♦29 JULY 2026 ♦PAGE-12 ♦₹ 7.00

PANIKOILI

♦ବର୍ଷ-୪୪ ♦ସଂଖ୍ୟା-୩୫ ♦ବୁଧବାର ♦୨୯ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଜାପାନରେ ୭.୧ ତୀବ୍ରତା ଭୂକମ୍ପ; ସୁନାମି ସତର୍କତା

■ ଟୋକିଓ, ୨୮।୭ (ଏଜେନ୍ସି): ଦକ୍ଷିଣ ଜାପାନର କୁମାମୋଟୋ ପ୍ରଦେଶରେ ମଙ୍ଗଳବାର ୭.୧ ତୀବ୍ରତାର ଶକ୍ତିଶାଳୀ ଭୂମିକମ୍ପ ହୋଇଛି। ଭୂକମ୍ପ ପରେ ଜାପାନ ପାଣିପାଗ ବିଭାଗ ପକ୍ଷରୁ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ପାଇଁ ସୁନାମି ସତର୍କତା ଜାରି କରାଯାଇଛି। ଭୂମିକମ୍ପର କେନ୍ଦ୍ରସ୍ଥଳ କ୍ୟୁଶୁ ଦ୍ୱୀପର କୁମାମୋଟୋ ପ୍ରଦେଶରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୧୦ କିମି ଗଭୀରରେ ରହିଥିବା ଜଣାପଡ଼ିଛି। ଭୂମିକମ୍ପ ପରେ ସମୁଦ୍ରରେ ପ୍ରାୟ ୧ ମିଟର ଉଚ୍ଚର ସାମୁଦ୍ରିକ ଲହରୀ ଆସିବା ସମ୍ଭାବନା ରହିଥିବା ଦୃଷ୍ଟିରୁ ସତର୍କତା ଜାରି ହୋଇଛି। ଉପକୂଳବର୍ତ୍ତୀ ଅଞ୍ଚଳର ବାସିନ୍ଦାମାନଙ୍କୁ ତୁରନ୍ତ ଉଚ୍ଚ ସ୍ଥାନକୁ ଚାଲିଯିବାକୁ କୁହାଯାଇଛି। ଅନେକ ସ୍ଥାନରେ ଉଚ୍ଚତାର ଲହରୀ ପହଞ୍ଚିବା ଆରମ୍ଭ ହୋଇଛି। ଜାପାନରେ ଅନେକ ପ୍ରଦେଶ ପାଇଁ ମଧ୍ୟ ଜରୁରୀକାଳୀନ ଭୂମିକମ୍ପ ସତର୍କତା ଜାରି କରାଯାଇଛି। ସୂଚନାଯୋଗ୍ୟ, ଜାପାନ ବିଶ୍ୱର ଅନ୍ୟତମ ଅଧିକ ଭୂମିକମ୍ପ ପ୍ରବଣ ଦେଶ। ଏହି ଦେଶ ପ୍ରଶାନ୍ତ ମହାସାଗରୀୟ 'ରିଙ୍ଗ ଅଫ ଫାୟାର' ଉପରେ ରହିଛି। ଚଳିତ ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟ ଭୂମିକମ୍ପ ଝଟକା। ପୂର୍ବରୁ ଜୁନ୍




୨୫ରେ ଉତ୍ତର ଜାପାନରେ ୭.୨ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା। ତେବେ ଭୂକଂପ ଯୋଗୁଁ ଟୋକିଓର ଏକ ମଲରେ ବିସ୍ଫୋରଣ ହେବା ପରେ ଏହା ଭୁଶୁଡ଼ି ପଡ଼ିଛି। ଏଥିରେ ଅନେକ ଲୋକ ଫସି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚାଲିଛି। ଏହାଛଡ଼ା ଅନ୍ୟ କୌଣସି ସ୍ଥାନରୁ ବଡ଼ ଧରଣର କ୍ଷୟକ୍ଷତି ରିପୋର୍ଟ ମିଳିନାହିଁ।

ବଦଳିବ ପିୟୁସି ବୈଧତା ନିୟମ

## ବିଏସ୍-୬ ଯାନର ପିୟୁସି ୩ ବର୍ଷ ହେବ

■ ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): ଦେଶର ଲକ୍ଷ ଲକ୍ଷ କାର ଏବଂ ବାଇକ୍ ମାଲିକଙ୍କ ପାଇଁ ବଡ଼ ଆଶ୍ୱସ୍ତି ଖବର। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସି) ନିୟମରେ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ସରକାରଙ୍କ ନୂତନ ପ୍ରସ୍ତାବ ଅନୁଯାୟୀ, ବିଏସ୍-୬ ବ୍ୟକ୍ତିଗତ ଯାନ ପାଇଁ ପିୟୁସି ପ୍ରମାଣପତ୍ରର ବୈଧତା ଏବେ ୩ ବର୍ଷ ରହିବ। ଏଥିପାଇଁ ମନ୍ତ୍ରଣାଳୟ କେନ୍ଦ୍ରୀୟ ମୋଟର ଯାନ (ସଂଶୋଧନ) ନିୟମ ୨୦୨୬ର ଏକ ଚିଠା ବିଜ୍ଞପ୍ତି ଜାରି କରିଛି। ଏହି ନୂତନ ପ୍ରସ୍ତାବ ଉପରେ ସରକାର ୩୦ ଦିନ ମଧ୍ୟରେ ଜନସାଧାରଣ ଏବଂ ଅଂଶୀଦାରଙ୍କଠାରୁ ପରାମର୍ଶ ଏବଂ ଆପତ୍ତି ଲୋଡ଼ିଛନ୍ତି। ଯାନବାହନର ବର୍ଗ ଅନୁସାରେ ପିୟୁସିର ନୂତନ ବୈଧତା ସ୍ଥିର କରାଯାଇଛି। ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସି) ର ବୈଧତା ଯାନର ନିର୍ଗମନ ମାନଦଣ୍ଡ ଏବଂ ଏହାର ଉଦ୍ଦେଶ୍ୟ ବ୍ୟବହାର (ବାଣିଜ୍ୟିକ କିମ୍ବା ବ୍ୟକ୍ତିଗତ ଯାନ) ଉପରେ ଆଧାର କରି ନିର୍ଣ୍ଣୟ କରାଯିବ। ଯଦି ଜଣେ ଗାଡ଼ି ମାଲିକ ତାଙ୍କ ପିୟୁସିର ମିଆଦ ଶେଷ




ହେବାର ୧୫ ଦିନ ମଧ୍ୟରେ ଏକ ନୂତନ ପ୍ରମାଣପତ୍ର ପାଆନ୍ତି, ତେବେ ନୂତନ ପ୍ରମାଣପତ୍ର ପୂର୍ବ ପ୍ରମାଣପତ୍ରର ମିଆଦ ଶେଷ ହେବାର ତାରିଖରୁ କାର୍ଯ୍ୟକାରୀ ହେବ ବୋଲି ବିବେଚନା କରାଯିବ।

# ଉତ୍ତର ଓଡ଼ିଶାରେ ଭୀଷଣ ବନ୍ୟା

## ବିପଦ ସଙ୍କେତ ଉପରେ ବୈତରଣୀ; ବଢୁଛି ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା



### ଅଗଷ୍ଟ ୫ରେ ଆଉ ଏକ ଲଘୁଚାପ

■ ଭୁବନେଶ୍ୱର, ୨୮।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ରାଜ୍ୟରେ ଭୀଷଣ ବର୍ଷା କରାଇବା ପରେ ଏବେ ଏହା ଝାଡ଼ଖଣ୍ଡ ମୁହାଁ ହୋଇଛି। ଫଳରେ ଏବେ ଝାଡ଼ଖଣ୍ଡ ସମେତ ଓଡ଼ିଶା ସୀମାନ୍ତବର୍ତ୍ତୀ ଜିଲ୍ଲାରେ ବର୍ଷା ଜାରି ରହିଛି। ଏହି ଗଭୀର ଅବପାତ ପ୍ରଭାବରେ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ (୨୦୦ ମିମିରୁ ଅଧିକ) ବର୍ଷା ରେକର୍ଡ ହୋଇଛି। ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରେକର୍ଡ କରାଯାଇଛି। ଅନ୍ୟପଟେ ଏହି ଲଘୁଚାପର ପ୍ରଭାବ ନ କମୁଣୁ ଅଗଷ୍ଟ ପ୍ରଥମ ସପ୍ତାହ ଅର୍ଥାତ ୫ ତାରିଖ ବେଳକୁ ବଙ୍ଗୋପସାଗରରେ ▶ପୃଷ୍ଠା-୭

■ ଭୁବନେଶ୍ୱର/ବାଲେଶ୍ୱର, ୨୮।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ପ୍ରଭାବରେ ହୋଇଥିବା ଭୀଷଣ ବର୍ଷା ପ୍ରଭାବରେ ଅଧା ଓଡ଼ିଶାରେ ସୃଷ୍ଟି ହୋଇଛି ବନ୍ୟା ଆଶଙ୍କା। ଏବେ ରହିଥିବା ହେତୁ ବୈତରଣୀ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀ ତଳ ମୁଣ୍ଡରେ ଅତ୍ୟନ୍ତ ପ୍ରବଳ ବର୍ଷା ରେକର୍ଡ ହୋଇଛି। ଏହାସହିତ ମଙ୍ଗଳବାର ରାତିଠାରୁ ଏହି ନଦୀର ଉପରମୁଣ୍ଡ ଅର୍ଥାତ ଝାଡ଼ଖଣ୍ଡରେ

▶▶ ବାଲେଶ୍ୱର ସହର ଭିତରେ ଆଣ୍ଠୁଏ ପାଣି

▶▶ ଛଅ ଜିଲ୍ଲାରେ ଛୁଟି ଘୋଷଣା କଲା ପ୍ରଶାସନ

▶▶ ଆଗକୁ ପୂର୍ଣ୍ଣିମା ଯୋଗୁଁ ପାଣି ଟାଣୁନାହିଁ ସମୁଦ୍ର

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଆଦି ଜିଲ୍ଲାର ସ୍ଥିତି ଉଦ୍‌ବେଗଜନକ ରହିଥିବା ବେଳେ ଦିନେ ଦୁଇ ଦିନ ମଧ୍ୟରେ ମହାନଦୀରେ ମଧ୍ୟ ଜଳସ୍ତର ବ୍ୟାପକ ଭାବେ ବଢ଼ିବାର ଆଶଙ୍କା କରାଯାଉଛି। ଉତ୍ତର ଓଡ଼ିଶା ଉପରେ ଅବପାତର ସର୍ବାଧିକ ପ୍ରଭାବ ମଧ୍ୟ ଭୀଷଣ ବର୍ଷା ରେକର୍ଡ ହୋଇଛି। ଏହାର ଫଳସ୍ୱରୂପ ରାଜ୍ୟର ଏହି ୩ ପ୍ରମୁଖ ନଦୀରେ ବଡ଼ ବନ୍ୟା ଆଶଙ୍କା ରହିଛି। ବୈତରଣୀ ଇତି ମଧ୍ୟରେ ବିପଦ ସଙ୍କେତ ଟପି ସାରିଥିବାରୁ ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଅନେକ ଗାଁ ଜଳମଗ୍ନ ହୋଇ ସାରିଛି। ସେହିପରି ବାଲେଶ୍ୱରରେ ଆଜି ୫ ଘଣ୍ଟାରେ ୧୭୦ ମିମି ବର୍ଷା ସହ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଫଳ ସ୍ୱରୂପ ବାଲେଶ୍ୱରରେ ଏବେ ଅନେକ ଗାଁ ଜଳବନ୍ଦୀ ଅବସ୍ଥାରେ ଅଛି। ସହର ଭିତରେ ଆଣ୍ଠୁଏ ଯାଏ ପାଣି ବୋହୁଛି। ଅନ୍ୟପଟେ ବୁଧବାର ପୂର୍ଣ୍ଣିମା ଥିବା ବେଳେ ଏବେ ଦୁଇ ଦିନ ସମୁଦ୍ର ପାଣି ନେବ ନାହିଁ। ତେଣୁ ବନ୍ୟାର ଭୀଷଣ ପ୍ରକୋପ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି।

ମଙ୍ଗଳବାର ସନ୍ଧ୍ୟା ୮ ଟା ସୁଦ୍ଧା ବୈତରଣୀ ନଦୀ ଉଭୟ ଆଖୁଆପଦା ଓ ଆନନ୍ଦପୁରଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ଜଳକା ନଦୀ ମଧ୍ୟ ମଥାନୀଠାରେ ବିପଦ ସଙ୍କେତ ଉପରେ ବହୁଛି। ବୈତରଣୀ ନଦୀର ଆଖୁଆପଦାଠାରେ ବିପଦ ସଙ୍କେତ ସ୍ତର ୧୮.୩୩ ମିଟର ଥିବା ବେଳେ ଏବେ ୧୯.୩୫ ▶ପୃଷ୍ଠା-୭

ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

## ୩ ଜିଲ୍ଲା ପାଇଁ ୩ ସ୍ୱତନ୍ତ୍ର ଅଧିକାରୀ

■ ଭୁବନେଶ୍ୱର, ୨୮।୭ (ସମିସ): ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟସରକାର ତଥା ସମସ୍ତ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ସାଧାରଣ ଲୋକେ ପ୍ରଶାସନିକ ସେବା ଏବଂ ସହାୟତା ନେଇ ସୁରକ୍ଷିତ ରହିବା ଦରକାର ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରାଜ୍ୟରେ ଲଗାଣ ବର୍ଷାଜନିତ ସୃଷ୍ଟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ମଙ୍ଗଳବାର ମନ୍ତ୍ରୀ ଶ୍ରୀ ପୂଜାରୀ ଏକ ଉଚ୍ଚସ୍ତରୀୟ ବୈଠକ କରିବା ପରେ ସମସ୍ତ ଜିଲ୍ଲାପ୍ରଶାସନ ଏବଂ ଅନ୍ୟାନ୍ୟ ବିଭାଗମାନଙ୍କୁ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସମନ୍ୱିତ ହୋଇ କାର୍ଯ୍ୟ କରିବା ଓ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜଳସ୍ତର ବୃଦ୍ଧି ଉପରେ ନଜର ରଖିବା ପାଇଁ ରାତିସାରା ଏସଆରସି କାର୍ଯ୍ୟାଳୟ ଖୋଲା ରଖିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ▶ପୃଷ୍ଠା-୭

ପ୍ରଭାବିତ ଅଞ୍ଚଳରେ ସ୍ଥାନାନ୍ତରଣ ନିର୍ଦ୍ଦେଶ

## ପ୍ରଶ୍ନପତ୍ର ଲିକ୍ ବିଲ୍ ନେଇ ବର୍ଷିଲେ ବିରୋଧୀ

■ ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): ଚଳିତ ମୌସୁମୀ ଅଧିବେଶନରେ ୬ ଦିନ ଧରି ପ୍ରବଳ ହଟ୍ଟଗୋଳ ଯୋଗୁଁ ଅଚଳ ରହିଥିବା ସଂସଦରେ ଆଜି ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଉଦ୍ଦିଷ୍ଟ 'ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍ ଉପରେ ଆଲୋଚନା ଆରମ୍ଭ ହୋଇଛି। ସରକାର ଏହି ବିଲ୍ ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ିଥିବା ବେଳେ ବିରୋଧୀ ଦଳ କେନ୍ଦ୍ର ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନ ଉଠାଇବା ସହିତ କହିଛନ୍ତି ପୂର୍ବ ପରି ଏହି ଆଇନ ମଧ୍ୟ ବିଫଳ ହେବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସରକାରର କେତେକ ଅଂଶୀଦାର ଦଳ ନିଟ୍ ପରୀକ୍ଷା ବର୍ଷକୁ ଦୁଇ ଥର କରିବାକୁ ଦାବି କରିଛନ୍ତି।

ବିବାଦ ସତ୍ତ୍ୱେ ଏନ୍‌ଟିଏ ଅଧ୍ୟକ୍ଷଙ୍କୁ ହଟାଯାଇନି କାହିଁକି?

ନିଟ୍ ବର୍ଷକୁ ଦୁଇ ଥର କରିବାକୁ ବିଜେପି ସହଯୋଗୀଙ୍କ ଦାବି

ଲୋକସଭାରେ ଆଜି ବିଲ୍ ଉପରେ ଆଲୋଚନା ଆରମ୍ଭ କରି କଂଗ୍ରେସ ନେତା ଗୌରବ ଗୋଗୋଇ କହିଲେ ଯେ ସଂଶୋଧିତ ବିଲ୍ ବ୍ୟବସ୍ଥାରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ ଶିକ୍ଷା କ୍ଷେତ୍ରରେ ସଂସ୍କାର ପାଇଁ ସରକାରଙ୍କର ଆନ୍ତରିକତା ଥିଲା ବୋଲି ଜଣାପଡୁ ନାହିଁ। କେବଳ ଲୋକଙ୍କ ମନ ବୁଝାଇବା ଲାଗି ଏଭଳି ବିଲ୍ ଆଗତ କରାଯାଇଛି। ଦୁଇ ବର୍ଷ ତଳେ ସରକାର ଏଭଳି ବିଲ୍ ଆଗତ କରିଥିଲେ। ସେତେବେଳେ ସରକାର ଦାବି କରିଥିଲେ ଯେ ପ୍ରଶ୍ନପତ୍ର ଲିକ ରୋକିବାରେ ଏହା ଫଳପ୍ରଦ ପ୍ରମାଣିତ ହେବ। କିନ୍ତୁ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହେଲାନାହିଁ। ୨୦୨୪ରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ୪୫ ଜଣଙ୍କ ନାମରେ ▶ପୃଷ୍ଠା-୭

କେନ୍ଦ୍ରର ଲିଖିତ ପ୍ରତିଶ୍ରୁତି ପରେ ଟଳିଲା ସିଜେପି ଆନ୍ଦୋଳନ

## ଆନ୍ଦୋଳନକାରୀଙ୍କୁ ତୁରନ୍ତ ମୁକ୍ତ ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଥିବା ଆନ୍ଦୋଳନକାରୀଙ୍କ ବିରୋଧରେ ଏଫ୍‌ଆଇଆର ପ୍ରତ୍ୟାହାର କରିବା ସହିତ ଗିରଫ ଆନ୍ଦୋଳନକାରୀଙ୍କୁ ମୁକ୍ତ କରିବା ସଂକ୍ରାନ୍ତରେ କେନ୍ଦ୍ର ସରକାର ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦ୍ରର ପୂର୍ବ ପ୍ରତିଶ୍ରୁତି ସତ୍ତ୍ୱେ ବିଭିନ୍ନ ରାଜ୍ୟରେ ଚାଲିଥିବା ଦମନଲୀଳା ବିରୋଧରେ ଦେଶବ୍ୟାପୀ ପୁଣିଥରେ ଆନ୍ଦୋଳନ ଆରମ୍ଭ କରିବାକୁ କକ୍‌ରୋଚ୍ ଜନତା ପାର୍ଟି (ସିଜେପି)ର ଧମକ ପରେ ସରକାର ଆଜି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ବିରୋଧରେ



ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର କରିବା ଏବଂ ଗିରଫ ହୋଇଥିବା ପ୍ରତିବାଦକାରୀଙ୍କୁ ମୁକ୍ତ କରିବାକୁ ଲିଖିତ ଆକାରରେ ଜଣାଇଛନ୍ତି। ସରକାରଙ୍କ ଏଭଳି ପ୍ରତିଶ୍ରୁତି ଦେଇଥିବା ବେଳେ ସୁପ୍ରିମ କୋର୍ଟ ମଧ୍ୟ ସମସ୍ତ ଆନ୍ଦୋଳନକାରୀଙ୍କୁ ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସିଜେପିର ମୁଖପାତ୍ର ସୌରଭ ଦାସଙ୍କ ସୂଚନା ଅନୁଯାୟୀ, ସରକାରୀ ମାମଲା ପ୍ରତ୍ୟାହାର, ବନ୍ଦୀମାନଙ୍କୁ ମୁକ୍ତ କରିବା ଏବଂ ଭବିଷ୍ୟତରେ ଆନ୍ଦୋଳନକାରୀଙ୍କ ବିରୋଧରେ କୌଣସି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ନେଇ ବିଜ୍ଞପ୍ତି ପ୍ରଦାନ ▶ପୃଷ୍ଠା-୭

ପଶ୍ଚିମ ଓଡ଼ିଶାକୁ ପୁଣି ପ୍ରତାରଣା

## ସମ୍ବଲପୁରରେ ନାହିଁ ଦ୍ୱିତୀୟ ଏମ୍ସ ପ୍ରସ୍ତାବ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୭ (ସମିସ): ସମ୍ବଲପୁରରେ ରାଜ୍ୟର ଦ୍ୱିତୀୟ ଏମ୍ସ ସ୍ଥାପନ ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି। ତତ୍କାଳୀନ ବିଜେଡି ସରକାର ଏ ସଂକ୍ରାନ୍ତରେ କେନ୍ଦ୍ର ନିକଟରେ ବାରମ୍ବାର ଦାବି ଦୋହରାଇ ଥିବାବେଳେ ୨୦୨୦ରେ ତତ୍କାଳୀନ ମୁଖ୍ୟ ସଚିବ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ବର୍ତ୍ତମାନ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗତବର୍ଷ ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ସ୍ଥାପନ ହେବ ବୋଲି ଘୋଷଣା କରିଥିଲେ। ସେହିପରି ନୂଆଖାଇ ଉତ୍ସବରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ସ୍ଥାପନ ହେବ ବୋଲି କହିଥିଲେ। ଗତ ଜାନୁଆରୀ ୧୦ ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ପାଇଁ ବଜେଟରେ ବ୍ୟବସ୍ଥା କରିବାକୁ ଏକ ଦାବିପତ୍ର

- ସିଧାସିଧା ମନା କଲା କେନ୍ଦ୍ର, ସାଂସଦ ମାନସଙ୍କ ଉଦ୍‌ବେଗ
- ନୂଆଖାଇ ଉତ୍ସବରେ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ
- କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟି ଦାବି କରିଥିଲେ ଉପମୁଖ୍ୟମନ୍ତ୍ରୀ
- କେନ୍ଦ୍ର ନିକଟରେ ମଧ୍ୟ ଦାବି କରିଥିଲା ବିଜେଡି ସରକାର

ପ୍ରଦାନ କରିଥିଲେ। ଏହା ସତ୍ତ୍ୱେ କେନ୍ଦ୍ର ସରକାର ସମ୍ବଲପୁର ବା ଓଡ଼ିଶାରେ ଦ୍ୱିତୀୟ ଏମ୍ସ ସ୍ଥାପନ ପାଇଁ କୌଣସି ପ୍ରସ୍ତାବ ନାହିଁ ବୋଲି ରୋକଠୋକ୍ ମନା କରିଛନ୍ତି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ପଶ୍ଚିମଓଡ଼ିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦ୍ୱିତୀୟ ଏମ୍ସ ସ୍ଥାପନ ଏକାନ୍ତ ବାଂଛନୀୟ। ମାତ୍ର କେନ୍ଦ୍ର ସରକାର ଏଥିରୁ ଓହରିଯିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ଶ୍ରୀ ମଙ୍ଗରାଜ।

ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଜ୍ୟମନ୍ତ୍ରୀ ପ୍ରତାପରାଓ ଯାଧବ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅଧୀନରେ ସ୍ଥାପିତ ଏମ୍ସ ଭୁବନେଶ୍ୱର ▶ପୃଷ୍ଠା-୭

ମାମଲା ବୋଝରେ ଚେପା ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ

## ବିଚାରାଧୀନ ରହିଛି ଅଢ଼େଇ ଲକ୍ଷ ମାମଲା

■ ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): ମହିଳା ଓ ଶିଶୁଙ୍କ ବିରୋଧରେ ଯୌନ ଅପରାଧର ଶୀଘ୍ର ବିଚାର ପାଇଁ ବିଭିନ୍ନ ରାଜ୍ୟ ସରକାର ଫାଷ୍ଟ ଟ୍ରାକ୍ ସ୍ପେସାଲ କୋର୍ଟ ଗଠନ କରୁଛନ୍ତି। ଏଥିପାଇଁ ବିପୁଳ ଅର୍ଥ ମଧ୍ୟ ପ୍ରଦାନ କରାଯାଉଛି। ବିଶେଷ ବର୍ଗ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ବ୍ୟୟର ୯୦ ଭାଗ ଅଂଶ ପ୍ରଦାନ କରୁଛନ୍ତି ଓ ଅନ୍ୟ ୧୦% ସମ୍ପୃକ୍ତ ରାଜ୍ୟଗୁଡ଼ିକ ବହନ କରୁଛନ୍ତି। ସେହିପରି ଅନ୍ୟ ରାଜ୍ୟଗୁଡ଼ିକରେ ଫାଷ୍ଟ ଟ୍ରାକ୍ କୋର୍ଟ ପାଇଁ ବ୍ୟୟ ଅର୍ଥରାଶିର ୬୦ ପ୍ରତିଶତ କେନ୍ଦ୍ର ସରକାର ପ୍ରଦାନ କରୁଛନ୍ତି ଓ ଅବଶିଷ୍ଟ ଅର୍ଥ ରାଜ୍ୟ ସରକାର ବ୍ୟୟ କରୁଛନ୍ତି। କେନ୍ଦ୍ର ସରକାର ଏଥିପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୧୨୬୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମାତ୍ର ୨୦୨୫ ଡିସେମ୍ବର ୩୧ ସୁଦ୍ଧା ଦେଶର ଫାଷ୍ଟ ଟ୍ରାକ୍ କୋର୍ଟଗୁଡ଼ିକରେ ୨ ଲକ୍ଷ ୪୫ ହଜାର ୫୭୯ଟି ମାମଲା ବିଚାରାଧୀନ ରହିଛି।

ସଂସଦରେ କେନ୍ଦ୍ର ସରକାର ପ୍ରଦାନ କରିଥିବା ତଥ୍ୟ ଅନୁସାରେ ଦେଶର ବିଭିନ୍ନ ରାଜ୍ୟର ଫାଷ୍ଟଟ୍ରାକ୍ ସ୍ପେସାଲ କୋର୍ଟଗୁଡ଼ିକରେ ୨୦୨୩ ମସିହାରେ ୮୧,୪୭୧ଟି ନୂଆ ମାମଲା ରୁଜୁ ହୋଇଥିବାବେଳେ ୭୬,୩୧୯ଟି ମାମଲାର ଫଇସଲା ହୋଇଥିଲା ଓ ବର୍ଷ ଶେଷ ସୁଦ୍ଧା ୨,୦୨,୧୭୫ଟି ମାମଲା ବିଚାରାଧୀନ ରହିଥିଲା। ସେହିପରି ୨୦୨୪ ମସିହାରେ ୮୮,୯୦୨ଟି ନୂଆ ମାମଲା ରୁଜୁ ହୋଇଥିଲା ଓ ୮୫,୫୯୫ଟି ମାମଲାର ସମାଧାନ ହୋଇଥିଲା। ମାତ୍ର ସବୁଠାରୁ ଚିନ୍ତାଜନକ ସ୍ଥିତି ୨୦୨୫ ମସିହାରେ ଦେଖାଯାଇଛି। ଏହି ବର୍ଷ ୧,୪୩,୯୩୬ଟି ନୂଆ ମାମଲା ରୁଜୁ ହୋଇଥିବାବେଳେ ମାତ୍ର ୭୬,୫୦୦ଟି ମାମଲାର ଫଇସଲା ହୋଇପାରିଛି। ଫଳରେ ବିଚାରାଧୀନ ମାମଲା ସଂଖ୍ୟା ବଢ଼ି ୨,୪୫,୫୭୯ରେ ପହଞ୍ଚିଛି। ଫାଷ୍ଟ ଟ୍ରାକ୍ କୋର୍ଟଗୁଡ଼ିକରେ ପ୍ରତିବର୍ଷ ନୂଆ ମାମଲା ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସମାଧାନ ବା ମାମଲାର ବିଚାର ହାର ହ୍ରାସ ପାଉଛି।

### କେନ୍ଦ୍ର ଦେଇଛି ୧୨୬୦ କୋଟି ଅନୁଦାନ

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ଫାଷ୍ଟ ଟ୍ରାକ୍ ସ୍ପେସାଲ କୋର୍ଟ ଯୋଜନା କେନ୍ଦ୍ର ପ୍ରାୟୋଜିତ ଯୋଜନା ଭାବେ କାର୍ଯ୍ୟକାରୀ ହେଉଛି। ଏଥିରେ ସାଧାରଣ ରାଜ୍ୟ ପାଇଁ କେନ୍ଦ୍ର ଓ ରାଜ୍ୟର ଅର୍ଥ ଅଂଶୀଦାରୀ ୬୦:୪୦ ଏବଂ ପୂର୍ବୋତ୍ତର ଓ ବିଶେଷ ବର୍ଗର ରାଜ୍ୟ ପାଇଁ ୯୦:୧୦ ଅନୁପାତରେ ରହିଛି। ପ୍ରତ୍ୟେକ ଫାଷ୍ଟ ଟ୍ରାକ୍ କୋର୍ଟ ପାଇଁ ଜଣେ ବିଚାରପତି, ସାତଜଣ ସହାୟକ କର୍ମଚାରୀଙ୍କ ବେତନ ସହ ଦୈନନ୍ଦିନ ପ୍ରଶାସନିକ ଖର୍ଚ୍ଚ ପାଇଁ ଫ୍ଲେକ୍ସି ଗ୍ରାଣ୍ଟ ବ୍ୟବସ୍ଥା ରହିଛି। ଯୋଜନା ଆରମ୍ଭ ହେବା ପରଠାରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ମୋଟ ୧,୨୫୯.୫୧ କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ଦିଆଯାଇଛି। ଏହି ଅର୍ଥ ରାଜ୍ୟମାନଙ୍କ ଖର୍ଚ୍ଚ ବିବରଣୀ ପ୍ରାପ୍ତ ହେବା ପରେ ପରିଶୋଧ କରାଯାଉଛି।

ମାତ୍ର ମାମଲାର ନିଷ୍ପତ୍ତି ବା ବିଚାର ଶେଷ ହେବାର ହାର ହ୍ରାସ କେନ୍ଦ୍ର ସରକାରଙ୍କ ପାଇଁ ଶିରପୀଡ଼ା ପାଲଟିଛି। ଏଥିପାଇଁ କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରୀ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ପତ୍ର ଲେଖି ପୋକ୍‌ସୋ ଆଇନ ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମାମଲାର ▶ପୃଷ୍ଠା-୭




ସକାଳ
www.sakalaepaper.com

# ପ୍ରଧାନମନ୍ତ୍ରୀଙ୍କ ଭାଇରାଲ୍ ଭିଡିଓ ହଟାଇବା ଘଟଣାରେ କ୍ଷମା ମାଗିଲା ମେଟା

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ସାମାଜିକ ଗଣମାଧ୍ୟମ ଫେସବୁକର ମାଲିକାନା ସଂସ୍ଥା ମେଟା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଭାଇରାଲ୍ ସେଲଫି ଭିଡିଓକୁ କିଛି ସମୟ ପାଇଁ ହଟାଇ ଦେଇଛି। ଏହି ଖବର ଜଣାପଡ଼ିବା ପରେ ମଙ୍ଗଳବାର ମେଟା କ୍ଷମା ପ୍ରାର୍ଥନା କରିଛି। ତେବେ ଏହି ଘଟଣାକୁ କେନ୍ଦ୍ର ସରକାର ଅତ୍ୟନ୍ତ ଗୁରୁତର ଭାବେ ଗ୍ରହଣ କରି ମେଟା ଏବଂ ଇନଷ୍ଟାଗ୍ରାମର ମୁଖ୍ୟଙ୍କୁ ସମନ ଜାରି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ ଯୁବପିଢ଼ିଙ୍କୁ ସମ୍ବୋଧିତ କରୁଥିବା ଏହି ଭିଡିଓଟିକୁ ବୈଷୟିକ ତ୍ରୁଟି ଯୋଗୁଁ ଫେସବୁକରୁ ହଟାଇ ଦିଆଯାଇଥିଲା ବୋଲି ଜଣାପଡ଼ିଛି। ତେବେ ପରେ ଏହାକୁ ପୁନଃସ୍ଥାପିତ କରାଯାଇଛି। ମେଟା ପ୍ରବକ୍ତା ଏକ ବିବୃତ୍ତିରେ କହିଛନ୍ତି ଭୁଲବଶତଃ ଏହି କଣ୍ଟେଣ୍ଟକୁ ହଟାଇ ଦିଆଯାଇଥିଲା। ଏହି ସାମୟିକ ବିଚ୍ୟୁତିକୁ ନେଇ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ମେଟାର ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ସ୍ପଷ୍ଟୀକରଣ ରଖିବା ପାଇଁ ଡକାଇଛନ୍ତି। ବିଜେପିର ନେତାମାନେ ଏହି ଘଟଣାକୁ ତୀବ୍ର ସମାଲୋଚନା କରିଛନ୍ତି। ବିଜେପି ନେତା ତଜିନ୍ଦର ବଗ୍ଗା ଏକ୍ସରେ ପ୍ରଶ୍ନ କରିଛନ୍ତି ଯେ, 'ଭାରତର ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟକୁ କାଣ୍ଟଛାଣ୍ଟ କରିବା ପାଇଁ ଏହି ବିଦେଶୀ ପ୍ଲାଟଫର୍ମକୁ କିଏ ଅଧିକାର ଦେଲା?' ଗତ ଗୁରୁବାର ମଧ୍ୟରାତ୍ରିରେ ପ୍ରଧାନମନ୍ତ୍ରୀ ୩ ମିନିଟର ଭିଡିଓଟି ପୋଷ୍ଟ କରିଥିଲେ। ଏଥିରେ ସେ ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ସରକାର ଏହି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଏବଂ ଦୋଷୀମାନଙ୍କୁ ଜେଲ ପଠାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ଭିଡିଓଟି ବେଶ୍ ଭାଇରାଲ ହୋଇଥିଲା। ଇନଷ୍ଟାଗ୍ରାମରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ଏହା ୩୦୩ ନିୟୁତରୁ ଅଧିକ ଲୋକ ଦେଖି ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲା। ଏହି ବିପୁଳ ଜନସମର୍ଥନ ପାଇଁ ପ୍ରଧାନମନ୍ତ୍ରୀ ପରବର୍ତ୍ତୀ ସମୟରେ ଏକ ଧନ୍ୟବାଦ ଭିଡିଓ ପୋଷ୍ଟ କରି ଦେଶର ଯୁବପିଢ଼ିଙ୍କୁ କୃତଜ୍ଞତା ଜଣାଇଥିଲେ।

**କେନ୍ଦ୍ର ସରକାରଙ୍କ ପକ୍ଷରୁ କର୍ତ୍ତୃପକ୍ଷଙ୍କୁ ସମନ**

# ଅମରନାଥ ଯାତ୍ରୀବାହୀ ବସ୍ ଦୁର୍ଘଟଣା; ୩୦ ଜଣ ଆହତ

ଗାନ୍ଦେରବାଲ୍, ୨୮।୭(ଏଜେନ୍ସି): ଜମ୍ମୁ-କାଶ୍ମୀରର ଗାନ୍ଦେରବାଲ୍ ଜିଲ୍ଲାରେ ମଙ୍ଗଳବାର ସକାଳେ ବାଲ୍‌ଟାଲ୍ ବେସ୍ କ୍ୟାମ୍ପରୁ ଶ୍ରୀନଗର ଅଭିମୁଖେ ଯାଉଥିବା ଅମରନାଥ ଯାତ୍ରୀବାହୀ ବସ୍ ସୋନମାର୍ଗ ରାସ୍ତାରେ ଓଲଟି ପଡ଼ିଛି। ଏହି ଘଟଣାରେ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ବସ୍‌ଟି ପ୍ରାୟ ୫୦ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିଲା। ଗାନ୍ଦେରବାଲ୍ ଜିଲ୍ଲାର ସୋନାମାର୍ଗ ରୋଡ୍‌ରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରୁ ପ୍ରାୟ ୨୦-୨୫ ମିଟର ତଳକୁ ଖସି ପଡ଼ିଥିଲା। ବସ୍‌ଟି ଗଡ଼ିଯାଇ ପାହାଡ଼ ତଳେ ଥିବା ଏକ ଘରର ଛାତ ଉପରେ ଅଟକି ରହିଯାଇଥିଲା। ଦୁର୍ଘଟଣା ପରେ ତୁରନ୍ତ ଆଟିବିପି, ସିଆର୍‌ପିଏଫ୍ ଏବଂ ଜମ୍ମୁ-କାଶ୍ମୀର ପୁଲିସ ପକ୍ଷରୁ ବ୍ୟାପକ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରେ ସମସ୍ତ ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଏହି ଦୁର୍ଘଟଣାରେ କୌଣସି ପ୍ରାଣହାନି ଘଟିନାହିଁ ଏବଂ ଅଧିକାଂଶ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି।

# ଦିଲ୍ଲୀରେ 'ରେଡ୍ ଆଲର୍ଟ'; ପ୍ରବଳ ବର୍ଷାରେ ବେହାଲ ରାଜଧାନୀ



ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): କିଛି ଦିନର ପ୍ରବଳ ଗୁଳୁଗୁଳି ପରେ ଏବେ ଦିଲ୍ଲୀ-ଏନସିଆରରେ ମୌସୁମୀ ବାୟୁ ଅଧିକ ସକ୍ରିୟ ହୋଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଦିଲ୍ଲୀ ପାଇଁ ରେଡ୍ ଆଲର୍ଟ ଜାରି କରିବା ସହ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅତି ପ୍ରବଳ ବର୍ଷା, ବଜ୍ରପାତ ଏବଂ ଘଡ଼ଘଡ଼ିର ସତର୍କ ସୂଚନା ଦେଇଛି। ମଙ୍ଗଳବାର ସକାଳୁ ଦିଲ୍ଲୀର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ସକାଳ ୮.୩୦ ସୁଦ୍ଧା ସଫଦରଜଙ୍ଗରେ ୩୨.୪ ମିଲିମିଟର ଏବଂ ରିଜ୍ ପାଣିପାଗ କେନ୍ଦ୍ରରେ ୩୭.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପାଣିପାଗ ବିଶେଷଜ୍ଞଙ୍କ ଅନୁସାରେ, ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ସ୍ଥଳଭାଗକୁ ଗତି କରିବା ଫଳରେ ମୌସୁମୀ ବାୟୁ ଅଧିକ ଶକ୍ତିଶାଳୀ ହୋଇଛି। ଫଳରେ 'ମୌସୁମୀ ଟ୍ରଫ୍' ଦିଲ୍ଲୀ ଆଡ଼କୁ ଗତି କରିଛି। ଏହା ବଙ୍ଗୋପସାଗରରୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁକୁ ଉତ୍ତର-ପଶ୍ଚିମ ଭାରତ ଆଡ଼କୁ ଟାଣି ଆଣୁଛି। ଏହାଦ୍ୱାରା ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ପ୍ରବଳ ମେଘ ସୃଷ୍ଟି ହେବା ସହ ଝଡ଼ବର୍ଷା ଜାରି ରହିଛି। ଆଇଏମ୍‌ଡିର ଆକଳନ ଅନୁସାରେ, ବୁଧବାର ପର୍ଯ୍ୟନ୍ତ ବର୍ଷା ଜାରି ରହିବ। ଦିଲ୍ଲୀ ସମେତ ପଡୋଶୀ ହରିୟାଣାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆକାଶ ମେଘାଚ୍ଛନ୍ନ ରହିବା ସହ ପବନର ବେଗ ମଧ୍ୟ ଅଧିକ ରହିପାରେ, ଯାହା ଫଳରେ ତାପମାତ୍ରା ହ୍ରାସ ପାଇବ। ମୌସୁମୀ ଟ୍ରଫ୍ ଏବଂ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଯୋଗୁଁ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ସମଗ୍ର ଉତ୍ତର ଭାରତରେ ବର୍ଷା ଜାରି ରଖିବ ବୋଲି ପାଣିପାଗ ବିଭାଗ କହିଛି।

**ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଅମାନୁଷିକ ଆକ୍ରମଣ ମାମଲା**

# ଏକେ-୪୭, ପେଲେଟ୍ ଗନ୍ ମାଡ଼ କାହିଁକି?: ପ୍ରିୟଙ୍କା




ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଆନ୍ଦୋଳନ କରିଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ପୁଲିସର ଅମାନୁଷିକ ଏବଂ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ସରକାରଙ୍କ ଉପରେ ପୁଣି ବର୍ଷିଛନ୍ତି ବିରୋଧୀ ଦଳ। ସଂସଦରେ ଏହି ପ୍ରସଙ୍ଗ ଉଠାଇ ସେମାନେ ସରକାରଙ୍କୁ ଘେରିଛନ୍ତି। ନିଜର ନ୍ୟାଯ୍ୟ ଦାବି ପାଇଁ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପେଲେଟ୍ ଗନ୍ ଏବଂ ଏକେ-୪୭ ରାଇଫଲ ବ୍ୟବହାର କାହିଁକି କରାଗଲା ? ସେମାନେ କଣ ଆତଙ୍କବାଦୀ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

ଆଜି ଲୋକସଭାରେ ପ୍ରଶ୍ନପତ୍ର ଲିକ୍ ଆଲୋଚନା ବେଳେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ପ୍ରଥମେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଦିଲ୍ଲୀରେ ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ମାଡ଼ କାହିଁକି କରାଗଲା ଏବଂ ଏଥିପାଇଁ କିଏ ନିର୍ଦ୍ଦେଶ ଦେଇଥିଲା? ଏହି ପ୍ରଶ୍ନର ଉତ୍ତର କିଏ ଦେବ ବୋଲି ସେ ପଚାରିଥିଲେ। ଶାନ୍ତିପୂର୍ଣ୍ଣ ରୂପେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଲୁହବୁହା ଗ୍ୟାସ, ୱାଟର କାନନ ଏବଂ ଲାଠିମାଡ଼ କରିବା କଣ ଜରୁରୀ ଥିଲା ? ଆନ୍ଦୋଳନରେ ସାମିଲ ଯୁବତୀମାନଙ୍କର କପଡ଼ା ଚିରିବା ଏବଂ ସେମାନଙ୍କୁ ଅମାନବୀୟ ଭାବେ ମାଡ଼ ମାରିବା କେତେଦୂର ଯୁକ୍ତିଯୁକ୍ତ ? ପିଲାମାନଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ନା ସ୍ୱରାଷ୍ଟ୍ର ମନ୍ତ୍ରୀ? ଏହି ପ୍ରଶ୍ନର ଉତ୍ତରକୁ ସାରା ଦେଶ ଅପେକ୍ଷା କରିଛି ବୋଲି ସେ କହିଥିଲେ।

ଆଲୋଚନାରେ ଅଂଶଗ୍ରହଣ କରି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଲେ ଯେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ଆଦୌ ଗ୍ରହଣୀୟ ନୁହେଁ। ସେ କହିଲେ ଯେ ଛାତ୍ରଛାତ୍ରୀଙ୍କ ଉପରେ କଣ୍ଟା ଲଗା ଲାଠି ମାଡ଼ କରାଯାଇଛି। କେବଳ ଏତିକି ନୁହେଁ, ସେମାନଙ୍କୁ ବିଦ୍ୟୁତ ଲାଠିରେ ମଧ୍ୟ ମାଡ଼ କରାଯାଇଛି। ଏଭଳି ମାରାତ୍ମକ ଅସ୍ତ୍ର ବ୍ୟବହାର ପାଇଁ କିଏ ଅନୁମତି ଦେଲା। ଏଭଳି କାର୍ଯ୍ୟାନୁଷ୍ଠାନ ଏମର୍ଜେନ୍ସି ବେଳର ନିର୍ଯାତନାକୁ ମନେ ପକାଉଛି ବୋଲି ସେ କହିଥିଲେ।

# ପ୍ରହ୍ଲାଦ ଯୋଶୀଙ୍କୁ ନେଇ ସରକାର-ବିରୋଧୀ ମୁହାଁମୁହିଁ



ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ମଙ୍ଗଳବାର ନବନିଯୁକ୍ତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ନେଇ ଦେଇଥିବା ମନ୍ତବ୍ୟ ବିବାଦ ସୃଷ୍ଟି କରିଛି। ଏଭଳି ମନ୍ତବ୍ୟ ପାଇଁ ସେମାନେ କ୍ଷମା ମାଗନ୍ତୁ ବୋଲି ଶାସକ ଦଳ ଦାବି କରିଛି।

ରାହୁଲ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ଯାହାକୁ ଶିକ୍ଷା ମନ୍ତ୍ରୀ କରିଛନ୍ତି ସେ ବଳାତ୍କାରୀଙ୍କୁ ସୁରକ୍ଷା ଦେଉଛନ୍ତି। ଯିଏ ବଳାତ୍କାରୀଙ୍କୁ ସୁରକ୍ଷା ଦେବା କଥା କହେ, ତା'ଠାରୁ ଭଲ ଆଶା କରାଯାଇପାରିବ ନାହିଁ। ଏହି ଅଭିଯୋଗ ପଛରେ କାରଣ ହେଉଛି ୨୦୨୨ରେ ବିଲକିସ ବାନୋ ଗଣଦୁଷ୍କର୍ମ ମାମଲାର ଦୋଷୀମାନଙ୍କୁ ଗୁଜରାଟ ସରକାରଙ୍କ ଦ୍ୱାରା ମୁକ୍ତ କରାଯିବାକୁ ନେଇ ପ୍ରହ୍ଲାଦ ଯୋଶୀ ଦେଇଥିବା ପୂର୍ବ ପ୍ରତିକ୍ରିୟା। ଯୋଶୀ ସେତେବେଳେ ଏହି ନିଷ୍ପତ୍ତିକୁ ଆଇନସମ୍ମତ କହି ସମର୍ଥନ କରିଥିଲେ। ଯଦିଓ ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ଏହି ମୁକ୍ତି ଆଦେଶକୁ ରଦ୍ଦ କରି ଦୋଷୀମାନଙ୍କୁ ପୁଣି ଜେଲ୍ ପଠାଇଥିଲେ।

ରାହୁଲଙ୍କ ମନ୍ତବ୍ୟ ପୂର୍ବରୁ ତାଙ୍କ ଭଉଣୀ ତଥା କଂଗ୍ରେସ ସାଂସଦ ପ୍ରିୟଙ୍କା ଭାଦ୍ରା ମଧ୍ୟ ଲୋକସଭାରେ ଯୋଶୀଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଥିଲେ। ଅନ୍ୟପଟେ, କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ ପ୍ରିୟଙ୍କା ଗାନ୍ଧୀ ସଂସଦରେ ମିଥ୍ୟା ତଥ୍ୟ ପ୍ରଚାର କରୁଛନ୍ତି ଏବଂ ଏଥିପାଇଁ ସେ କ୍ଷମା ମାଗିବା ଉଚିତ୍। ସରକାରୀ ଦଳର ସଭ୍ୟମାନେ ମଧ୍ୟ କହିଛନ୍ତି ଯେ ପ୍ରିୟଙ୍କାଙ୍କ ଠାରୁ ଏଭଳି ଭାଷା ଆଶା କରାଯାଏ ନାହିଁ। ଗୃହ ବିବରଣୀରୁ ଏହି ବକ୍ତବ୍ୟ ହଟାଇବା ଲାଗି ସେମାନେ ବାଚସ୍ପତିଙ୍କ ନିକଟରେ ଦାବି କରିଛନ୍ତି।

# ଛାତ୍ର ଆନ୍ଦୋଳନକାରୀଙ୍କୁ ପେଲେଟ୍ ଗନ୍ ମାଡ଼ ହୋଇଛି: ରିପୋର୍ଟ

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ରାଜଧାନୀରେ ଗତ ଜୁଲାଇ ୨୦ରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସଂସଦ ପଦଯାତ୍ରା ସମୟରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବାଦ ବିବାଦ ଚାଲିଥିବା ବେଳେ ନୂତନ ତଥ୍ୟ ସାମ୍ନାକୁ ଆସିଛି। ଦିଲ୍ଲୀ ପୁଲିସ ପକ୍ଷରୁ ପେଲେଟ୍ ଗନ୍ ବ୍ୟବହାର କରାଯାଇଥିବା ଅଭିଯୋଗକୁ ପ୍ରଥମେ ପ୍ରତ୍ୟାଖ୍ୟାନ କରାଯାଇଥିଲେ ହେଁ, ପୁଲିସ ଦସ୍ତାବେଜ ଏହାକୁ ଭୁଲ ପ୍ରମାଣ କରିଛି। ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାର ଜୁଲାଇ ୨୨ର ଏକ ଜେନେରାଲ୍ ପୁଲିସ ଡାଏରୀରେ ହୋଇଥିବା ଏଣ୍ଟ୍ରି ଅନୁଯାୟୀ, ଜୁଲାଇ ୨୦ରେ ଯନ୍ତର ମନ୍ତରଠାରେ ନିୟୋଜିତ ରାପିଡ୍ ଆକ୍ସନ୍ ଫୋର୍ସ (ଆର୍‌ଏଏଫ୍) କର୍ମଚାରୀମାନେ ଦିଲ୍ଲୀ ପୁଲିସର ଜଣେ ଡିସିପି ପାହ୍ୟାର ଅଧିକାରୀଙ୍କ ନିର୍ଦ୍ଦେଶରେ ଦୁଇଥର ଆଣ୍ଟି-ରିଅଟ୍ ଗନ୍ ବ୍ୟବହାର କରିଥିଲେ। ଏହି ଡାଏରୀରେ ସ୍ପଷ୍ଟ କରାଯାଇଛି ଯେ, ଯନ୍ତର ମନ୍ତରର ଜୋନ୍-୧ରେ ନିୟୋଜିତ ଆର୍‌ଏଏଫ୍ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଡିସିପିଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ।

ରିପୋର୍ଟ ଅନୁଯାୟୀ, ସେହିଦିନ ଉତ୍ୟକ୍ତ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଆର୍‌ଏଏଫ୍ ଦ୍ୱାରା ୫୫ଟି ଅଣ-ବୈଦ୍ୟୁତିକ ସେଲ୍‌ଫ, ୧୫ଟି ବୈଦ୍ୟୁତିକ ୫ଟି ଲୁହବୁହା ଗ୍ୟାସ୍ ଗ୍ରେନେଡ୍, ୨ ରାଉଣ୍ଡ ଆଣ୍ଟି-ରିଅଟ୍ ଗନ୍ ବ୍ୟବହାର କରାଯାଇଥିଲା। ଏହି ଆଣ୍ଟି-ରିଅଟ୍ ଗନରେ ପ୍ଲାଷ୍ଟିକ୍ ପେଲେଟ୍ ଥିବା ବାଲିଷ୍ଟିକ୍ କାର୍ଟ୍ରିଜ୍ ବ୍ୟବହାର କରାଯାଇଥିଲା, ଯାହା ଫଳରେ ୪ଜଣ ଆନ୍ଦୋଳନକାରୀ ଆହତ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଏହି ବନ୍ଧୁକରୁ ବାହାରୁଥିବା ଗୋଟିଏ କାର୍ଟ୍ରିଜ୍ ଅନେକ ଖଣ୍ଡରେ ବିଭକ୍ତ ହୋଇ ଏକାସାଙ୍ଗରେ ଅନେକ ଲୋକଙ୍କୁ ଆଘାତ କରିପାରେ। ଏହି ଘଟଣାକୁ ନେଇ ପୂର୍ବତନ ଆଇପିଏସ୍ ଅଧିକାରୀ ଯଶୋବର୍ଦ୍ଧନ ଆଜାଦ୍ ଏବଂ ଅନ୍ୟ ଦୁଇଜଣ ଆହତ ବ୍ୟକ୍ତି ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ଆବେଦନକାରୀମାନେ ବେସାମରିକ ସମାବେଶକୁ ଘଉଡ଼ାଇବା ପାଇଁ ପେଲେଟ୍ ଗନ୍ ବା ପମ୍ପ ଆକ୍ସନ୍ ରାଇଫଲ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବାକୁ ଦାବି କରିଛନ୍ତି। ଘଟଣା ପରେ ଆର୍‌ଏଏଫ୍‌ର ଆଇଜି ସୀମା ଧୁଣ୍ଡିଆ ଏକ ଭର୍ଚୁଆଲ୍ ବୈଠକରେ କହିଛନ୍ତି ଯେ, ଯନ୍ତର ମନ୍ତରରେ ଅତ୍ୟଧିକ ବଳ ପ୍ରୟୋଗ ଅନ୍ୟାୟପୂର୍ଣ୍ଣ ଥିଲା। ସେ ସ୍ପଷ୍ଟ କରିଛନ୍ତି ଯେ ବଳ ପ୍ରୟୋଗ ସର୍ବଦା ନିର୍ଦ୍ଧାରିତ ପ୍ରୋଟୋକଲ୍ ଏବଂ ପ୍ରଶିକ୍ଷଣ ଅନୁଯାୟୀ ହେବା ଉଚିତ୍।

# ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ବିନା ତଦନ୍ତ ନିରର୍ଥକ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ଜୁଲାଇ ୨୦ରେ ଆୟୋଜିତ ଛାତ୍ର ଆନ୍ଦୋଳନ ସମୟରେ ହୋଇଥିବା ହିଂସାକାଣ୍ଡକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। 'ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ନକରି କରାଯାଉଥିବା ତଦନ୍ତର କୌଣସି ମୂଲ୍ୟ ନାହିଁ' ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ପୁଲିସର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ କରି କୋର୍ଟ କହିଛନ୍ତି ଯେ, ଆନ୍ଦୋଳନ ସମୟରେ ପୂର୍ବରୁ ନିର୍ଦ୍ଧାରିତ ନିୟମାବଳୀକୁ ପୁଲିସ ପାଳନ କରିନାହିଁ, ତେଣୁ ଏଥିପାଇଁ ଏକ ନୂତନ ପ୍ରୋଟୋକଲ୍ ବା ନିୟମାବଳୀର ଆବଶ୍ୟକତା ରହିଛି। ଏହି ମାମଲାର ନିରପେକ୍ଷ ତଦନ୍ତ ପାଇଁ ଆସନ୍ତା ସୋମବାର ସୁପ୍ରିମକୋର୍ଟ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରିବାକୁ ସୂଚନା ଦେଇଛନ୍ତି। ଜଣେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି କିମ୍ବା ପୂର୍ବତନ ପ୍ରଧାନ ବିଚାରପତିଙ୍କ ନେତୃତ୍ୱରେ ଏହି କମିଟି ଗଠନ କରାଯିବା ବୋଲି କୁହାଯାଇଛି। ପୁଲିସ ଦ୍ୱାରା ହୋଇଥିବା ଅତ୍ୟାଚାରର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟିର ଆବଶ୍ୟକତା ଥିବା କୋର୍ଟ ଦର୍ଶାଇଛନ୍ତି। ଏହା ସହିତ କେନ୍ଦ୍ର ସରକାରଙ୍କ ସମେତ ଅନ୍ୟ ୭ଟି ରାଜ୍ୟ ଯଥା ଆସାମ, ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ କେରଳକୁ କୋର୍ଟ ଜବାବ୍ ମାଗିଛନ୍ତି।



- କକ୍ରୋଚ୍ ଆନ୍ଦୋଳନ ବେଳ ହିଂସା
- କମିଟି ଗଠନ ହୋଇପାରେ

ସୂଚନାଯୋଗ୍ୟ, ଜୁଲାଇ ୨୦ରେ ଯନ୍ତର ମନ୍ତରରୁ ସଂସଦ ଅଭିମୁଖେ ସିଜେପି ସମର୍ଥକ ଓ ଛାତ୍ରଛାତ୍ରୀ ସଂସଦ ଘେରଉ ପାଇଁ ବାହାରିଥିଲେ। ସେମାନଙ୍କୁ ରୋକିବା ପାଇଁ ପୁଲିସ ଲୁହବୁହା ଗ୍ୟାସ ଏବଂ ଲାଠିଚାଳନା କରିଥିଲା। ଛାତ୍ରଙ୍କ ପକ୍ଷରୁ ଓକିଲ ଶ୍ୟାମ ଦିୱାନ କୋର୍ଟରେ ଯୁକ୍ତି କରିଥିଲେ ଯେ, ପୁଲିସ ପକ୍ଷରୁ ପେଲେଟ୍ ଗନ୍ ବ୍ୟବହାର କରାଯିବା ସହ ସାଧା ପୋଷାକରେ ଥିବା କର୍ମଚାରୀମାନେ ହିଂସା ଘଟାଇଥିଲେ। ଏହାର ଉତ୍ତରରେ କେବଳ ଆନ୍ଦୋଳନ ହେଉଛି ବୋଲି ପୁଲିସ ଲାଠିଚାଳନା କରିପାରିବ ନାହିଁ ବୋଲି କୋର୍ଟ କଡ଼ା ମନ୍ତବ୍ୟ ଦେଇଛନ୍ତି। ପ୍ରଧାନ ବିଚାରପତି ବିରୋଧ ପ୍ରଦର୍ଶନକୁ ଗଣତନ୍ତ୍ରର ଏକ ଅଂଶ ବୋଲି କହିଛନ୍ତି। ଏହାସହ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ଆନ୍ଦୋଳନରେ ବାହାରୁ ଆସିଥିବା କିଛି ଅସାମାଜିକ ତତ୍ତ୍ୱ ପ୍ରବେଶ କରି ହିଂସା ଘଟାଇଥାଇ ପାରନ୍ତି ବୋଲି କୋର୍ଟ ଆଶଙ୍କା କରିଛନ୍ତି। ଅନ୍ୟପକ୍ଷରେ, ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କହିଛନ୍ତି ଯେ, ଏହି ହିଂସାରେ ପ୍ରାୟ ୨୫୦ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି ଏବଂ ଏଥିରେ ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିମାନେ ସାମିଲ ଥିଲେ। ତେବେ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଯଦି କେହି ସୀମା ଲଂଘନ କରିଥାନ୍ତି, ତେବେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ କୌଣସି ଅପରାଧିକ ରେକର୍ଡ ନଥିବା ଗିରଫ ଛାତ୍ରଛାତ୍ରୀଙ୍କୁ ମୁକ୍ତ କରିବା ପାଇଁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# କକ୍ରୋଚ୍ ଆନ୍ଦୋଳନରେ ୨, ୮୭୩ ଅପରାଧୀ ସାମିଲ: ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ସିଜେପି ପକ୍ଷରୁ 'ସଂସଦ ଚଲୋ' ପଦଯାତ୍ରାରେ ବହୁ ସଂଖ୍ୟାରେ ଅପରାଧୀ ସାମିଲ ଥିବା ନେଇ ଦିଲ୍ଲୀ ପୁଲିସ ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରଦାନ କରିଛି। ସିସିଟିଭି ଫୁଟେଜ୍ ଏବଂ ଫେସିଆଲ୍ ରିକଗ୍ନିସନ୍ ସିଷ୍ଟମ ପରି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ପୁଲିସ ପ୍ରାୟ ୨, ୮୭୩ ଜଣ ଅପରାଧୀଙ୍କୁ ଚିହ୍ନଟ କରିଛି। ଏହି ଅପରାଧୀମାନେ ବିକ୍ଷୋଭ ପ୍ରଦର୍ଶନରେ ସକ୍ରିୟ ଥିଲେ ବୋଲି ପୁଲିସ ସୂଚନା ଦେଇଛି। ଦିଲ୍ଲୀ ପୁଲିସର ରେକର୍ଡ ଅନୁଯାୟୀ, ଚିହ୍ନଟ ହୋଇଥିବା ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ୯୮୯ ଜଣଙ୍କ ବିରୋଧରେ ଅତି ଗୁରୁତର ଆପରାଧିକ ମାମଲା ରହିଛି। ବିଶେଷ କରି ୧୦୧ ଜଣ ହତ୍ୟା ଅଭିଯୁକ୍ତ ଏହି ଆନ୍ଦୋଳନରେ ସାମିଲ ଥିଲେ। ପୁଲିସ ଦ୍ୱାରା ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ବିକ୍ଷୋଭକାରୀଙ୍କ ମଧ୍ୟରେ ୧୦୧ ଜଣ ହତ୍ୟା ଅଭିଯୁକ୍ତ, ୬୨ ଜଣ ହତ୍ୟା ଉଦ୍ୟମ ଅଭିଯୁକ୍ତ, ୨୮୪ ଜଣ ଡକାୟତି ଓ ରାହାଜାନି, ୬୧ ଜଣ ଦୁଷ୍କର୍ମ ଅଭିଯୁକ୍ତ ଏବଂ ୬ ଜଣଙ୍କ ବିରୋଧରେ ପକ୍ସୋ ମାମଲା ରହିଛି। ସେହିପରି ମହିଳାଙ୍କ ବିରୋଧରେ ଅପରାଧ (୨୫), ଅସ୍ତ୍ରଶସ୍ତ୍ର ଆଇନ ବା ଆର୍ମସ ଆକ୍ଟ (୨୨୯), ଛିନତାଇ (୧୩୫), ଅପହରଣ (୧୯) ଏବଂ ନିଶାଦ୍ରବ୍ୟ କାରବାର (୬୭) ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନେ ମଧ୍ୟ ଏହି ଭିଡ଼ରେ ଉପସ୍ଥିତ ଥିଲେ।

ଜୁଲାଇ ୨୦ରେ ଯନ୍ତର ମନ୍ତର ଅଞ୍ଚଳରେ ହୋଇଥିବା ଏହି ସଂଘର୍ଷରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିକ୍ଷୋଭକାରୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲାଠିଚାର୍ଜ ଏବଂ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଏହି ହିଂସାରେ ୧୧୮ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି, ଯେଉଁଥିରେ ସ୍ପେଶାଲ କମିଶନର, ଯୁଗ୍ମ କମିଶନର ଏବଂ ଡିସିପି ପାହ୍ୟାର ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି। ଅନ୍ୟପକ୍ଷରେ ପ୍ରାୟ ୬୦ ଜଣ ଆନ୍ଦୋଳନକାରୀ ଆହତ ହୋଇଥିବା ସୂଚନା ମିଳିଛି। ଏହାସହ ସାମାଜିକ ଗଣମାଧ୍ୟମରେ ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅପମାନଜନକ ଓ ଆପତ୍ତିଜନକ ପୋଷ୍ଟ ଶେୟାର କରାଯିବାକୁ ଦିଲ୍ଲୀ ପୁଲିସ ଗୁରୁତର ସହ ନେଇଛି। ଏପରି ଭିଡିଓ ଓ ବିଷୟବସ୍ତୁଗୁଡ଼ିକୁ ହଟାଇବା ପାଇଁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ନୋଟିସ୍ ଜାରି କରାଯାଇଛି। ପୁଲିସ ମୁତାବକ, ଏହି ଅପରାଧୀମାନଙ୍କ ମଧ୍ୟରୁ ଅନେକ ବାରମ୍ବାର ଅପରାଧ ଘଟାଉଥିବା ବ୍ୟକ୍ତି ଅଟନ୍ତି।

# ସ୍ତ୍ରୀକୁ ହତ୍ୟା କରି ଶାଶୂ ଶ୍ୱଶୁରଙ୍କୁ ଭିଡିଓ କଲ୍‌ରେ ଦେଖାଇଲା ସ୍ୱାମୀ

ବାଗଲକୋଟ, ୨୮।୭(ଏଜେନ୍ସି): କର୍ଣ୍ଣାଟକର ବାଗଲକୋଟ ଜିଲ୍ଲାରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ନିଜ ଶାଶୁ ଶ୍ୱଶୁରଙ୍କୁ ଭିଡିଓ କଲ୍ କରି ସେହି ଦୃଶ୍ୟ ଦେଖିବାକୁ ବାଧ୍ୟ କରିଥିବା ଘଟଣା ସାମ୍ନାକୁ ଆସିଛି। ସୋମବାର ରାତିରେ ଘଟିଥିବା ଏହି ଜଘନ୍ୟ ହତ୍ୟାକାଣ୍ଡ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରବୀଣ ଜିଗାଲୁରୁ ନିଜ ପତ୍ନୀ ଭାଗ୍ୟଶ୍ରୀ (୨୩)ଙ୍କୁ ଏକ କାଠ ବାଡ଼ିରେ ନିର୍ମମ ଭାବେ ପିଟିଥିଲେ। ଏହାପରେ ସେ ଏକ ଓଢ଼ଣୀକୁ ଭାଗ୍ୟଶ୍ରୀଙ୍କ ବେକରେ ବାନ୍ଧି ଶୋଇବା ଘରେ ଟାଙ୍ଗି ଦେଇଥିଲା। ମୃତ୍ୟୁ ସହିତ ସଂଗ୍ରାମ କରି ଛଟପଟ ହେଉଥିବା ସମୟରେ ଅଭିଯୁକ୍ତ ଭାଗ୍ୟଶ୍ରୀଙ୍କ ପିତାମାତାଙ୍କୁ ଭିଡିଓ କଲ୍ କରି ସେମାନଙ୍କ ଝିଅର ଅନ୍ତିମ ମୁହୂର୍ତ୍ତକୁ ଦେଖିବାକୁ ବାଧ୍ୟ କରିଥିଲା। ଏହାପରେ ସେ ଏହି ସମଗ୍ର ଘଟଣାର ଏକ ଭିଡିଓ ରେକର୍ଡ କରି ନିଜର ସମ୍ପର୍କୀୟ ଏବଂ ବନ୍ଧୁମାନଙ୍କୁ ମଧ୍ୟ ପଠାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରବୀଣ ନିଜ ପତ୍ନୀଙ୍କର ଅନ୍ୟ କାହା ସହ ସମ୍ପର୍କ ଥିବା ସନ୍ଦେହ କରୁଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ପ୍ରାୟତଃ ବିବାଦ ଲାଗି ରହୁଥିଲା। ସେଥିପାଇଁ ଭାଗ୍ୟଶ୍ରୀ ନିଜ ପିତାମାତାଙ୍କ ଘରେ ରହୁଥିଲେ। ତେବେ ତାଙ୍କୁ ବୁଝାସୁଝା କରି ପ୍ରବୀଣ ଗତକାଲି ଭାଗ୍ୟଶ୍ରୀଙ୍କୁ ଘରକୁ ଫେରାଇ ଆଣିଥିଲା। କିନ୍ତୁ ସନ୍ଧ୍ୟାରେ ହିଁ ସେ ତାଙ୍କୁ ହତ୍ୟା କରିଥିଲା।

# ଜଳୁଛି ପିଓକେ: ସୁରକ୍ଷାକର୍ମୀଙ୍କ ଗୁଳିରେ ୧୯ ମୃତ

ମୁଜାଫରାବାଦ, ୨୮।୭(ଏଜେନ୍ସି): ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଚାଲିଥିବା ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ସମୟରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ନିର୍ବାଚନ ବର୍ଜନ ଦାବିରେ ଆନ୍ଦୋଳନ କରୁଥିବା ପ୍ରଦର୍ଶନକାରୀଙ୍କ ଉପରେ ପାକିସ୍ତାନୀ ସୁରକ୍ଷା ବାହିନୀ ଗୁଳିଚାଳନା କରିବା ଫଳରେ ୧୯ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଲୋକ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ରାୱାଲାକୋଟ୍ ଅଞ୍ଚଳରେ ଜଏଣ୍ଟ ଆୱାମୀ ଆକ୍ସନ କମିଟି (ଜେଏଏସି) ପକ୍ଷରୁ ସରକାରଙ୍କୁ ବିରୋଧ କରି ଶୋଭାଯାତ୍ରା ବାହାରିଥିଲା। ଏହି ସମୟରେ ସୁରକ୍ଷାକର୍ମୀଙ୍କ ସହ ସେମାନଙ୍କର ସଂଘର୍ଷ ଘଟିଥିଲା। ଜେଏଏସି ଅଭିଯୋଗ କରିଛି ଯେ ସୁରକ୍ଷା ବାହିନୀ ପ୍ରଦର୍ଶନକାରୀଙ୍କ ଉପରେ ଆଖିମୁଜା ଗୁଳିଚାଳନା କରିଥିଲେ। ସେଥିରେ ୧୯ ଜଣଙ୍କର ପ୍ରାଣହାନି ଘଟିଛି। ଅପରପକ୍ଷରେ, ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଭିଯୋଗ କରିଛି ଯେ ଶାସକ ପାକିସ୍ତାନ ମୁସଲିମ ଲିଗ୍-ନୱାଜର ସମର୍ଥକଙ୍କ ଗୁଳିରେ ତାଙ୍କର ଜଣେ କର୍ମୀଙ୍କ ମୃତ୍ୟୁ ଘଟିଛି। ନିର୍ବାଚନ ବର୍ଜନ ଡାକରାର ପ୍ରଭାବରେ ଡାଡିଆଲ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୁଥରେ ଜଣେ ହେଲେ ଭୋଟର ମତଦାନ କରିବାକୁ ଆସି ନାହାନ୍ତି। ଅନେକ ଅଞ୍ଚଳରେ ମତଦାନ କେନ୍ଦ୍ରଗୁଡ଼ିକ ଖାଲି ପଡ଼ିଥିବା ଦେଖାଯାଇଛି। ଏହି ବିକ୍ଷୋଭର ମୂଳରେ ରହିଛି କାଶ୍ମୀରୀ ଶରଣାର୍ଥୀଙ୍କ ପାଇଁ ସଂରକ୍ଷିତ



୧୨ଟି ଆସନ। ପିଓକେ ବାହାରର ଲୋକଙ୍କୁ ପିଓକେରେ ସରକାର ଗଠନ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ୍ ନୁହେଁ ବୋଲି ଜେଏଏସିର ଦାବି କରିଛି। ପରିସ୍ଥିତି ଗୁରୁତର ଥିବାରୁ ପୁଞ୍ଚ ଡିଭିଜନରେ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି। ପୂର୍ବରୁ ୨୦୨୧ ନିର୍ବାଚନ ପରଠାରୁ ପିଓକେ ରାଜନୀତିରେ ଅସ୍ଥିରତା ଲାଗି ରହିଛି। ଏହି ଅଞ୍ଚଳରେ ଅନେକ ଥର ପ୍ରଧାନମନ୍ତ୍ରୀ ମଧ୍ୟ ପରିବର୍ତ୍ତନ ହୋଇଛନ୍ତି। ଇମ୍ରାନ ଖାନଙ୍କ ଦଳ ଆନ୍ଦୋଳନକାରୀଙ୍କ ସମର୍ଥନରେ ଏହି ନିର୍ବାଚନକୁ ବର୍ଜନ କରିଛି। ସମ୍ପୂର୍ଣ୍ଣ ଅଞ୍ଚଳରେ ୧୮, ୦୦୦ ରୁ ଅଧିକ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଏହି ଘଟଣା ଉପରେ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପାକିସ୍ତାନର ନିନ୍ଦା କରିଛି।

# ବର୍ଷାପାଣିରେ ବୁଡ଼ିଲା ବାଲେଶ୍ୱର ସହର

ବାଲେଶ୍ୱର,୨୮।୭ (ସମିସ): ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୨୪୬.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଲଗାଣ ବର୍ଷା ଫଳରେ ସହରର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିବା ବେଳେ ଅନେକ ଘରେ ପାଣି ପଶିଯାଇ ଲୋକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ସହରର ଗୋପାଳ ଗାଁ, ସିନେମା ଛକ, ନୂଆସାହି, ବାଲିଆ ରାସ୍ତା,



ଦରଜୀ ପୋଖରୀ, ଆଜିମାବାଦ, ପଣ୍ଡୁଁଆପଦା, ଭାସ୍କରଗଞ୍ଜ, ଚୁନଭାଟି, ମଠସାହି, ଗୁଡ଼ିପଦା, କଂଗ୍ରେସ ଗଳି, ଚିଡ଼ିଆପୋଲ, କୁରୁଡା ଏବଂ ରେମୁଣା ଗୋଲେଇ ପ୍ରମୁଖ ଅଞ୍ଚଳରେ ରାସ୍ତାଘାଟ ଜଳମଗ୍ନ ହୋଇପଡ଼ିଛି । ଏସବୁ ସ୍ଥାନରେ ଡ୍ରେନ ପାଣି ରାସ୍ତାରେ ପ୍ରବାହିତ ହେଉଥିବା ବେଳେ ନିମ୍ନାଞ୍ଚଳର ଘରଗୁଡ଼ିକ ଭିତରକୁ ବର୍ଷାଜଳ ପଶିଯାଇଛି । ଫଳରେ ଲୋକମାନଙ୍କ ଆସବାବପତ୍ର, ଖାଦ୍ୟ ସାମଗ୍ରୀ ଏବଂ ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷପତ୍ର କ୍ଷତିଗ୍ରସ୍ତ ହୋଇଛି । ଦୋକାନୀମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ଅନେକ ରାସ୍ତାରେ ଆଣ୍ଠୁଏ ଉପରେ ପାଣି ଚାଲୁଥିବାରୁ ଯାନବାହନ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଦୁଇଚକିଆ ଯାନ ଚାଳକମାନେ ସବୁଠାରୁ ଅଧିକ ହଇରାଣ ହେଉଥିବା ବେଳେ ଅନେକ ଗାଡ଼ି ମଝି ରାସ୍ତାରେ ଫସିରହିଥିବା ଦେଖାଯାଇଛି । ବର୍ଷା ସହ ଜଳବନ୍ଦୀ ପରିସ୍ଥିତି ଯୋଗୁଁ ବ୍ୟବସାୟ, ଶିକ୍ଷା ଓ ସାଧାରଣ କାର୍ଯ୍ୟକଳାପ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଜଳବନ୍ଦୀ ଅଞ୍ଚଳରେ ବହୁ ପରିବାର ଘର ଭିତରେ ଅଟକି ରହିଥିବା ବେଳେ ପାନୀୟ ଜଳ ଓ ଖାଦ୍ୟ ସାମଗ୍ରୀର ଅଭାବ ଦେଖାଦେଇଛି । ବୃଦ୍ଧ, ଶିଶୁ ଓ ରୋଗୀମାନଙ୍କ ଅବସ୍ଥାକୁ ନେଇ ଚିନ୍ତା ପ୍ରକାଶ ପାଉଛି । ଏପଟେ ଲଗାଣ ବର୍ଷା ଓ ଜଳବନ୍ଦୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି । ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ, ବାଲେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ମଙ୍ଗଳବାର ପାଇଁ ବନ୍ଦ ରଖାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଙ୍କୁ ସ୍ଥାନୀୟ ବର୍ଷାଜନିତ ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେମାନଙ୍କୁ ବ୍ଲକ ଓ ଜିଲ୍ଲା ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ରହି ସମ୍ଭାବ୍ୟ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ମଧ୍ୟ କୁହାଯାଇଛି । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ଏହି ପରିପ୍ରେକ୍ଷୀରେ ଜଳବନ୍ଦୀ ଅଞ୍ଚଳର ଲୋକମାନଙ୍କ ପାଖରେ ତୁରନ୍ତ ରନ୍ଧା ଖାଦ୍ୟ, ପାନୀୟ ଜଳ ଏବଂ ଆବଶ୍ୟକୀୟ ରିଲିଫ ସାମଗ୍ରୀ ପହଞ୍ଚାଇବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ସହରରେ ଜମି ରହିଥିବା ପାଣିର ଶୀଘ୍ର ନିଷ୍କାସନ, ଜଳବନ୍ଦୀ ଅଞ୍ଚଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଦୀର୍ଘଦିନ ଧରି ଲାଗି ରହିଥିବା ଡ୍ରେନେଜ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସହରବାସୀ ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି । ବର୍ଷା ଜାରି ରହିଲେ ପରିସ୍ଥିତି ଆହୁରି ସଙ୍କଟଜନକ ହୋଇପାରେ ବୋଲି ଆଶଙ୍କା କରାଯାଉଛି ।

## ଯାଜପୁର ଜିଲ୍ଲାରେ ଫୁଲୁଛି ବୈତରଣୀ
## ବୁଢ଼ା, କାଣୀ ନଦୀରେ ବଡ଼ ବନ୍ୟା ଆଶଙ୍କା

ଯାଜପୁର,୨୮।୭(ସମିସ): ଗତ କିଛି ଦିନ ଧରି ବୈତରଣୀ ନଦୀର ଉପର ମୁଣ୍ଡରେ ଲଗାଣ ବର୍ଷା ଫଳରେ ବୈତରଣୀ ଏବଂ ଏହାର ଶାଖା ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ଆଖୁଆପଦା ଠାରେ ବୈତରଣୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେବା ଫଳରେ ଏହାର ଶାଖା ବୁଢ଼ା, କାଣୀ ନଦୀରେ ବଡ଼ ଧରଣର ବନ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଛି । ସମ୍ଭାବ୍ୟ ବନ୍ୟା ଓ ଲଗାଣ ବର୍ଷା ଜନିତ କ୍ଷୟକ୍ଷତିର ମୂକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ବଡ଼ ଧରଣର ବନ୍ୟାର ଆଶଙ୍କା କରି ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା ସହିତ ସୁରକ୍ଷିତ ସ୍ଥାନ ଯଥା- ସ୍କୁଲ, କଲେଜ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ଚାଲିଯିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି । ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଦଶରଥପୁରରେ ଅବସ୍ଥାନ କରି ପରିସ୍ଥିତିର ସମୀକ୍ଷା କରୁଛନ୍ତି । ବ୍ଲକ କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ବନ୍ୟାମୁକାବିଲାପାଇଁସମସ୍ତପ୍ରଶାସନିକଅଧିକାରୀଙ୍କୁସଜାଗରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳ କାଣୀ ନଦୀର ଅହିୟାସ, କସପା, ମଲ୍ଲୀକାପୁର ଆଦି ସ୍ଥାନର ଦୁର୍ବଳ ନଦୀବନ୍ଧ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରିଛନ୍ତି । ଜଳସମ୍ପଦ ବିଭାଗର ଅଧୀକ୍ଷକ ଯନ୍ତ୍ରୀ ରତ୍ନାକର



ଦଳାଇ, ସହକାରୀ ଯନ୍ତ୍ରୀ ଆନ୍ତର୍ଯ୍ୟାମୀ ମହାନ୍ତି ଏବଂ କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କାଣୀ ନଦୀବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକୁ ଚିହ୍ନଟ କରି ଜରୁରୀ ଭିତ୍ତିରେ ମରାମତି କାମ କରାଯାଇଛି ।

## ବିପଦ ସଂକେତ ଉପରେ ପ୍ରବାହିତ ଜଳକା ନଦୀ
## ବସ୍ତାରେ ପ୍ରଥମ ବନ୍ୟା, ପାଣି ଘେରରେ ୧୮ ପଞ୍ଚାୟତ

ବାଲେଶ୍ୱର ସଦର/ବସ୍ତା ବ୍ଲକ,୨୮।୭(ସମିସ): ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇବା ସହିତ ବସ୍ତାରେ ପ୍ରଥମ ବନ୍ୟା ଆସିଛି । ଗତ କିଛି ଦିନ ଧରି ବାଲେଶ୍ୱର ସମେତ ବସ୍ତା ବ୍ଲକ୍ ଦେଇ ପ୍ରବାହିତ ଜଳକା ନଦୀର ଉପର ମୁଣ୍ଡ ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର, ମୋରଡା, ଶୁଳିଆପଦା, ଚିତ୍ରଡା ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ବିପଦ ସଙ୍କେତ ଅତିକ୍ରମ କରି କ୍ରମଶଃ ବୃଦ୍ଧି ପାଉଛି ଜଳକା ନଦୀର ଜଳସ୍ତର । ମଥାନୀ ଠାରେ ବିପଦ ସଙ୍କେତ ୬.୫୦ ମିଟର ରହିଥିବା ବେଳେ ସକାଳ ୯ ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୫୩ ମିଟରରେ ପ୍ରବାହିତ ହେଉଥିଲା । ଆଜି ମଧ୍ୟ ପ୍ରବଳ ବର୍ଷା ଲାଗି ରହିଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ବସ୍ତା ବ୍ଲକର ୧୨ଟି ଏବଂ ସଦର ବ୍ଲକର ପାଖା ପାଖି ୬ଟି ପଞ୍ଚାୟତ ପ୍ରଭାବିତ ହେବା ସହ ଚାଷଜମି କ୍ଷତିଗ୍ରସ୍ତ ହୋଇଛି । ଚାଷଜମି ରେ ଜଳକା ନଦୀର ବନ୍ୟା ପାଣି





ପ୍ରବେଶ କରିବା ଯୋଗୁ ଧାନ ତଳି ନଷ୍ଟ ହୋଇଛି । ଯାହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ମହାଦେବ ସରାଇ ଗ୍ରାମରେ ଲଗାଣ ଲଘୁଚାପ ଜନିତ ବର୍ଷା ଯୋଗୁଁ ନିରଞ୍ଜନ ପରିଜାଙ୍କ ଘର କାନ୍ଥ ଭୁଷୁଡ଼ି ଯାଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଗ୍ରାମର ଖେଜୁରିଆ ଆଡି ନିକଟରେ ଉଦବୃତ୍ତ ବର୍ଷା ପାଣି ଯୋଗୁଁ ହନ୍ତସନ୍ତ ହେଉଥିବା ପରିବାର ନିକଟରେ ବସ୍ତା ରାଜସ୍ୱ ନିରୀକ୍ଷକ ଏବଂ ସରପଞ୍ଚ ପ୍ରତିନିଧି ପହଂଚି ପାଣି ନିଷ୍କାସନର ବ୍ୟବସ୍ଥା କରାଇଛନ୍ତି । ଗଡ଼ପଦା ଓ ରାଉତପଡ଼ା ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଯାହାକି ପାଖା ପାଖି ବର୍ଷେ ପୂର୍ବେ ତିଆରି ହୋଇଥିଲା ସେହି ରାସ୍ତାର କୌଣସି ଏକ ସ୍ଥାନରେ ଫୁସୁର ପଡ଼ିଯାଇ ରାସ୍ତା ଅତଡ଼ା ଖାଇଯାଇଛି । ସେହିପରି ଲଗାଣ ବର୍ଷା ଫଳରେ ପଳପଳା ନଦୀରେ ଜଳସ୍ତର ବୃଦ୍ଧି ପାଇ ବସ୍ତା ବ୍ଲକ ମୁକୁଳିସି ପଞ୍ଚାୟତ ଅନ୍ତର୍ଗତ ଦୁନ୍ଦ ଠାରେ ଘାଇ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଦୁନ୍ଦ ଓ ଛଚିନା ଗ୍ରାମର ବହୁ ଚାଷଜମିରେ ବନ୍ୟାଜଳ ପ୍ରବେଶ କରି କ୍ଷୟକ୍ଷତି ଘଟାଇଛି । ନଦୀର ବାଲିସାହି ନିକଟରେ ମଧ୍ୟ ଏକ ଘାଇ ସୃଷ୍ଟି ହେବା ଯୋଗୁଁ ଚାଷଜମିରେ ପ୍ରବେଶ କରୁଛି ବନ୍ୟା ପାଣି । ଯାହା ଫଳରେ ୫ ଶହ ଏକରରୁ ଅଧିକ ଚାଷଜମି ଉପରେ ପ୍ରବାହିତ ହେଉଛି ବନ୍ୟାଜଳ । ବିଧାୟିକା ସୁବାସିନୀ ଜେନା ବନ୍ୟା ପ୍ରଭାବିତ ଦୁନ୍ଦ ଓ ଛଚିନା ଅଞ୍ଚଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ, ଘାଇର ମରାମତି ଏବଂ ପ୍ରଭାବିତ ଚାଷୀମାନଙ୍କୁ ଶୀଘ୍ର ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ଜନିତ ଦୁର୍ଘଟଣା ଏଡ଼ାଇବା ପାଇଁ ସମସ୍ତ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ଏବଂ ଯେଉଁଠାରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି, ସେଠାରେ ଶୀଘ୍ର ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ପାଇଁ ଉପସ୍ଥିତ ବିଦ୍ୟୁତ୍ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ସମୟରେ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ହିମାଂଶୁ ସାହୁ, ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିହିର ରଂଜନ ବେହେରାଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ । ବନ୍ୟା ଯୋଗୁ ବସ୍ତା ବ୍ଲକର ଦୁଧାହଂଶା, ମଥାନୀ, ରାଉତପଡ଼ା, ଗଡପଦା, ବାହାର୍ଦ୍ଧା, କୁଡ଼ିଆ, ବାସୁ ଚକୁରୀ, ଦରଡ଼ା, ଇଡିଦା, ସାହାଡ଼ା, ମୁକୁଳୁସି, ବରୁଣ ଗଡ଼ିଆ, ପତ୍ରଝଡା ପଞ୍ଚାୟତ ସହିତ ସଦର ବ୍ଲକର ଶ୍ରୀରାମପୁର, ରସଲପୁର, ଆଙ୍ଗ, କସିପଦା, କୁରାଡ଼ିହା ଆଦି ପଞ୍ଚାୟତର ଅନେକ ଗ୍ରାମ ଓ ଚାଷଜମି ସବୁ ପାଣି ଘେରରେ ରହିଛି । ବର୍ଷା ଲାଗିରହିଥିବାରୁ ଏବଂ ଜଳକା ନଦୀର ଜଳସ୍ତର ବଢିବାରେ ଲାଗିଥିବାରୁ ବସ୍ତାବାସୀ ଆତଙ୍କିତ ହୋଇପଡିଛନ୍ତି ।

## ଭଦ୍ରକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା
## ବୈତରଣୀ ଓ ସାଳନ୍ଦୀ ନଦୀରେ ବନ୍ୟା

ଭଦ୍ରକ,୨୮।୭(ସମିସ): ବଙ୍ଗୋପସାଗରରେ ଲଘୁଚାପ ଯୋଗୁଁ ଭଦ୍ରକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି । ଭଦ୍ରକ ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ଧାମନଗର ଅଞ୍ଚଳରେ ସର୍ବାଧିକ ୧୫୫ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ଜିଲ୍ଲାରେ ହାରାହାରି ୧୦୪.୬୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସେହିଭଳି ଭଦ୍ରକରେ ୧୪୮ ମି.ମି., ତିହିଡ଼ିରେ ୧୧୩ ମି.ମି., ଭଣ୍ଡାରିପୋଖରୀରେ ୧୦୮ ମି.ମି., ବନ୍ତରେ ୧୦୫ ମି.ମି., ଚାନ୍ଦବାଲିରେ ୬୨.୪ ମି.ମି. ଓ ବାସୁଦେବପୁର ଅଞ୍ଚଳରେ ୪୧ ମି.ମି. ବର୍ଷା ରେକର୍ଡ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ସତର୍କ ନଜର ରଖାଯାଇଛି । ନିମ୍ନାଞ୍ଚଳରେ ବସବାସ

- ଧାମନଗରରେ ସର୍ବାଧିକ ୧୫୫ ମିମି ବର୍ଷା, ତଳିଆ ଅଞ୍ଚଳ ଜଳମଗ୍ନ
- ଆଜି ବି ବନ୍ଦ ରହିବ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର

କରୁଥିବା ଲୋକଙ୍କୁ ସତର୍କ ରହିବା ସହ ଅନାବଶ୍ୟକ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି । ସମସ୍ତ ବିଭାଗକୁ ସମ୍ଭାବ୍ୟ ବର୍ଷାଜନିତ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୋମବାରଠାରୁ ଲଗାଣ ବର୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ମଙ୍ଗଳବାର ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଆଦେଶ କ୍ରମେ ଭଦ୍ରକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖାଯାଇଥିଲା । ଜିଲ୍ଲାରେ ଲଗାତାର ବର୍ଷା ଜାରି ରହିଥିବାରୁ ଶିଶୁ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟ ସମେତ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ପାଠପଢ଼ା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁଁ ବିପଦ ସଙ୍କେତ ଉପରେ ସାଳନ୍ଦୀ ଓ ବୈତରଣୀ ନଦୀରେ ବନ୍ୟା ଜଳ ପ୍ରବାହିତ ହୋଇ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି ।

ସାଳନ୍ଦୀ ନଦୀର ଜଳସ୍ତର ଭଦ୍ରକର ରାଜଘାଟଠାରେ ବିପଦ ସଙ୍କେତ ୧୭.୨୦ ମିଟର ଉପରେ ପ୍ରବାହିତ ହେଉଥିବାବେଳେ ବୈତରଣୀ ନଦୀର ଜଳସ୍ତର ଆଖୁଆପଦା ଆନିକଟଠାରେ



୧୮.୩୩ ଉପରେ ପ୍ରବାହିତ ହୋଇଛି । ଜିଲ୍ଲାରେ ୭ଟି ବ୍ଲକ୍‌ର ୩୦ ହଜାର ହେକ୍ଟର ଜାମି ଜଳମଗ୍ନ ହୋଇଛି । ବିଶେଷକରି ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି, ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ ଅଧିକ ଭାବେ ପ୍ରଭାବିତ ହୋଇଥିବା ଜଣାଯାଇଛି । ଅନେକଗୁଡ଼ିଏ ରାସ୍ତା ପାଣିରେ ବୁଡ଼ିଛି । ଚାଷଜମି ଉବୁଡ଼ି ଯାଇଛି । ସେହିପରି ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି । ଭଦ୍ରକ ବ୍ଲକ୍‌ର ଅର୍ଣ୍ଣପାଳ-ମୁକୁନ୍ଦପୁର ପୋଲ ସମ୍ପୂର୍ଣ୍ଣ ବୁଡ଼ି ଯାଇଥିବାବେଳେ ବାଉଦପୁର ପୋଲ ନିକଟରେ ସାଳନ୍ଦୀ ନଦୀର ସ୍ରୋତ ବହୁଛି । ଲଗାଣ ବର୍ଷା ପରେ ବୈତରଣୀ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଭଦ୍ରକ ଜିଲ୍ଲାର ନଦୀକୂଳବର୍ତ୍ତୀ ଅଞ୍ଚଳରେ ସମ୍ଭାବ୍ୟ ବନ୍ୟାକୁ ନେଇ ଚିନ୍ତା ବଢ଼ିଛି । ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ବିଭାଗୀୟ ଯନ୍ତ୍ରୀଙ୍କ ସୂଚନା ଅନୁସାରେ, ରାତି ଆଠଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୧୯.୩୫ ମିଟରରେ ପହଞ୍ଚିଛି ଓ ଆଗକୁ ଏହା ୨୦ ମିଟର ପର୍ଯ୍ୟନ୍ତ ବଢ଼ିବାର ଆଶଙ୍କା ରହିଛି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଧାମନଗର ଜଳସେଚନ ବିଭାଗ ଡାକବଙ୍ଗଳାରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ବନ୍ୟା ପ୍ରସ୍ତୁତି ଓ ମୁକାବିଲା ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି । ଏହାସହ ଜଳସେଚନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ନଦୀକୂଳବର୍ତ୍ତୀ ଓ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସତର୍କ ରହିବା ପାଇଁ ସଚେତନ କରାଯାଉଛି । ଜିଲ୍ଲାପାଳ ଶ୍ରୀ ରାଉତରାଏ ବୈତରଣୀ ଓ ସାଳନ୍ଦୀ ନଦୀରେ ବନ୍ୟା ସ୍ଥିତି ନେଇ ପ୍ରଶାସନ ସଜାଗ ରହିଛି । ବନ୍ୟାଞ୍ଚଳବାସୀଙ୍କୁ ଆବଶ୍ୟକ ହେଲେ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବା ସହ ଶୁଖିଲା ଖାଦ୍ୟ ମହଜୁଦ ରହିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହ୍ୟାଲୋଜିନ୍ ବଟିକା ଆଦି ମହଜୁଦ ରଖାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେବାକୁ ସହ ଲୋକେ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି । ସେହିଭଳି ବନ୍ୟା ପରିସ୍ଥିତି ଓ ଲଗାଣ ବର୍ଷା ଯୋଗୁଁ ବୁଧବାର ମଧ୍ୟ ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖାଯାଇଛି । ତେବେ ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷା କର୍ମଚାରୀମାନେ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବେ ଏବଂ ପ୍ରଶାସନର ଆବଶ୍ୟକତା ଅନୁଯାୟୀ ସେମାନେ ତୁରନ୍ତ ଦାୟିତ୍ୱ ପାଳନ କରିବାକୁ ଆଦେଶ ହୋଇଛି ।

## କୂଳ ଲଂଘିଲା ଗଙ୍ଗାହାର ଓ ବୁଢ଼ାବଳଙ୍ଗ
## ୮ଟି ବ୍ଲକ୍, ୨୬ଟି ପଞ୍ଚାୟତର ୩୨ଟି ଗାଁ ପ୍ରଭାବିତ

ବାରିପଦା,୨୮।୭(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଅବପାତ ପ୍ରଭାବରେ ଅବିଶ୍ରାନ୍ତ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀ ବନ୍ୟା ଜଳ କୂଳ ଲଂଘି ତଳି ଅଞ୍ଚଳରେ ପ୍ରବେଶ କରିଛି । ଶିମିଳିପାଳ ଓ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ନଦୀନାଳର ଜଳସ୍ତର ବୃଦ୍ଧି ପାଇ ଜଳପତନ ବୃଦ୍ଧି ଯୋଗୁଁ କୂଳ ଲଂଘିବାରେ ଲାଗିଛି । ତଳି ଓ ଖାଲୁଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଥିବାରୁ ଧାନଚାଷ ସହିତ ପରିବା ଚାଷ ପ୍ରଭାବିତ ହୋଇଛି । ତେବେ ପ୍ରଭାବିତ ଅଞ୍ଚଳରେ ଲୋକମାନଙ୍କୁ ସ୍ଥାନାନ୍ତର ସହିତ ପରିସ୍ଥିତିର ମୁକାବିଲା ପାଇଁ

### ୧୪ଟି ବନ୍ୟା ଆଶ୍ରୟସ୍ଥଳୀରେ ୧୮ ଶହ ଲୋକଙ୍କୁ ସ୍ଥାନାନ୍ତର

ଜିଲ୍ଲାପାଳ, ଏସପି ସମେତ ପ୍ରଶାସନର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସମୀକ୍ଷା କରୁଛନ୍ତି । ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଓ କଲେଜଗୁଡିକୁ ସୋମବାର ଓ ମଙ୍ଗଳବାର ୨ଦିନ ବନ୍ଦ ଥିବାବେଳେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି ।

ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ୨୬ଟି ବ୍ଲକ ପ୍ରଭାବିତ ହୋଇଛି । ବାରିପଦା, ଖୁଣ୍ଟା, କପ୍ତିପଦା, ଉଦଳା, ବେତନଟୀ, ବଡ଼ସାହି, ରାସଗୋବିନ୍ଦପୁର ଓ ମୋରଡା ମିଶି ୮ଟି ବ୍ଲକର ୨୬ଟି ପଞ୍ଚାୟତର ୩୨ଟି ଗ୍ରାମର ଲୋକ ପ୍ରଭାବିତ ହୋଇଛନ୍ତି । ୧୪ଟି ବନ୍ୟା ଆଶ୍ରୟ ସ୍ଥଳୀରେ ୧୮ଶହ ଲୋକଙ୍କୁ ସ୍ଥାନନାନ୍ତର କରାଯାଇଥିବାବେଳେ ୧୨ଟି ସ୍ଥାନରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ବୁଢ଼ାବଳଙ୍ଗ, ଦେଓ, ଜଳକା (ଜମ୍ବୀରା) ଓ ଗଙ୍ଗାହାର ନଦୀରେ ଜଳସ୍ତର ଦ୍ରୁତ ବୃଦ୍ଧି ସାଙ୍ଗକୁ ଝାଡଖଣ୍ଡର ଗାଲୁହିହୀ ଡ୍ୟାମର ଗେଟ୍ ଖୋଲାଯାଇଥିବାରୁ ସୁବର୍ଣ୍ଣରେଖା ନଦୀ ଜଳପତନ ବୃଦ୍ଧି ପାଇବାରେ ଲାଗିଛି । ବିଭିନ୍ନ ସ୍ଥାନରେ ବର୍ଷା/ବନ୍ୟା ଜଳ ପାଇଁ



ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ସ୍ଥିତିର ସମୀକ୍ଷା ସହ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଓଡ୍ରାଫ ଓ ଦମକଳ ବାହିନୀ ନିୟୋଜିତ ରହିଥିବାବେଳେ ତଳିଆ ଅଞ୍ଚଳ ଲୋକଙ୍କୁ ସତର୍କ କରାଯାଉଛି । ରାଜ୍ୟ ସରକାରଙ୍କ ବର୍ଷା ମାପକ କେନ୍ଦ୍ରରୁ ମିଳିଥିବା ସରକାରୀ ତଥ୍ୟ ଅନୁଯାୟୀ, ଜିଲ୍ଲାର ବେତନଟୀ ବ୍ଲକରେ ସର୍ବାଧିକ ୨୦୨.୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ବଡ଼ସାହିରେ ୧୮୬.୦ ମିମି, ଠାକୁରମୁଣ୍ଡାରେ ୧୮୫ ମିମି, ଖୁଣ୍ଟାରେ ୧୮୧ ମିମି ଓ ଗୋପବନ୍ଧୁନଗର ବ୍ଲକ୍‌ରେ ୧୫୮ ମିମି ବର୍ଷା ହୋଇଛି ।

# ବୈତରଣୀ ବିପଦସଂକେତ ଉପରେ; ଅଚଳ ପଡ଼ିଛି ବୋଟ୍

କେନ୍ଦୁଝର/ଆନନ୍ଦପୁର/ତୁରୁମୁଙ୍ଗା/ଚମ୍ପୁଆ/ତେଲକୋଇ, ୨୮।୭(ସମିସ): ଆନନ୍ଦପୁର, ପାଟଣା ଏବଂ ଚମ୍ପୁଆଠାରେ ବୈତରଣୀ ନଦୀ ଜଳସ୍ତର ବିପଦସଂକେତ ଉପରେ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂତ୍ରରୁ ଜଣାପଡିଛି । ଫଳରେ ତଳ ମୁଣ୍ଡରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ମିଳିଥିବା ସୂଚନା ଅନୁସାରେ ଆନନ୍ଦପୁରଠାରେ ସନ୍ଧ୍ୟା ୬ଟାରେ ବିପଦସଂକେତ ଉପରେ ୩୯.୭୦୦ ମିଟର ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି । ଏଠାରେ ସତର୍କ ସୂଚନା ୩୭.୪୪ ମିଟର ରହିଥିବାବେଳେ ବିପଦସଂକେତ ୩୮.୩୬ ମିଟର ରହିଛି । ରାତି ୯ ଟା ସୁଦ୍ଧା ବୈତରଣୀ ଜଳସ୍ତର ୪୦.୪୬ ମିଟର ରହିଛି । ପାଟଣାରେ ବୈତରଣୀ ନଦୀର ଜଳସ୍ତର ସନ୍ଧ୍ୟା ୫ଟାରେ ୩୧.୨୩୦ ମିଟରରେ ପ୍ରବାହିତ ହେଉଥିଲା । ଏଠାରେ ବିପଦସଂକେତ ୩୧.୧୧୦ ମିଟର ରହିଛି । ବନ୍ୟାଜଳ ଅଧିକ ମାତ୍ରାରେ ପ୍ରବାହିତ ହେବାରୁ ନଦିତଳିଆ ଗାଁଗୁଡିକୁ ବନ୍ୟା ଜଳ ଘେରିଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାର ଚମ୍ପୁଆଠାରେ ୮୨.୦୬ ମିଲିମିଟର, ପାଟଣାରେ ୧୧୪.୦୦, ଆନନ୍ଦପୁର ୯୯.୦୬, କେନ୍ଦୁଝର ୯୪.୦୦, ସାହାରପଡାରେ ୫୮.୦୨ ଏବଂ ଘଟଗାଁରେ ସର୍ବାଧିକ ୧୧୪.୦୪ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ସୂଚନା ରହିଛି । ମଙ୍ଗଳବାର ସକାଳ ୮ଟାରୁ ଅପରାହ୍ନ ୪ଟା ମଧ୍ୟରେ ଜିଲ୍ଲାରେ ମୋଟ ୧୦୬୨.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ପାଟଣା ତହସିଲ ଅଞ୍ଚଳରେ ୧୯ଟି ଘର ସହ ସାହାରପଡା ତହସିଲ ଅଞ୍ଚଳରେ ୮ଟି ଘର ଭାଙ୍ଗିଛି । ପ୍ରଶାସନ

- ବହୁ ପରିବାର ବେଘର, ଭାସିଗଲେ ଯୁବତୀ
- ୪୯ ନଂ ରାଜପଥକୁ ବନ୍ଦ କଲା ଏନ୍‌ଏଚ୍‌ଆଇ
- ଆନନ୍ଦପୁର ବ୍ୟାରେଜ୍ ଖୋଲିଲା ୨୭ ଗେଟ୍
- ରେମାଳ ଡ୍ୟାମ୍ ୨ ଗେଟ୍ ଖୋଲା

ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ଲୋକଙ୍କୁ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ ହାତୀକୁଚା ଗାଁର ପୁରୁଣାସାହି ଛିଟିଙ୍ଗା ନାଳ ପୋଲ ଉପରେ ଲଘୁଚାପଜନିତ ଲଗାଣାବର୍ଷାରେ ବଢି ପାଣି ପ୍ରବାହିତ ହୋଇଛି । ଏପାରିରୁ ସେପାରି ଯାତାୟାତ ଠପ୍ ହୋଇଛି । ପଦ୍ମପୁର ସମେତ ଅନ୍ୟାନ୍ୟ ଅଞ୍ଚଳକୁ ଯା'ଆସ କରିପାରି ନଥିଲେ । ପାଣି କମିବା ପରେ ଯାତାୟତ ସ୍ୱାଭାବିକ ହୋଇଛି । ଅନ୍ୟପକ୍ଷରେ, କେନ୍ଦୁଝର ଜିଲ୍ଲାର ରେମାଳ ଡ୍ୟାମ ଜଳଭଣ୍ଡାରରେ ଆଜି ଦୁଇଟି ଗେଟ ଖୋଲିଦେଇଥିବାରୁ ରେମାଳ ସମେତ କୁସେଇ ନଦୀରେ ବନ୍ୟାଜଳ ଅଧିକ ମାତ୍ରାରେ ପ୍ରବାହିତ ହୋଇଛି । ଆଜି ଜଳଭଣ୍ଡାରରେ



୧୧୭. ୫୭ ମିଟର ଜଳପତନ ବୃଦ୍ଧି ହୋଇଛି । ନଦୀରେ ଅଧିକ ମାତ୍ରାରେ ବନ୍ୟାଜଳ ଆସିଥିବା ଜାଣି ନପାରି ଗାଧୋଇବାକୁ ଯାଇଥିବା କେଶଦୁରାପାଳ ଗ୍ରାମର କୁଳମଣି ପାତ୍ରଙ୍କ ଝିଅ ଉର୍ମିଳା ପାତ୍ର (୨୪) ପାତ୍ରସାହି ଘାଟରେ ଭାସି ଯାଇଛନ୍ତି । ଅନେକ ସମୟ ଧରି ଖୋଜାଖୋଜି ପରେ ବି ଯୁବତୀଙ୍କ ପତ୍ତା ମିଳିନାହିଁ । ଏନେଇ ପରିବାର ପକ୍ଷରୁ ଘସିପୁରା ଥାନାରେ ଅଭିଯୋଗ ହୋଇଛି ।





ହାଟଡିହି ବ୍ଲକର ଅନେକ ଗ୍ରାମବାସୀ ଜଳବନ୍ଦୀ ହୋଇଥିବା ଜଣାଯାଇଛି । ବନ୍ୟା ମୁକାବିଲା ପାଇଁ ଥିବା ରିଲିଫ ବୋଟ ଦୀର୍ଘ ୫ ବର୍ଷ ଧରି ଅଚଳ ହୋଇପଡ଼ିଥିଲେ ମଧ୍ୟ ବିକଳ୍ପ ବ୍ୟବସ୍ଥା ହୋଇପାରିନାହିଁ । ଚମ୍ପୁଆଠାରେ ସନ୍ଧ୍ୟା ୫ଟା ବେଳକୁ ବୈତରଣୀ ନଦୀରେ ୩୭୩.୫୮ ମିଟରରେ ପ୍ରବାହିତ ହେଉଥିଲା । ଏଠାରେ ସାଧାରଣତଃ ବିପଦସଂକେତ ୩୭୬.୪୧ ମିଟର ରହିଥିବାବେଳେ ସନ୍ଧ୍ୟା ୬ଟା ବେଳକୁ ସେଠାରେ ମଧ୍ୟ ବିପଦସଂକେତ ଟପିଥିବା ଜଣାପଡିଛି । ପ୍ରବଳ ବର୍ଷା ଯୋଗୁଁ କାନ୍‌ଝାରୀ ଡ୍ୟାମ୍ ଜଳସ୍ତର ବୃଦ୍ଧି ପାଇବା କାରଣରୁ ଏଠାରେ ୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଥିବା ସୂଚନା ମିଳିଛି । ଜାତୀୟ ରାଜପଥ ୪୯ର ଜଗମୋହନପୁର-ଜନସନପୁର ରାସ୍ତାର ରୁଗୁଡି ଗାଁ ନିକଟରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା କାରଣରୁ ସେହି ରାସ୍ତା ଦେଇ ଗାଡିମୋଟର ଚଳାଚଳକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସାମୟିକ ଭାବେ ନିଷିଦ୍ଧ କରିଛନ୍ତି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଭାରୀଯାନ ଅଟକି ରହିଛି । ଅନ୍ୟ ରାସ୍ତା ଦେଇ ଗମନାଗମନ କରିବାକୁ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି ।

ସକାଳ THE SAKALA



# ଯାଜପୁରକୁ ବିପଦ ବୁଢ଼ା, କାଣୀ, ବୈତରଣୀ



ଯାଜପୁର,୨୮।୭(ସମିସ):

ଲଗାଣ ବର୍ଷା ଫଳରେ ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ଆଖୁଆପଦା ଠାରେ ବୈତରଣୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେବା ଫଳରେ ଏହାର

- **ତଳିଆ ଅଞ୍ଚଳବାସୀ ନିରାପଦ ସ୍ଥାନକୁ ଚାଲିଯିବାକୁ ନିର୍ଦ୍ଦେଶ**
- **ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି**

ଶାଖା ବୁଢ଼ା, କାଣୀ ନଦୀରେ ବଡ଼ ଧରଣର ବନ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଛି। ସମ୍ଭାବ୍ୟ ବନ୍ୟା ଓ ଲଗାଣ ବର୍ଷା ଜନିତ କ୍ଷୟକ୍ଷତିର ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ବଡ଼ ଧରଣର ବନ୍ୟାର ଆଶଙ୍କା କରି ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା ସହିତ ସୁରକ୍ଷିତ ସ୍ଥାନ ଯଥା- ସ୍କୁଲ, କଲେଜ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ଚାଲିଯିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି। ଆଜି ପୂର୍ବାହ୍ନରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଲଗାଣ ବର୍ଷା ଓ ବୈତରଣୀ ନଦୀରେ ସମ୍ଭାବ୍ୟ ବନ୍ୟା ସ୍ଥିତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ରାତି ସୁଦ୍ଧା ବୈତରଣୀ ନଦୀରେ ଅଧିକ ବନ୍ୟାଜଳ ପ୍ରବାହିତ ହେବାର ସମ୍ଭାବନା ଥିବାରୁ, ବିଶେଷ କରି ଯାଜପୁର, ବିଞ୍ଝାରପୁର ଏବଂ ଦଶରଥପୁର ବ୍ଲକ୍ ଅଞ୍ଚଳ ଅଧିକ ପ୍ରଭାବିତ ହେବା ନେଇ ଆଶଙ୍କା କରାଯାଉଛି।

ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ତଳିଆ ଅଞ୍ଚଳ ଓ ବନ୍ୟା ପ୍ରବଣ ଅଞ୍ଚଳର ଲୋକଙ୍କୁ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ଆଶ୍ରୟସ୍ଥଳ ସ୍କୁଲଗୁଡ଼ିକୁ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ସେଠାରେ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇବାକୁ ବିଡ଼ିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ବ୍ଲକ ଗୁଡ଼ିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିବରଣୀ ଜିଲ୍ଲା ଜରୁରୀକାଳୀନ ବିଭାଗକୁ ପଠାଯିବ। ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଚୁଡ଼ା, ଗୁଡ଼ ଓ ପଲିଥିନ୍ ମହଜୁଦ ରଖିବାକୁ ଜିଲ୍ଲା ଯୋଗାଣ ଅଧିକାରୀ ଓ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ଗର୍ଭବତୀ ମହିଳାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆସନ୍ନ ପ୍ରସବା ଗର୍ଭବତୀ ମହିଳାଙ୍କୁ ନିରାପଦ ସ୍ଥାନ/ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବ।

## ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ

ଯାଜପୁର, ୨୮।୭(ସମିସ): ଯାଜପୁର ଜିଲ୍ଲାରେ ଲଗାଣ ବର୍ଷା ଏବଂ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତାକାଲି ବୁଧବାର ଜିଲ୍ଲାର ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ, ଯୁକ୍ତ ଦୁଇ, ଆଦର୍ଶ ବିଦ୍ୟାଳୟ ସମେତ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ରଖାଯିବାକୁ ଘୋଷଣା କରାଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତି ନିଆଯାଇଛି। ଏ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ବିଜ୍ଞପ୍ତି ମାଧ୍ୟମରେ (୮୮୯୩) ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷାଧିକାରୀ ଏବଂ ଶିକ୍ଷାନୁଷ୍ଠାନର ମୁଖ୍ୟ ମାନଙ୍କୁ ଅବଗତ କରାଯାଇଛି।

ସମସ୍ତ ଡାକ୍ତରଖାନାରେ ସାପ କାମୁଡ଼ା ଔଷଧ, ଓଆରଏସ, ବ୍ଲିଚିଂ ପାଉଡର ଓ କ୍ଲୋରିନ୍ ଟାବଲେଟ୍ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡ୍ରାଫ ଟିମ୍ ମୁତୟନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାସହ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଜଳ ବିଶୁଦ୍ଧିକରଣ ଦାୟିତ୍ୱ ଦିଆଯାଇଛି। ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ସହ ଗୋଖାଦ୍ୟ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲଗୁଡ଼ିକୁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯାଉଥିବାରୁ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ସିଆର୍‌ସିସି ଓ ପ୍ରଧାନଶିକ୍ଷକମାନେ ଉପସ୍ଥିତ ରହିବେ। ବର୍ଷା ଯୋଗୁଁ କୃଷି ଫସଲର କ୍ଷତି ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରିବାକୁ କୃଷି ଅଧିକାରୀଙ୍କୁ କୁହାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସମସ୍ତ ବିଡିଓ, ତହସିଲଦାର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ , ଅଧିକ୍ଷଣ ଯନ୍ତ୍ରୀ ଜଳସମ୍ପଦ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦଶରଥପୁରରେ ସ୍ଥିତି ପରଖିଲେ ଜିଲ୍ଲାପାଳ



ଦଶରଥପୁର/କୟାଁଗୋଲା,୨୮।୭(ସମିସ): ବୈତରଣୀ ଓ କାଣୀ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଦଶରଥପୁର ବ୍ଲକରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ନିଶ୍ଚିତ ବନ୍ୟା ଆଶଙ୍କାକୁ ନେଇ ବ୍ଲକ ଅଧୀନ ମଲ୍ଲିକାପୁର, କସପା, ତରପଦା, ଦୁଦୁରାଅନ୍ତା, ଦଉପୁର, ଶୁଶୁଆ, କନିକାପଡା, ନିଜାମପୁର, କମାରଢିହି, ଖାନନଗର, କୟାଁ ଆଦି ପଞ୍ଚାୟତର ଚାଷଜମି ଓ ତଳିଆ ଅଞ୍ଚଳର ଜନବସତି, ରାସ୍ତାଘାଟ ଜଳମଗ୍ନ ହେବା ସମ୍ଭାବନା ବୃଦ୍ଧି ପାଇଛି। ବୈତରଣୀ ଅବବାହିକାରେ ଥିବା କଟିକଟା, ଜୟନ୍ତରା, ଦଶରଥପୁର ପଞ୍ଚାୟତର ଖାଲୁଆ ଅଞ୍ଚଳ ବାସିନ୍ଦା ସମ୍ଭାବିତ ବନ୍ୟା ଆଶଙ୍କାରେ ଭୟଭୀତ ହୋଇପଡିଛନ୍ତି। ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠଯନ୍ତ୍ରୀ ଅରୁଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବୈତରଣୀ ଓ କାଣୀ ନଦୀବନ୍ଧର ବ୍ରହ୍ମଚାରୀପାଟଣା, କସପା, ବଳରାମପୁର, କଟିକଟା ତରାଇ ସାହି ସମେତ ସମ୍ଭାବିତ ଏକାଧିକ ବିପଦସଂକୁଳ ସ୍ଥାନରେ ବହୁଳ ପରିମାଣରେ ବାଲିବସ୍ତା ମହଜୁଦ ରଖିବାକୁ ପ୍ରଶାସନ ତରଫରୁ ପ୍ରସ୍ତୁତି ଜୋରଦାର ଜାରି ରହିଛି। ବିଳମ୍ବିତ ରାତି ସୁଦ୍ଧା ବୈତରଣୀ ଓ ତାର ଶାଖା କାଣୀ ନଦୀରେ ବଡ଼ ବନ୍ୟା ଆସିବ ବୋଲି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯିବା ସହିତ ତଳିଆ ଅଞ୍ଚଳବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନକୁ ପଳାଇଯିବାକୁ ପରାମର୍ଶ ଦେବା ପରେ ନଦୀକୂଳ ବାସିନ୍ଦା ଅତ୍ୟଧିକ ଭୟଭୀତ ହୋଇପଡିଛନ୍ତି। ଆଜି ସନ୍ଧ୍ୟାରେ ଜିଲ୍ଲାପାଳ ଅମ୍ବର କୁମାର କର, ବିଡିଓ ଆକାଶ ପଟ୍ଟନାୟକ, ତହସିଲଦାର ଶୁଭ୍ରାଂଶୁ ସାହୁ, ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, ବିଞ୍ଝାରପୁର ସହକାରୀ ଯନ୍ତ୍ରୀ ଚୈତନ୍ୟ ଜେନା, କନିଷ୍ଠଯନ୍ତ୍ରୀ ଅରୁଣ ତ୍ରିପାଠୀ ଓ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ମଲ୍ଲିକାପୁର, କସପା, କଟିକଟା, ଜୟନ୍ତରା, କୟାଁ, କମାରଢିହି ଆଦି ପଞ୍ଚାୟତର ସମ୍ଭାବିତ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ସ୍ଥାନୀୟ ଜନପ୍ରତିନିଧି, ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ବିସ୍ତୃତ ଆଲୋଚନା କରିଛନ୍ତି। ସମ୍ଭାବିତ ବଡ଼ ବନ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଅନୁରୋଧ କ୍ରମେ ରାଜ୍ୟ ସରକାର ଦଶରଥପୁର ବ୍ଲକକୁ ୨ଟି ଓଡ୍ରାଫ ଟିମ ପଠାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଓଡ୍ରାଫ ଟିମ ରାତି ସୁଦ୍ଧା ବ୍ଲକରେ ପହଞ୍ଚିବେ ବୋଲି ଜଣାଯାଇଛି। ସେହିପରି ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ମନୋଜ ରାଉତ, ମୁକ୍ତିକାନ୍ତ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ସରପଞ୍ଚ ସେକ ନାଦର ପ୍ରମୁଖ ମଲ୍ଲିକାପୁର ଓ କସପା ପଞ୍ଚାୟତର ଏକାଧିକ ଅଞ୍ଚଳ ଅନୁଧ୍ୟାନ କରି ପ୍ରଶାସନ ସମ୍ଭାବିତ ବନ୍ୟା ପୀଡିତଙ୍କୁ ସବୁ ପ୍ରକାରର ସହାୟତା ଯୋଗାଇ ଦେବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବିଜେପି ନେତା ଗୌତମ ରାୟ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଯୁବ ନେତା ଇନ୍ଦ୍ରଜିତ ଦାସ ସେ ଲୋକଙ୍କ ସମସ୍ୟା ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପର୍କରେ ମତାମତ ନେବା ସହ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ।

# ଦାନଗଦି ବଜାର ଉପରେ ଆଣ୍ଠୁଏ ପାଣି

ଦାନଗଦି,୨୮।୭(ସମିସ): ଲଘୁଚାପ ବର୍ଷାରେ ଦାନଗଦି ବଜାର ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି। ତ୍ରିଜଙ୍ଗା କଲୋନୀ ସମେତ ଧୂଳିଗଡ଼ ଝାଟି ଜଙ୍ଗଲରୁ ବର୍ଷା ଜଳ ସବୁ



ନିଷ୍କାସନ ନ ହୋଇପାରି କୃତ୍ରିମ ବନ୍ୟା ସୃଷ୍ଟି କରିଛି। ମହାରଣା ଟ୍ରେଡର୍ସ ସମ୍ମୁଖରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ମିଲିଟାରୀ ଛକ-ଡୁବୁରୀ ରାସ୍ତାର ଦାନଗଦି ବଜାର ମଧ୍ୟଭାଗରେ ବର୍ଷା ପାଣି ଜମି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି, ଫଳରେ ବାଇକ ଚାଳକ ମାନେ ଗାଡ଼ରେ ପଡ଼ି ଆହତ ହେଉଛନ୍ତି। ବାରମ୍ବାର ପୂର୍ତ୍ତ ବିଭାଗ ଏହି ରାସ୍ତାକୁ ମରାମତି କରୁଥିଲେ ମଧ୍ୟ ଭାରୀଯାନ ଚଳାଚଳ ଯୋଗୁ ଏବଂ ନିମ୍ନ ମାନର କାମ କରାଯାଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ରାସ୍ତାର ଉଭୟ ପାଶ୍ୱର୍ ଡ୍ରେନ ବ୍ୟବସ୍ଥା ନ ଥିବାରୁ ବର୍ଷା ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ତୁରନ୍ତ ପୂର୍ତ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାନଗଦି ଲୋକେ ଦାବି କରିଛନ୍ତି।

# ନୂଆପାଟଣା ଗାଁ ଜଳବନ୍ଦୀ



ବିଞ୍ଝାରପୁର,୨୮।୭(ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ବିଞ୍ଝାରପୁର ବ୍ଲକର ଭଉଙ୍ଗରା ପଞ୍ଚାୟତର ନୂଆପାଟଣା ଗାଁରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଲଗାତାର ବର୍ଷା ଯୋଗୁଁ ୧୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ଘରେ ବର୍ଷା ପାଣି ପଶିଯାଇ ସେମାନେ ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଆର୍‌ଆଣ୍ଡ ବି ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ସମୟରେ ପୂର୍ବରୁ ଥିବା ଡ୍ରେନକୁ ପୋତି ଦିଆଯାଇଥିବାରୁ ବର୍ଷାଜଳର ସ୍ୱାଭାବିକ ନିଷ୍କାସନ ବନ୍ଦ ହୋଇଯାଇଛି। ଫଳରେ ଗାଁ ମଧ୍ୟରେ ପାଣି ଜମି ଘରଗୁଡ଼ିକ ଜଳମଗ୍ନ ହୋଇପଡ଼ିଛି। ଗତ ତିନି ଦିନ ଧରି ବର୍ଷା ଲାଗି ରହିଥିବାରୁ ପରିସ୍ଥିତି ଆହୁରି ଗୁରୁତର ହୋଇଛି। ତେବେ ଏପର୍ଯ୍ୟନ୍ତ ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଜଳବନ୍ଦୀ ପରିବାରଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି। ଜଳବନ୍ଦୀ ପରିବାରମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବା ସହ ବର୍ଷାଜଳ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

ଧର୍ମଶାଳା,୨୮।୭(ସମିସ): ଲଘୁଚାପ ଜନିତ ଲଗାଣ ବର୍ଷାରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଚଳିତ ଜୁଲାଇ ମାସରେ ଆଜି ସୁଦ୍ଧା ପୂର୍ବ ବର୍ଷମାନଙ୍କ ଠାରୁ ଅଧିକ ବର୍ଷା ହୋଇଥିବା ସରକାରୀ ଭାବେ ରେକର୍ଡ କରାଯାଇଛି। ଗତକାଲି ଧର୍ମଶାଳା ଅଞ୍ଚଳରେ ଗତକାଲି ଅପରାହ୍ନ ୫ଟାରୁ ରାତି ସାରା ଏବଂ ଆଜି ମଧ୍ୟାହ୍ନ ପର୍ଯ୍ୟନ୍ତ ବର୍ଷା ଲାଗିରହିଥିଲା। ସମଗ୍ର ଧର୍ମଶାଳା ବ୍ଲକ ଅଞ୍ଚଳରେ ଆଜି ସର୍ବାଧିକ ୫୩ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବର୍ଷା ଲାଗିରହିବା ଫଳରେ ଲୋକମାନଙ୍କ ଗୁରୁତ୍ୱପୂର୍ଣ୍ଣ କାମ ବାଧାପ୍ରାପ୍ତ ହୋଇଛି। ଲଗାଣ ବର୍ଷା ଯୋଗୁଁ ଦିନ ମଜୁରିଆ ମାନେ କାମକୁ ଯାଇନପାରି ଘରେ ରହିବାକୁ ବାଧ୍ୟ ହୋଇଛନ୍ତି। ଫଳରେ ସେମାନଙ୍କ ପରିବାର ଚଳିବ କଷ୍ଟକର ହୋଇପଡିଛି। ତେଣେ ପନିପରିବା ଚାଷ ହୋଇଥିବା ବିଲରେ ପାଣି ପଶିଯିବାରୁ ପନିପରିବା ଚାଷ ନଷ୍ଟ ହୋଇଯାଇଛି। ବର୍ଷାରେ ପନିପରିବା ଚାଷ ନଷ୍ଟ ହେବା ଫଳରେ ପନିପରିବାର ବଜାର ଦର ବୃଦ୍ଧି ପାଇଛି। ଏହି ଲଗାଣ ବର୍ଷା ଯୋଗୁଁ ବ୍ରାହ୍ମଣୀ ନଦୀ ବଢ଼ିବାର ଆଶଙ୍କା ଦେଖାଦେଇଛି। ନଦୀରେ ସମଲ ବ୍ୟାରେଜ ପାଣି ଆସିସାରିଥିବା ବେଳେ ରେଙ୍ଗାଲି ଡ୍ୟାମ ଅଦ୍ୟାବଧି କୌଣସି ଗେଟ୍ ଖୋଲାଯାଇନାହିଁ। ରେଙ୍ଗାଲି ଡ୍ୟାମର ବିପଦ ସଙ୍କେତ ଜଳଧାରଣ କ୍ଷମତା ୧୨୩.୫୦ ରହିଥିବା ବେଳେ ଆଜି ସକାଳ ୯ ଘଟିକା ସୁଦ୍ଧା ଜଳପତ୍ତନ ୧୧୯.୯୨ ମିଟର ରହିଥିବା ସରକାରୀ ୱେବସାଇଟରୁ ଜଣାପଡିଛି। ଯୋଉ ଭଳି ଭାବେ ରେଙ୍ଗାଲି ଡ୍ୟାମର ଜଳପତ୍ତନ ଦିନକୁ ଦିନ ବୃଦ୍ଧି ପାଉଛି ତାହାକୁ ନଜରରେ ରଖି ଡ୍ୟାମ କର୍ତ୍ତୃପକ୍ଷ ଯେ କୌଣସୀ ମୁହୂର୍ତ୍ତରେ ଡ୍ୟାମର ଗେଟ୍ ଖୋଲିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ସଜାଗ ହୋଇ ରହିବା ଆବଶ୍ୟକତା ଦେଖାଦେଇଛି।

**ଅସମ୍ପୂର୍ଣ୍ଣ ଜାତୀୟ ରାଜପଥ ପାଲଟିଛି ବାଧକ**

# ସୁକିନ୍ଦା ଛକରେ ଆଣ୍ଠୁଏ ପାଣି

ସୁକିନ୍ଦା,୨୮।୭(ସମିସ): ଲଗାଣ ବର୍ଷାରେ ସୁକିନ୍ଦା ଅବସ୍ଥା ବେହାଲ। ଗତ ସୋମବାର ଠାରୁ ଲାଗି ରହିଥିବା ବର୍ଷା ଯୋଗୁଁ ସୁକିନ୍ଦାର ବିଭିନ୍ନ ତଳିଆ ଅଞ୍ଚଳ ରେ ବର୍ଷା ପାଣି ପଶିଯାଇଛି। ସବୁଠୁ ବଡ଼ ସମସ୍ୟା ଦେଖିବାକୁ ମିଳିଛି ସୁକିନ୍ଦା ସଦର ମହକୁମାର ବାଘପୋଖରୀ ଛକରେ। ସମଗ୍ର ଛକଟି ବର୍ଷା ପାଣିରେ ଜଳମଗ୍ନ ହୋଇ ରହିଛି। ଫଳରେ ୫୩ନଂ ଜାତୀୟ ରାଜପଥ ଦେଇ ଯାଉଥିବା ଶହ ଶହ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି। ଏହି ଛକଟି ଜାତୀୟ ରାଜପଥ ଉପରେ ଅବସ୍ଥିତ ହୋଇଥିବାରୁ ଏହି ରାସ୍ତା ଦେଇ କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସୁକିନ୍ଦା ଖଣି ଅଞ୍ଚଳକୁ ଅନେକ କର୍ମଚାରୀ, ଶ୍ରମିକଙ୍କ ସମେତ ମାଲବାହୀ ଯାନବାହାନ ଚଳାଚଳ କରିଥାଏ। ସୁକିନ୍ଦା ଛକ ଜଳମଗ୍ନ ଥିବାରୁ ସେମାନଙ୍କ ଯାତାୟାତରେ ନାହିଁ ନଥିବା ଅସୁବିଧା ଦେଖାଦେଇଛି। ବର୍ଷାଜଳ ରାସ୍ତାରୁ ନିଷ୍କାସନ ନହେବାରୁ ରାସ୍ତାରେ ବଡ଼ବଡ଼ ଗର୍ତ୍ତ ଆରମ୍ଭ ହୋଇଗଲାଣି। ତତ୍



ସହିତ ସୁକିନ୍ଦା ଅଞ୍ଚଳର ଜନସାଧାରଣ ଓ ସ୍କୁଲ, କଲେଜର ଛାତ୍ରଛାତ୍ରୀ ନିଜ ଶିକ୍ଷାନୁଷ୍ଠାନକୁ ଯିବା ଆସିବାରେ ସମସ୍ୟା ଭୋଗୁଛନ୍ତି। ଜାତୀୟ ରାଜପଥ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବା କାରଣରୁ ପ୍ରତ୍ୟେକ ବର୍ଷ ବର୍ଷା ଋତୁରେ ଏହି ସମସ୍ୟା ସୃଷ୍ଟି ହେଉଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଓ ଉଦାସୀନତା ଜନସାଧାରଣଙ୍କ ଅସନ୍ତୋଷକୁ ବହୁଗୁଣିତ କରୁଛି। ବହୁ ନେତା ମନ୍ତ୍ରୀ ଓ ଉଚ୍ଚପଦସ୍ଥ ଅଧିକାରୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହି ରାସ୍ତା ଦେଇ ବାରମ୍ବାର ଯିବା ଆସିବା କରୁଥିଲେ ହେଁ ଏଥିପ୍ରତି ଆବଶ୍ୟକ ଦୃଷ୍ଟି ଦେଉ ନଥିବାର ମନେ ହୁଏ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅସମ୍ପୂର୍ଣ୍ଣ ରାଜପଥକୁ ସମ୍ପୂର୍ଣ୍ଣ କରିବା ଜନିତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ବିଞ୍ଝାରପୁରରେ ଜନଜୀବନ ହନ୍ତସନ୍ତ

ସିଂହପୁର,୨୮।୭(ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବିଞ୍ଝାରପୁର ବ୍ଲକର ଅଧିକାଂଶ ଅଞ୍ଚଳ ଅବସ୍ଥା ବେହାଲ ହୋଇପଡ଼ିଛି। ନିରନ୍ତର ବର୍ଷା ଯୋଗୁଁ ସିଂହପୁର, ଜରି, ବାଙ୍ଗରା, ବାଛଳ, ହଳଦୀଡିହ, ଟିଣା, ଫତେପୁର, କଲ୍ୟାଣପୁର ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତ ଜଳମଗ୍ନ ହୋଇପଡିଛି। ରାସ୍ତା ଘାଟରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଲୋକେ ଯାତାୟାତରେ ଘୋର ସମସ୍ୟା ସୃଷ୍ଟି ହୋଇଛି। ସିଂହପୁର ଗ୍ରାମର ଏକ ନମ୍ବର ୱାର୍ଡ ବେଉରିଆ ସାହି, ଜେନା ଓ ମଲ୍ଲିକସାହିର ଅଧିକାଂଶ ଘର ଜଳମଗ୍ନ ହୋଇଯାଇଛି। ଜଳ ନିଷ୍କାସନ ହେଉ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। କେତେକ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡିଛି। ଯାହାଦ୍ୱାରା



ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧ୍ୟ ହୋଇ ସ୍ଥାନୀୟ ଲୋକେ ଜେସିବି ଦ୍ୱାରା ଜଳ ନିଷ୍କାସନ ବ୍ୟବସ୍ଥା କରିବାରୁ କିଛିଟା ସମସ୍ୟା ଦୂର ହୋଇଛି। ଲଗାଣ ବର୍ଷା ଯୋଗୁଁ କଚ୍ଚା ଘର ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ରାସ୍ତାଘାଟରେ ପାଣି ଜମି ରହିଥିବାରୁ ଲୋକେ ଜରୁରୀ କାର୍ଯ୍ୟରେ ଯାତାୟତରେଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରମାଞ୍ଚଳରେ କେତେକ ନାଳ ଓ ଡ୍ରେନ ସଫା ନ ଥିବାରୁ ବର୍ଷା ପାଣି ନିଷ୍କାସନ ହୋଇ ପାଉନାହିଁ। ଫଳରେ ଦୀର୍ଘ ସମୟ ଧରି ପାଣି ଜମି ରହୁଛି। ଗାଣ ବର୍ଷା ଯୋଗୁଁ ଗୃହପାଳିତ ପଶୁମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବର୍ଷାରେ ଗୁହାଳୁ ବାହାରି ପାରୁନାହାନ୍ତି। ଚାରଣ ଜମି ବୁଡ଼ି ରହିଥିବାରୁ ଗୃହପାଳିତ ପଶୁ ମାନେ ହନ୍ତସନ୍ତ ହେଉଛନ୍ତି।

# ଖରସ୍ରୋତା ନଦୀରେ ସ୍ଲୁଇସ୍ ଗେଟ୍ ଭାଙ୍ଗିଲା



ସିଂହପୁର,୨୮।୭(ସମିସ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଳେଇ ଚନ୍ଦନପୁର ପଞ୍ଚାୟତ ହରସିଂହପୁର ଗ୍ରାମ ନିକଟରେ ଅବସ୍ଥିତ ଖରସ୍ରୋତା ନଦୀରେ ଥିବା ସ୍ଲୁଇସ୍ ଗେଟ୍ ଆଜି ଧସି ଯାଇଛି। ଫଳରେ ସ୍ଥାନୀୟ ଅଧିବାସୀ ଭୟଭୀତ ହୋଇପଡିଛନ୍ତି। ଖରସ୍ରୋତା ନଦୀରେ ଥିବା ଏହି ସ୍ଲୁଇସ୍ ଗେଟ୍ ଗତ ୫ ମାସ ତଳେ ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥଲା। ନିମ୍ନମାନର କାର୍ଯ୍ୟ ଯୋଗୁଁ ମଧ୍ୟମ ବନ୍ୟାରେ ସ୍ଲୁଇସ ଗେଟ୍ ଭୁଶୁଡି ପଡ଼ିଥିବା ଲୋକେ ଅଭିଯୋଗ କରିଛନ୍ତି। ଏବେ ଖରସ୍ରୋତା ନଦୀରେ ବନ୍ୟା ଆସିଥିବାରୁ ଓ ବନ୍ୟା ଜଳ ବୃଦ୍ଧି ପାଉଥିବାରୁ କୌଣସି କ୍ଷତି ହେବା ପୂର୍ବରୁ ତୁରନ୍ତ ଏହାକୁ ମରାମତି କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

# ଲଗାଣ ବର୍ଷାରେ ଧାନ ଫସଲ ଜଳମଗ୍ନ

କବାଟବନ୍ଧ,୨୮।୭(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା କାରଣରୁ ଚାଷ ଜମି ଜଳବନ୍ଦୀ ହୋଇ ରହିଥିବା ଦେଖିବାକୁ ମିଳିଛି। ଗତ ୨ ଦିନ ଧରି ଲଗାଣ ବର୍ଷା ଯୋଗୁଁ



ଚାଷୀ ମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହେବାକୁ ଯାଉଛନ୍ତି। ବ୍ଲକର ମଧୁସୂଦନପୁର, ମର୍ଜିତାପୁର, କବାଟବନ୍ଧ, ରାଇଛନ୍ଦା, ରେଖିଦେଇପୁର, ତାଳଜଙ୍ଗ, ଚକ୍ରଧରପୁର, ଅଞ୍ଜିରା, ସାହାଣୀଡ଼ିହ, ବୃନ୍ଦାଦେଇପୁର, ଜେନାପୁର, ଏଣ୍ଡଲବା ସମେତ ବିଭିନ୍ନ ପଞ୍ଚାୟତରେ ଚାଷୀ ମାନେ ଶହ ଶହ ଏକର ଧାନ ଚାଷ ସହିତ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଛନ୍ତି। ବ୍ଲକର ଏହି ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଉକ୍ତ ଅଞ୍ଚଳରେ ଚାଷ ଜମିରେ ପାଣି ରହିଛି। ପାଣିରେ ବୁଡ଼ି ରହିଥିବା ଧାନ ଫସଲ ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶେଷ କରି ଶହ ଶହ ଏକର ଜମି ଜଳମଗ୍ନ ହୋଇ ରହିଥିବା ବେଳେ ଯଦି ଏମିତି ଭାବରେ ବର୍ଷା ଲାଗି ରହେ ତେବେ ଚାଷୀକୂଳ ହତାଶ ହେବ। ଏହି ସମୟରେ ବ୍ଲକ କୃଷି ଅଧିକାରୀ କିମ୍ବା ଉଦ୍ୟାନ କୃଷି ବିଭାଗ କ୍ଷେତ୍ର ପରିଦର୍ଶନ ନ କରିବା ସହିତ ଚାଷୀଙ୍କ ଭଲମନ୍ଦ ନ ବୁଝିବା ଦୁର୍ଭାଗ୍ୟ ଜନକ ବୋଲି ଚାଷୀ ମାନେ କ୍ଷୋଭ ପ୍ରକାଶ କରିଛନ୍ତି।

# ଜଳବନ୍ଦୀ ଅବସ୍ଥାରେ ଜାମୁବଣିଆବାସୀ

ଧର୍ମଶାଳା,୨୮।୭(ସମିସ): ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତର ଜାମୁବଣିଆ ୱାର୍ଡ ବାସିନ୍ଦା ଏବେ ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି। ସୂଚନା ଯୋଗ୍ୟ ଯେ ଲଘୁଚାପ ଜନିତ ଲଗାଣ



ବର୍ଷା ଫଳରେ ରାସ୍ତା ଉପରେ ବର୍ଷା ଜଳ ପ୍ରବାହିତ। ଫଳରେ ଲୋକେ ଘରୁ ବାହାରିବା ମୁସ୍କିଲ। ଏପରିକି ବର୍ଷା ଜଳ ଘର ଭିତରେ ପ୍ରବେଶ କରିଥିବା ଦେଖିବାକୁ ମିଳିଛି। ଜଳ ନିଷ୍କାସନ ସୁବିଧା ନଥିବାରୁ ଏହି ୱାର୍ଡ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧ୍ୟ ହୋଇ ଲୋକେ ପାଣି ଭିତରେ ପଶି ଯିବା ଆସିବା କରୁଛନ୍ତି। ଏପଟେ ଜୀବଜନ୍ତୁଙ୍କର ଭୟ ମଧ୍ୟ ରହୁଛି। ପ୍ରତିବର୍ଷ ଲୋକେ ଏହି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସମାଧାନ ଦିଗରେ କେହି ଉଦ୍ୟମ କରୁନଥିବା ଅଭିଯୋଗ ହୋଇଛି। ଫଳରେ ବର୍ଷା ହେଲେ ଲୋକେ ଜଳବନ୍ଦୀ ଜୀବନ ବିତାଇବା ସହ ଯାତାୟାତ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ୱାର୍ଡ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଜଳଘେରରେ ୨ ପଞ୍ଚାୟତର ୧୦୦ ପରିବାର


ଦଶରଥପୁର,୨୮।୭(ସମିସ): ଦଶରଥପୁର ବ୍ଲକ ଜାଫରପୁର ଗ୍ରାମର ଯଦୁମଣି ମଲିକ ଏବଂ ନାୟା ମଲିକ ପାଣି ନାଳ ପୋତି ଦେବାରୁ ୨ ପଞ୍ଚାୟତର ଶତାଧିକ ପରିବାର ଆଣ୍ଠୁଏ ଲେଖାଏଁ ପାଣି ଘେରରେ ଅଛନ୍ତି। ପ୍ରାୟ ୩ ଫୁଟ ଉଚ୍ଚତାରେ ପାଣି ଜମି ରହିବାରୁ ପାଲଟପୁର ପଞ୍ଚାୟତର ୧୨ ୱାଡର୍ ଏବଂ ଜାଫରପୁରର ୪ ଏବଂ ୫ ନମ୍ବର ୱାଡର୍ ଲୋକେ ପାଣିରୁ ବାହାରି ପାରୁନାହାନ୍ତି। ଫଳରେ ଉଭୟଙ୍କ ମଧ୍ୟରେ ଉତେଜନା ଦେଖା ଦେଇଛି। ଖବର ପାଇ ପାଲଟପୁର ସରପଞ୍ଚ ଲିପିକା



ମଲିକ, ଆରଆଇ ମିନତୀ ସେଠୀ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାସୁଝା କରିଥିଲେ। ମାତ୍ର ପୁରୁଣା ପାଣି ନାଳକୁ ୨ ପରିବାର ପୋତି ଦେଇଥିବାରୁ ଲଗାଣ ବର୍ଷା ହେବାଫଳରେ ପୁର୍ବରୁ ଥିବା ପାଣି ନାଳଦେଇ ପାଣି ନିଷ୍କାସନ ହୋଇପାରୁନାହିଁ। ଏଣୁ ଗାଁ ଦାଣ୍ଡ,ରାସ୍ତା ଉପରେ ୩ ଫୁଟ ଉଚ୍ଚତାରୁ ଅଧିକ ପାଣି ପ୍ରବାହିତ ହେଉଛି। ଜାଫରପୁର ଗ୍ରାମର କୃଷ୍ଣ ମଲିକଙ୍କ କଚ୍ଛା ଘର ଭାଙ୍ଗିଯାଇଛି। ଏଣୁ ତୁରନ୍ତ ଏହାର ସମାଧାନ ପାଇଁ ପ୍ରଶାସନ ସହାୟତା କରିବାକୁ ଦାବି ହୋଇଛି।

# ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଆଣ୍ଠୁଏ ପାଣି

ମଇଁଦା,୨୮।୭(ସମିସ): ବିଞ୍ଝାରପୁର ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଆଣ୍ଠୁଏ ପାଣି ଠିଆହୋଇ ରହିଛି। ଗତ ଲଗାଣ ବର୍ଷାରେ ସମଗ୍ର ବିଞ୍ଝାରପୁର ବ୍ଲକର ବିଭିନ୍ନ ଅଞ୍ଚଳ ଜଳମଗ୍ନ। ସେଥି ମଧ୍ୟରୁ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟଟି ବାଦ ପଡିନାହିଁ। ଏହି କାର୍ଯ୍ୟାଳୟ କୁ ବ୍ଲକର ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ



ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ବହୁ ଲୋକ ଆସିଥାନ୍ତି। ବର୍ଷା ଜଳ ନିଷ୍କାସିତ ହେବାର ବାଟନାହି। ଆଣ୍ଠୁଏ ପାଣିରେ ପଶି ଶିକ୍ଷାଧିକାରୀଙ୍କୁ ଭେଟିବାକୁ ପଡୁଛି। ନିକଟରେ ଏକ ପ୍ରାଥମିକ ବିଦ୍ୟାଳୟ ଅଛି। କୋମଳମତି ଶିଶୁ ଏହି ପାଣିରେ ପଶି ଯିବା ଆସିବା କରୁଛନ୍ତି।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

କୁଆଖିଆ,୨୮।୭(ସମିସ): କୁଆଖିଆ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ମୂଳାପାଳ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଭାବରେ ଆହତ ହୋଇଥିଲେ। ଆହତ ଯୁବକ ଜଣକ ହେଉଛନ୍ତି ଏହି ଥାନା ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତ ହାଟସାହି ଗ୍ରାମର ଜୟରାମ ପାତ୍ର(୩୭) ବୋଲି ଜଣାଯାଇଛି। ଏସମ୍ପର୍କରେ ଖବର ପାଇ ଜେନପୁର ଫାଣ୍ଡି ପୁଲିସ ଦ୍ୱାରା ପରିଚାଳିତ ଟ୍ରମା ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ପହଞ୍ଚାଇଥିଲେ। ପ୍ରକାଶ ଯେ ଜୟରାମ ତାଙ୍କ ପରିବାର ଲୋକଙ୍କୁ ଭେଟିବା ପାଇଁ ନେଇ ଘରକୁ ଫେରୁଥିଲେ। ବାଟରେ ଏକ ଅଜଣା ଗାଡି ତାଙ୍କ ପଛପଟରୁ ଧକ୍କା ଦେଇ ପଳାଇ ଯାଇଥିଲା। ଅଭିରାମ ଘଟଣାସ୍ଥଳରେ ପଡିଯିବାରୁ ତାଙ୍କ ଗୋଡରେ ଗଭୀର ଆଘାତ ପାଇଥିଲେ। ଏହା ଦେଖି ସ୍ଥାନୀୟ ଅଞ୍ଚଳର ଲୋକେ ଘଟଣାସ୍ଥଳରେ ପହଞ୍ଚି ଆହତବ୍ୟକ୍ତିଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ସଠିକ୍ ସମୟରେ ନପହଞ୍ଚିବାରୁ ଟ୍ରମା କେୟାର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନା ପଠାଯାଇଥିଲା। ସେ ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି।

## ଦୁର୍ବୃତ୍ତ ଗୋଡ଼ାଇବାରୁ ଖୁଣ୍ଟରେ ପିଟିହେଲା କାର୍

ପାଣିକୋଇଲି,୨୮।୭(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥରେ ବିହାରରୁ ପୁରୀ ଅଭିମୁଖେ ଆସୁଥିବା ଏକ କାର (ବିଆର୦୬ ଇକେ୫୫୭୫) କୁ ଦୁର୍ବୃତ୍ତ ଗୋଡାଇବାରୁ ଗାଡିଟି ଦୁବଳନଗର ଗ୍ରାମରେ ଥିବା ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି। ପ୍ରକାଶଯେ ସୋମବାର ରାତ୍ରିରେ କାରଟି ପୁରୀ ଅଭିମୁଖେ ଯାଉଥିବା ବେଳେ ବୈତରଣୀ ନଦୀ ଆରପଟରୁ ୪ଜଣ ଦୁର୍ବୃତ୍ତ ସେମାନଙ୍କ ପିଛା କରିଥିଲେ। ଦୁର୍ବୃତ୍ତ ମାନେ ଟେକା ମାରି ଗାଡିର କାଚ ଭାଙ୍ଗିଦେଇଥିବା ବେଳେ ଭୟରେ କାର୍ ଚାଳକ କାରଟିକୁ ଦୁବଳନଗର ଗ୍ରାମ ମଧ୍ୟକୁ ପୁରାଇ ଦେଇଥିଲା। ଛାନିଆରେ ଗ୍ରାମ ମଧ୍ୟରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ଯାଇ ପିଟି ହୋଇଥିଲା। ଖବରପାଇ ପାଣିକୋଇଲି ପୁଲିସ ପହଞ୍ଚି ଗାଡିଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

## ଶକ୍ତିଶ୍ରୀ ପ୍ରଶିକ୍ଷଣ ଶିବିର ଓ ସଚେତନତା

ବରୀ,୨୮।୭(ସମିସ): ଅଭିମନ୍ୟୁ ସାମନ୍ତ ସିଂହାର ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଶକ୍ତିଶ୍ରୀ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏଥିସହିତ ସେଫ୍ଟି ଆଣ୍ଡ ରାଇଟସ୍ ଅଫ ଫିମେଲ ଷ୍ଟୁଡେଣ୍ଟ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ରବୀନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତା ତଥା ଶକ୍ତିଶ୍ରୀ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସୁଶ୍ରୀ ସଂଗୀତା ଜେନାଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ କିପରି ସୁରକ୍ଷିତ ଭାବରେ ଏକ ଉପଯୁକ୍ତ ପରିବେଶରେ ଅଧ୍ୟୟନ କରିପାରିବେ ତାହା ଆଲୋଚନା ହୋଇଥିଲା। ଏହି ଅବସରରେ ଅଭିମନ୍ୟୁ ସାମନ୍ତ ସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପ୍ରଗତୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଛାତ୍ରୀମାନଙ୍କୁ ସେମାନଙ୍କର ସୁରକ୍ଷା, ନିରାପତ୍ତା, ଶୃଙ୍ଖଳା ତଥା ନୈତିକ ଦାୟିତ୍ୱ ବୋଧ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଛାତ୍ରୀ ମାନେ ହିଁ ଆମ ଦେଶ ଓ ଜାତିର ସୌରଭ ସେମାନଙ୍କର ସୁରକ୍ଷା ଓ ନିରାପତ୍ତା ଆଜିର ପଥଭ୍ରଷ୍ଟ ସାମାଜିକ ବ୍ୟବସ୍ଥାରେ ସମସ୍ତଙ୍କର ପ୍ରାଥମିକତା ହେବା ଦରକାର ବୋଲି ବର୍ଣ୍ଣନା କରିଥିଲେ। ଏଥିରେ କଲେଜର ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସୁଧାଂଶୁବାଳା ସ୍ୱାଇଁ, ଗଣିତ ବିଭାଗୀୟ ଅଧ୍ୟାପିକା ନମିତା ସାମଲ, ଗ୍ରନ୍ଥାଗାରିକା ସ୍ୱର୍ଣ୍ଣପ୍ରଭା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଭବି ପ୍ରଶିକ୍ଷିକା ଜ୍ୟୋସ୍ନା ନନ୍ଦ ସପ୍ତାହେ ବ୍ୟାପୀ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ଦେଉଥିଲେ। ଅଧ୍ୟାପିକା ନମିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଏସିଟିଓଙ୍କ ପରଲୋକ



ଭଦ୍ରକ,୨୮।୭(ସମିସ): ଭଦ୍ରକ ସହର ୧୧ ନମ୍ବର ୱାର୍ଡ ନରୀପୁର ନିବାସୀ ଅବସରପ୍ରାପ୍ତ ଏସିଟିଓ ଶିବଚରଣ ନାୟକଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସୋମବାର ସେ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଭଦ୍ରକ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଜଣେ ପରୋପକାରୀ, ସମାଜସେବୀ ଭାବେ ସେ ବେଶ୍ ପରିଚିତ ଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଭଦ୍ରକରୁ ତାଙ୍କ ଗାଁ ଚାନ୍ଦବାଲି ବ୍ଲକ୍ ଅଧୀନ ନୂଆଗାଁକୁ ନିଆଯାଇ ପରିକ୍ରମା କରାଯାଇଥିଲା। ପରେ ଗାନ୍ଧୀ ପଡ଼ିଆସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସ୍ୱର୍ଗତ ନାୟକ ତାଙ୍କ ଜନ୍ମମାଟି ନୂଆଗାଁରେ ବହୁବିଧ ଉନ୍ନତି କରିବା ସହ ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ପାର୍ବତୀ ନାୟକ, ପୁତ୍ର ସୁଶାନ୍ତ ନାୟକ ଓ ରତିକାନ୍ତ ନାୟକଙ୍କ ସହ ଝିଅ, ବୋହୂ, ନାତି-ନାତୁଣି ତଥା ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ୧୧ ନମ୍ବର ୱାର୍ଡ କାଉନ୍ସିଲରଙ୍କ ପ୍ରତିନିଧି ସୂର୍ଯ୍ୟକୁମାର ଦାସଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପୁତ୍ର ସୁଶାନ୍ତ ମୁଖାଗ୍ନି ଦେଇଥିଲେ।

## 'ରଥ, ପଥ ଓ ଶ୍ରୀଜଗନ୍ନାଥ ସଂସ୍କୃତି' ସମ୍ପର୍କରେ ଆଲୋଚନା

ଧର୍ମଶାଳା,୨୮।୭(ସମିସ): ଧର୍ମଶାଳା ବ୍ଲକ ଜାରକା ଜେମାଶୁଣୀପୀଠସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ କାର୍ଯ୍ୟାଳୟରେ ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ରଥ, ପଥ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଏକ ଅଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ସାହିତ୍ୟ ସମାଜର ସଭାପତି ଅବସରପ୍ରାପ୍ତ ପ୍ରଧାପକ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପ୍ରବଚକ କାମଦେବ ଶତପଥୀ ଓ ସମ୍ମାନୀୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ବେହେରା ଯୋଗଦେଇ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପସଭାପତି ବେଣୁଧର ନାୟକ, ଗାଳ୍ପିକ ଅର୍ଜୁନ ପୃଷ୍ଟି, ସାହିତ୍ୟିକ ବ୍ରଜକିଶୋର ଶତପଥୀ, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ସରୋଜିନୀ ପଣ୍ଡା, ସାହିତ୍ୟିକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ସାହିତ୍ୟିକ ବେଣୁଧର ଦାଶ, ବଟକୃଷ୍ଣ ସାହୁ, ଅଖିଳ କୁମାର ସ୍ୱାଇଁ, ଇଶ୍ୱର ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳବନ୍ଦୀରେ ଗ୍ରାମବାସୀ; କୁମ୍ଭକର୍ଣ୍ଣ ନିଦ୍ରାରେ ଜିଲ୍ଲା ପ୍ରଶାସନ

ଭଦ୍ରକ,୨୮।୭(ସମିସ)



ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜବରଦଖଲ ବେଆଇନ କାର୍ଯ୍ୟକଳାପ ଓ ସରକାରୀ ଜମି ଚିହ୍ନଟ କରି ଉଚ୍ଛେଦ କରାଯାଉଛି। ନିୟମିତଭାବେ ବୁଲୁଛି ବୁଲ୍‌ଡୋଜର, ଭାଙ୍ଗୁଛି ଦୋକାନ ଗୃହ ଓ ଉଚ୍ଛେଦ ହେଉଛି ବଡ଼ ବଡ଼ ଅଟ୍ଟାଳିକା। ଜିଲ୍ଲା ପ୍ରଶାସନ ଏହି ଜବରଦଖଲ ମୁକ୍ତ କରୁଥିବାବେଳେ ନ୍ୟାୟ ଟିକିଏ ପାଇବା ଆଶାରେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଧାଇଁ ଧାଇଁ ନୟାନ୍ତ ହେଲେଣି ଗ୍ରାମବାସୀ। ବାରମ୍ବାର ଅଭିଯୋଗ ପରେ ବି ନିରବରେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନିକ ଅଧିକାରୀ।

କାଉପୁର ରାଜସ୍ୱ ନିରୀକ୍ଷକ ଅଧୀନସ୍ଥ କୁସୁନନଗର ମୌଜାର ଖାତା ନମ୍ବର ୫୫୧/୭୭୧ ଏବଂ ପ୍ଲଟ୍ ନମ୍ବର ୧୮୭୩/୧୮୭୪/୧୮୭୪ ଜମିରେ ଯାହା ଶାରଦ ଦୁଇ ଜଳଜମି ଚାଷ ଉପଯୋଗୀ ଅଟେ। କିଛି ଅସାଧୁ ଜମି ବ୍ୟବସାୟୀ ଉକ୍ତ ଜମି ବନ୍ଧ ନିର୍ମାଣ ଅବରୋଧ କରିଥିବାର ଗତ ଫେବୃଆରୀ ମାସରେ ଲିଖିତ ଭାବେ ଗ୍ରାମବାସୀ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ତହସିଲ୍‌ଦାରଙ୍କୁ ଜଣାଇଥିଲେ। ପରେ ଫେବୃଆରୀ ୧୯ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇବା ପରେ ତଦନ୍ତ କରି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ନିର୍ଦ୍ଦେଶ ଦେଇଥିଲେ। ଗତ ମାର୍ଚ୍ଚ ୩ରେ ବେଆଇନ ପ୍ଲଟିଙ୍ଗ୍ ବା ଜମି ବ୍ୟବସାୟୀ ବୋଲି କାଉପୁର ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟ ଅନୁଯାୟୀ ଅତିରିକ୍ତ ତହସିଲ୍‌ଦାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ରିପୋର୍ଟ ପ୍ରଦାନ କରିଥିଲେ ବି କାର୍ଯ୍ୟାନୁଷ୍ଠାନ କରାଯାଇ ନ ଥିଲା। ଉକ୍ତ ଜଳ ଜମି ଉପରେ ବେଆଇନ କାର୍ଯ୍ୟକଳାପ ବନ୍ଦ ନିର୍ମାଣ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନିରବରେ ଜିଲ୍ଲା ରାଜସ୍ୱ ବିଭାଗ ଯାହାର ଦୁର୍ଦ୍ଦଶା ଭୋଗୁଛନ୍ତି ଆଜି ଗ୍ରାମବାସୀ। ଲଗାଣ ବର୍ଷା ଯୋଗୁଁ ଜମାଟ ବାନ୍ଧୁଛି ବର୍ଷା ଜଳ। ବରପଦା ଆଗରପଡ଼ା ରାସ୍ତାର ଦୁଇ ପାର୍ଶ୍ୱରେ ନୟନଜୋରୀ ଉପରେ ଜବରଦଖଲ ଭାବେ ଦୋକାନ ଗୃହ ନିର୍ମାଣ ଯୋଗୁଁ ସାଳନ୍ଦୀ ନଦୀ ବନ୍ଧରୁ ଆସୁଥିବା ଜଳ ନିଷ୍କାସନ ନ ହୋଇ ଚାଷ ଜମିରେ ଜମାଟ ବାନ୍ଧୁଛି। ଯାହା ଫଳରେ ଜଳବନ୍ଦୀ ହୋଇ ପ୍ରଭାବିତ ହେଉଛନ୍ତି ଚାଷୀ ସମେତ ୪ଟି ଗ୍ରାମର ଗ୍ରାମବାସୀ। ମୁଖ୍ୟ ରାସ୍ତା ସହିତ ଯୋଗାଯୋଗ ବିଚ୍ଛିନ୍ନ ଯୋଗୁଁ ଗୁରୁତର ଭାବେ ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ। ବହୁବାର ଦାବିପତ୍ର ପ୍ରଦାନ କରିଥିଲେ ବି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ଭଦ୍ରକ ଜିଲ୍ଲା ପ୍ରଶାସନ। ଲଗାଣ ବର୍ଷା ଯୋଗୁଁ ଉପର ମୁଣ୍ଡରେ ଜମାଟ ବାନ୍ଧୁଛି ବର୍ଷା ଜଳ। ୨୫ ହେକ୍ଟରରୁ ଅଧିକ ଚାଷଜମି କ୍ଷତିଗ୍ରସ୍ତ ହୋଇଥିବାବେଳେ ଆଗକୁ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

**ପ୍ରାକ୍ତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ୭୪ତମ ଜୟନ୍ତୀ**

## ୨୮ ଛାତ୍ରଛାତ୍ରୀଙ୍କୁ 'ବିଜୟଶ୍ରୀ ମେଧା ସମ୍ମାନ'

ବାସୁଦେବପୁର,୨୮।୭(ସମିସ): ସେ ଥିଲେ ସାଲିସ୍ ବିହୀନ ରାଜନେତା। ବାସୁଦେବପୁର ନିର୍ବାଚନମଣ୍ଡଳୀର ବିଶ୍ୱକର୍ମା। ପରିବେଶ ଓ ପ୍ରକୃତିକୁ ଭଲ ପାଉଥିବା ମଣିଷ। ଓଡ଼ିଶା ରାଜନୈତିକ ଆକାଶର ଉଜ୍ଜ୍ୱଳ ନକ୍ଷତ୍ର। ବାସୁଦେବପୁରର ବିକାଶ ପୁରୁଷ, ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ୭୪ତମ ଜୟନ୍ତୀ ଅବସରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ବିଜୟଶ୍ରୀ ରାଉତରାୟ ସ୍ମୃତି କମିଟି ପକ୍ଷରୁ ବାସୁଦେବପୁର ନୀଳମଣି ଟାଉନ୍‌ହଲ୍‌ରେ ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ୭୪ତମ ଜୟନ୍ତୀ ଅବସରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନୀଳମଣି ଟାଉନ୍‌ହଲ୍‌ରେ ଆୟୋଜିତ ମେଧାବୀ ସମ୍ମାନ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲ୍ଲା ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିଜୟଶ୍ରୀ ରାଉତରାୟଙ୍କ କେବଳ ଜଣେ ନେତା ନ ଥିଲେ। ସେ ଜଣେ ମେଧାବୀ ଛାତ୍ର, ବୃକ୍ଷପ୍ରିୟ ପରିବେଶବିତ୍ ଭାବେ ବେଶ୍ ଜଣାଶୁଣା ଥିଲେ। ସେ ଜଣେ ସ୍ପଷ୍ଟବାଦୀ ନେତା ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମାଜସେବୀ ପୀତାମ୍ବର ମିଶ୍ର ଓ ଦେବଦର୍ଶନ ଦାସ ଆୟୋଜିତ ସଭାର ସଂଯୋଜନା କରିଥିଲେ। ବାସୁଦେବପୁର ବ୍ଲକ୍‌ର ଚଳିତ ମ୍ୟାଟ୍ରିକ୍ ପରୀକ୍ଷାର ୨୮ ଜଣ ଏ-୧ ଗ୍ରେଡ୍‌ରେ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଉପଢୌକନ, ନଗଦ ଅର୍ଥ ଓ ଏକ ଗଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମାଜସେବା କ୍ଷେତ୍ରରେ ବାସନ୍ତୀ ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍ ତଥା ଅନୁବାଦକ ଅଭିମନ୍ୟୁ ବେହେରା, ସଫଳ କୃଷକ ଗୌତମ ସାହୁଙ୍କୁ ମଧ୍ୟ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।




● ଜିଲ୍ଲା ଶିକ୍ଷାଧିକାରୀଙ୍କ ତଦନ୍ତ

## ଦାନଗଦି, ସୁକିନ୍ଦା ହେବ ଡ୍ରପ୍‌ଆଉଟ ଶୂନ୍ୟ

ଦାନଗଦି,୨୮।୭(ସମିସ): ଜିଲ୍ଲାର ଦାନଗଦି ଓ ସୁକିନ୍ଦା ତଥା କଳିଙ୍ଗନଗର ଅଞ୍ଚଳରେ ଶହଶହ ଡ୍ରପଆଉଟ ବୃଦ୍ଧି ପାଉଥିବାର ଘଟଣାର ଅଭିଯୋଗ ପରେ ଜିଲ୍ଲା ଶିକ୍ଷାଧିକାରୀ ତଦନ୍ତ କରିଛନ୍ତି। ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଡ୍ରପଆଉଟ ସମସ୍ୟାକୁ ନଜର ଆଣିଥିଲେ। ଶ୍ରୀ ଦାସ ପ୍ରୟାସ ତଥା ଆଫ୍ସା ଅନୁଷ୍ଠାନର ସହଯୋଗରେ ଦାନଗଦି ବ୍ଲକ ଟାଙ୍ଗରସାହିରେ ଏକ ସ୍କୁଲ ଗାଡିରେ ଡ୍ରପଆଉଟ ପିଲାମାନଙ୍କୁ ନେବା ଆଣିବାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମାତ୍ର ଅରାସାହିରେ ମଧ୍ୟ ୨୦ରୁ ଅଧିକ ଡ୍ରପଆଉଟ ପିଲା ରହିଛନ୍ତି। ସେହିପରି ଦାନଗଦୀ ଓ ସୁକିନ୍ଦା ବିଭିନ୍ନ ଗ୍ରାମରେ ଅନେକ ପିଲା ନାମ ଲେଖାଉଥିଲେ ମଧ୍ୟ ସ୍କୁଲ ଯାଉ ନାହାନ୍ତି। ତେଣୁ ଆଜି ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କ ଅଧକ୍ଷତାରେ ଦାନଗଦୀ ବ୍ଲକ ଶିକ୍ଷା ଅଧିକାର ଶୁଭ୍ରାଂଶୁ ଶେଖର ପୁହାଣ, ସୁକିନ୍ଦା ବ୍ଲକର ଶିକ୍ଷାଧିକାରୀ ନାରାୟଣ ଚନ୍ଦ୍ର ଦାସ, ଶିଶୁ ଅଧିକାର କର୍ମୀ ମଣ୍ଟୁଦାସ ପ୍ରମୁଖ ଉପସ୍ଥିତ ରହି ଡ୍ରପଆଉଟ ହ୍ରାସ ଓ ଶୂନ କରିବା ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସିଆରସିସିଙ୍କ ଦ୍ୱାରା ଡ୍ରପଆଉଟ ପିଲାମାନଙ୍କ ଚିହ୍ନଟ କରାଯାଇ ପିଲାମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାର ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଲୋଚନା ହୋଇଥିଲା। ଡ୍ରପଆଉଟ ଗ୍ରାମରେ ବ୍ଲକ ଶିକ୍ଷାଧିକାରୀ, ସିଆରସିସି, ବିଦ୍ୟାଳୟ ପରିଚାଳନା କମିଟି ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେଇ ସଚେତନ କରାଯିବ ସହ ବିଦ୍ୟାଳୟ ଦୂରତା ପାଇଁ ଡ୍ରପଆଉଟ ହ୍ରାସ ପାଇଁ ପ୍ରଶାସନ ପକ୍ଷରୁ ଯାନବାହାନ ଚଳାଚଳ କରାଯିବ ବୋଲି କୁହାଯାଇଥିଲା। ତତସହିତ ଦୁଇ ବ୍ଲକରେ ବିଇଓ ନେତୃତ୍ୱରେ ଏକ ଡ୍ରପଆଉଟ ଶୂନ କମିଟି ଗଠନ କରାଯାଇ ସମସ୍ୟା ସମାଧାନ କରାଯିବ। ଆଜିର କାର୍ଯ୍ୟକ୍ରମରେ ଶିଶୁ ଅଧିକାର କର୍ମୀ ବିଜୟ ଦାସ, ବିଶ୍ୱଜିତ ମାଝୀ, ସତ୍ୟବ୍ରତ ସାହୁ, ଆଫ୍ସା ଅନୁଷ୍ଠାନର ଜୋତିର୍ମୟୀ ମାହୁନ୍ତ ଓ ଶୁଭଲକ୍ଷ୍ମୀ ଜେନା, ଦାନଗଦିର ସମସ୍ତ ସିଆରସିସି ଓ ପ୍ରଧାନଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ।

## ସରପଞ୍ଚଙ୍କୁ କୃଷି ସହାୟକ ପୁରସ୍କାର ପ୍ରଦାନ



କୁଆଖିଆ,୨୮।୭(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ପଞ୍ଚାୟତର ଦର୍ଶନୀୟ ସ୍ଥାନ ମ୍ମା ବୈକୁଣ୍ଠ ମନ୍ଦିର ସମ୍ମିଳନୀ କକ୍ଷରେ ଗଙ୍ଗୋତ୍ରୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉନ୍ନତ କୃଷି ପ୍ରଣାଳୀ ପ୍ରଦର୍ଶନ କର୍ମଶାଳା-୨୦୨୭ ରେ ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତଙ୍କୁ "କୃଷି ଓ କୃଷକ ସହାୟକ' ପୁରସ୍କାର ପ୍ରଦାନ କରାଯାଇଛି। ଘଟଣାରୁ ପ୍ରକାଶ ଯେ ଉଠା ଜଳସେଚନ ଅଞ୍ଚଳରେ ଫସଲର ବିବିଧିକରଣ ଯୋଜନାକୁ ନେଇ ଏହି ବ୍ଲକ ଅନ୍ତର୍ଗତ ନଠୁଆବର, ବଡକଇଁଚି, ଭୋଟକା, ଗନ୍ଧଣ, ଜାବରା, ଲକ୍ଷ୍ମୀନଗର, ପହଁଗା, ଓଡିଶୋ, ରସୁଲପୁର, ଟିକରପଡା, ଶ୍ରୀବନ୍ତପୁର ଭଳି ୧୧ଗୋଟି ପଞ୍ଚାୟତର ଅଗ୍ରଣୀ କୃଷକମାନଙ୍କୁ ନେଇ ଗଠିତ ଉତ୍ପାଦକ ଗୋଷ୍ଠିର ସଦସ୍ୟମାନଙ୍କୁ ନେଇ ଅନୁଷ୍ଠିତ କର୍ମଶାଳାରେ ସଂଗଠନର ପରାମର୍ଶ ଦାତା ସୌମ୍ୟରଞ୍ଜନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଯାଜପୁର ଜିଲା ମୁଖ୍ୟ ଅଧିକାରୀ ସ୍ୱେତଞ୍ଜୟ ଦାସ, ସମ୍ମାନିତ ଅତିଥି ଭାବରେ ବ୍ଲକ କୃଷି ଅଧିକାରୀ ସାମାପିକା କର, ଉଦ୍ୟାନ କୃଷି ଅଧିକାରୀ ପ୍ରିୟଦର୍ଶିନୀ ବେହେରା, ଯାଜପୁର ଜିଲା କୃଷି ଯୋଜନା ଅଧିକାରୀ ଜ୍ୟୋତିରଂଜନ ଦାସ, ବ୍ଲକ ସହକାରୀ କୃଷି ଅଧିକାରୀ ଉଦୟନାଥ ବାରିକ, କୋରେଇ ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅମ୍ଳାନଜ୍ୟୋତି ସାହୁ, ସଂଗଠନର ସଂପାଦିକା ରବିନାରାୟଣ ସାହୁ ପ୍ରମୁଖ ଯୋଗଦେଇ କୃଷି ଓ କୃଷକମାନଙ୍କର ଉନ୍ନତି ପାଇଁ ଭୋଟକା ସରପଞ୍ଚ ଉଦ୍ୟମରେ ବହୁ ସଚେତନତା ଶିବିର ଆୟୋଜନ କରିବା ସହ ବିଭିନ୍ନ ସରକାରୀ ଯୋଜନାରୁ କୃଷକମାନେ କିଭଳି ଭାବରେ ସହାୟତା ପ୍ରାପ୍ତ ହୋଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାରେ ଅଗ୍ରଣୀ ଭୂମିକା ରହି ଆସୁଥିବାରୁ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି ବୋଲି ପ୍ରକାଶ କରିଥିଲେ। ସଂଗଠନର ପରିଚାଳିକା ଅନୁସୂୟା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଖରସ୍ରୋତାରେ ଗାଧୋଇବା ବେଳେ ଝାମ୍ପିନେଲା କୁମ୍ଭୀର



ଯାଜପୁର,୨୮।୭(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ଛତିଶଦେବିଲ ପଞ୍ଚାୟତ ଠିଆର ଦେବିଲ ଗ୍ରାମର ବନମାଳୀ ଜେନାଙ୍କ ପୁତ୍ର ହରିହର ଜେନା (୫୨) ଚାଷ କାର୍ଯ୍ୟ ସାରି ତାଙ୍କ ନାତି ଓ ସମ୍ପର୍କୀୟ ଭାଇଙ୍କ ସହ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଏକ କୁମ୍ଭୀର ହରିହର (ରଞ୍ଜା)ଙ୍କୁ ନଦୀ ଗର୍ଭକୁ ଟାଣି ନେଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ବେଳେ ବରୁଆଁ ଅଗ୍ନିଶମ ବିଭାଗ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ହରିହରଙ୍କର କୌଣସି ପତ୍ତା ମିଳି ନ ଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ କିଛିଦିନ ପୂର୍ବରୁ ହରିହରର ପତ୍ନୀ କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ମୃତ ହରିହରର ୨ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ନିଖୋଜ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ଅନାଥ ପିଲାଙ୍କ ଭବିଷ୍ୟତ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଶିକ୍ଷକଙ୍କ ପରଲୋକ

ପ୍ରୀତିପୁର,୨୮।୭(ସମିସ): ବିଞ୍ଝାରପୁର ବ୍ଲକର ଆଦର୍ଶ ଶିକ୍ଷକ ପର୍ଶୁରାମ କରଙ୍କର ଗତକାଲି ପରଲୋକ ହୋଇଯାଇଛି। ତାଙ୍କର ପରଲୋକ ଖବରରେ ବିଞ୍ଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଅସଂଖ୍ୟ ଛାତ୍ରଛାତ୍ରୀ ଦେଶ ଓ ବିଦେଶରେ ଆଜି ପ୍ରତିଷ୍ଠିତ। ବାର୍ଦ୍ଧକ୍ୟ ରୋଗରେ ପୀଡିତ ଶିକ୍ଷକ ପର୍ଶୁରାମ କରଙ୍କ ବିୟୋଗ ଖବର ପାଇବା ପରେ ସ୍ଥାନୀୟ ସରପଞ୍ଚ ବାପି ମଲିକ, ସମିତିସଭ୍ୟ ମନୋଜ ଯେନା, ବିଞ୍ଝାରପୁର ବ୍ଲକ ଶାଖା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ସଭାପତି ରବିନାରାୟଣ ମହାନ୍ତି, ଉପସଭାପତି ରତନଲାଲ ଭୂୟାଁ, ପୂର୍ବତନ ସରପଞ୍ଚ ସୁଦାମ ପ୍ରଧାନ, ସୁଶାନ୍ତ ରାଉତ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହିତ ଶୋକ ସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଥିଲେ।

## ବଡ଼ ବନ୍ୟା ଆଶଙ୍କାକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସମୀକ୍ଷା



ଧାମନଗର,୨୮।୭(ସମିସ): ଧାମନଗର ଅଞ୍ଚଳରେ ବଡ଼ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ମାଇକ୍ ଯୋଗେ ଧାମନଗର ଖାଲୁଆ ଅଞ୍ଚଳର ଜନସାଧାରଣଙ୍କୁ ଉଚ୍ଚ ସ୍ଥାନ କିମ୍ବା ନିକଟସ୍ଥ ସ୍କୁଲ, କଲେଜ ପରିସରକୁ ଚାଲିଯିବା ପାଇଁ ଆଗୁଆ ସୂଚନା ଦିଆଯାଇଛି। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର ଅପରାହ୍ଣରେ ଧାମନଗର ବ୍ଲକ୍ କାର୍ଯ୍ୟାଳୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ମଙ୍ଗଳବାର ରାତି ୨ଟା ସୁଦ୍ଧା ବୈତରଣୀ ନଦୀର ଜଳସ୍ତର ସର୍ବୋଚ୍ଚ ସ୍ତରରେ ପହଞ୍ଚିବ ବୋଲି ସୂଚନା ମିଳିଛି। ଏଣୁ ରାତି ୧୧ଟା ସୁଦ୍ଧା ନଦୀ ବନ୍ଧର ସମସ୍ତ ଦୁର୍ବଳ ସ୍ଥାନରେ ବାଲିବସ୍ତା ମହଜୁଦ ରଖିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଧାମନଗର ତହସିଲ୍‌ରେ ୪ଟି ବୋଟ୍ ମହଜୁଦ ଥିବାବେଳେ ଆଉ ୬ଟି ବୋଟ୍ ନଦୀର ବିଭିନ୍ନ ସ୍ଥାନରେ ରଖାଯାଇଥିବା ଧାମନଗର ବିଡିଓ ବନବିହାରୀ ଦିଣ୍ଡା ସୂଚନା ଦେଇଥିଲେ। ସମ୍ଭାବ୍ୟ ବନ୍ୟା ପ୍ରଭାବିତ ପଞ୍ଚାୟତଗୁଡ଼ିକରେ ଓଡ୍ରାଫ୍ ଟିମ୍, ଫାୟାର ଟିମ୍ ଓ ଦେଶୀ ଡଙ୍ଗା ମହଜୁଦ ରଖାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସମସ୍ତ ବନ୍ୟା ଆଶ୍ରୟସ୍ଥଳୀରେ ପାଣି ବୋତଲ, ଆବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଭଦ୍ରକ ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ବ୍ଲକ୍ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦା, ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଏସ୍‌ଡିପିଓ ବିଷ୍ଣୁ ଚରଣ ବାରିକ, ରେଞ୍ଜର ବବୁଲ୍ ମଲ୍ଲିକ, ଯୋଗାଣ ଅଧିକାରୀ ପ୍ରୀତିଶ ରଞ୍ଜନ ସାମଲ, ସିଡିପିଓ ଦମୟନ୍ତୀ ଦେଇଙ୍କ ସମେତ ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ସହ ଜିଲ୍ଲା ଓ ବ୍ଲକ୍‌ର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ବୋଡକ ନିକଟରେ ୨୦ ନମ୍ବର ଜାତୀୟ ରାଜପଥ ବୁଡ଼ିବ**


## ଦୀର୍ଘ ବର୍ଷ ଧରି ହେଉନି ସ୍ଥାୟୀ ମରାମତି

ଆରଡ଼ି,୨୮।୭(ସମିସ)



ବୈତରଣୀ ନଦୀରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନେଇ ଚାନ୍ଦବାଲି ବ୍ଲକ୍ ଓଳଗ ପଞ୍ଚାୟତ ଅନ୍ତର୍ଗତ ବୋଡକ ନିକଟରେ କୁଆଖିଆ ସାତଭାୟା ଜାତୀୟ ରାଜପଥ-୨୦ର ପ୍ରାୟ ୩୦୦ ଫୁଟ୍ ରାସ୍ତା ଏବେ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ପହଞ୍ଚିଛି। ଲଗାଣ ବର୍ଷାରେ ରାସ୍ତାର ବିଭିନ୍ନ ସ୍ଥାନ ଖାଇ ଯାଇ ବଡ଼ ବଡ଼ ଖାଲ ସୃଷ୍ଟି ହେବାରୁ ଯାତାୟାତ ବ୍ୟାହତ ହେଉଛି। ବନ୍ୟା ଜଳସ୍ତର ବୃଦ୍ଧି ପାଇଲେ ଏହି ରାସ୍ତା ସମ୍ପୂର୍ଣ୍ଣ ବୁଡ଼ିଯିବାର ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ଓଳଗ, ଆରଡ଼ି, ସୁନ୍ଦରପୁର ଓ ନାନ୍ଦପୁର ପଞ୍ଚାୟତର ପ୍ରାୟ ୨୭ଟି ଗ୍ରାମର ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ବିଶେଷକରି ଚାଷୀମାନେ ଚାଷଜମିର କ୍ଷତି ଓ ଯାତାୟାତ ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ରାସ୍ତା ବିଚ୍ଛିନ୍ନ ହେଲେ ବୋଡକ ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯିବ। ସେହିପରି ଆରଡ଼ି-ଭୁବନେଶ୍ୱର (ଭାୟା ଯାଜପୁର) ବସ୍ ଚଳାଚଳ ମଧ୍ୟ ବନ୍ଦ ହେବାର ସମ୍ଭାବନା ରହିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୦ ବର୍ଷ ଧରି ଉକ୍ତ ସ୍ଥାନର ସ୍ଥାୟୀ ମରାମତି ପ୍ରସଙ୍ଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଜଳସେଚନ ବିଭାଗ ମଧ୍ୟରେ କଥା କଟାକଟି ଚାଲିଛି। ପ୍ରତିବର୍ଷ ବର୍ଷା ଋତୁରେ କେବଳ ବାଲିବସ୍ତା ପକାଇ ଅସ୍ଥାୟୀ ମରାମତି କରାଯାଉଥିବା ବେଳେ ସ୍ଥାୟୀ ସୁଦୃଢ଼ୀକରଣ ପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ବିଭାଗ ବାହାଘର ବେଳେ ବାଇଗଣ ରୁଆ ନୀତି ପ୍ରତି ବର୍ଷ ଆପଣାଉଛି। ଗତ ବର୍ଷ ବି ଏହିଭଳି ବନ୍ୟା ସମୟରେ ବାଲିବସ୍ତା ପକେଇ କାମ ଚଳେଇ ଦେଇଥିଲେ। ପ୍ରଥମ କଥା ଜଳସମ୍ପଦ ବିଭାଗ ଓ ଜାତୀୟ ରାଜପଥ ବିଭାଗ ସ୍ପଷ୍ଟ କରୁ। ଏହି ରାସ୍ତା ମରାମତିର ଦାୟିତ୍ୱ କାହାର, କାହିଁକି ଉଭୟ ବିଭାଗ ଲୋକଙ୍କ ସମସ୍ୟା ସହିତ ଖେଳ ଖେଳୁଛନ୍ତି। ତେଣୁ ବନ୍ୟା ପରିସ୍ଥିତି ଗମ୍ଭୀର ହେବା ପୂର୍ବରୁ ଏହି ସ୍ଥାନର ସ୍ଥାୟୀ ସୁଦୃଢ଼ୀକରଣ ସହ ରାସ୍ତାର ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ନଚେତ୍ ଯେକୌଣସି ସମୟରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହେବା ସହ ଚାଷବାସ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।


## ବିଧାୟକଙ୍କ ସମୀକ୍ଷା ବୈଠକ



ବାରିକପୁର,୨୮।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ସହିତ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ବୈତରଣୀ ବନ୍ୟା ପରିସ୍ଥିତି ନେଇ ସନ୍ଧ୍ୟାରେ ସମୀକ୍ଷା କରିଛନ୍ତି। ବିଧାୟକ ବନ୍ଧାଲୋ-ମଢ଼ିଆଲିଠାରୁ ଆରମ୍ଭ କରି ଆଖୁଆପଦା ଆନିକଟ ଓ କଟଶସ ଘାଇ ପରିଦର୍ଶନ କରିବା ପରେ ସନ୍ଧ୍ୟାରେ ବିଡିଓ ଦେବଦଲ ଦାସଙ୍କ ସହିତ ସମୀକ୍ଷା କରିଛନ୍ତି। ବନ୍ୟା ପାଣି ଏବେ ଗାଁ ଗାଁକୁ ପ୍ରବେଶ କରୁଥିବାବେଳେ କୌଣସି ସ୍ଥାନରେ ଶୁଖିଲା ଖାଦ୍ୟ ପହଞ୍ଚିପାରିନାହିଁ। ଯାହାକୁ ନେଇ ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। ଏପରିକି ବନ୍ୟା ପ୍ରଭାବିତ କେତେକ ସ୍ଥାନକୁ ଜନସାଧାରଣମାନଙ୍କୁ ଅଦ୍ୟାବଧି ସ୍ଥାନାନ୍ତରିତ କରାଯାଇନାହିଁ। ବନ୍ୟା ପରିସ୍ଥିତି ଉଦ୍‌ବେଗଜନକ ରହିଥିବାବେଳେ ଏହାକୁ ମୁକାବିଲା କରିବା ପାଇଁ ବିଭାଗ ବିଭାଗ ମଧ୍ୟରେ କୌଣସି ସମନ୍ୱୟ ରହୁନଥିବା ବିଧାୟକ ଅଭିଯୋଗ କରିଛନ୍ତି। ତେଣୁ ବନ୍ୟା ଘେରରେ ଥିବା ଜନସାଧାରଣଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ସହିତ ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ଓ ଗୋ-ଖାଦ୍ୟ ତୁରନ୍ତ ଦେବାକୁ ଦାବି କରିଛନ୍ତି। ଏହାଛଡ଼ା ଅତି ସଂକଟାପନ୍ନ ସ୍ଥାନରେ ବୋଟ୍ ବ୍ୟବସ୍ଥା ସହିତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କୁ ପଠାଇବାକୁ ସେ କହିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ବୟସର ପ୍ରଭାବ ଶାରୀରିକ ତୁଳନାରେ ମାନସିକ ସ୍ତରରେ ଅଧିକ । ସେ ବିଷୟରେ ଚିନ୍ତା ନ କଲେ ତା'ର ପ୍ରଭାବ ଶରୀର ଉପରେ ପଡ଼ିବ ନାହିଁ ।
-ମାର୍କ ଟ୍ୱେନ୍

## ସିଜେପି-ଇଜେପି-ଆରଏଚଏ

କକ୍ରୋଚ୍ ଜନତା ପାର୍ଟି(ସିଜେପି)ର ଉଲ୍ଲେଖନୀୟ ସଫଳତାରେ ଅନୁପ୍ରାଣିତ ହୋଇ 'ଇଜେପି'(ଇଥାନଲ୍ ମିଶ୍ରିତ ପଟ୍ରୋଲ୍ ବା ଇ୨୦ ଇନ୍ଧନକୁ ବିରୋଧ କରୁଥିବା 'ଇ୨୦ ଜନତା ପାର୍ଟି') ଏବଂ 'ଆରଏଚ୍ଏ'(ରିଜର୍ଭେସନ୍ ହଟାଅ ଆନ୍ଦୋଳନ) ନାମରେ ଆଉ ଦୁଇଟି ଭର୍ଚୁଆଲ୍ (ଇଣ୍ଟରନେଟ୍ ବା ସାମାଜିକ ଗଣମାଧ୍ୟମ) ରାଜନୈତିକ ଦଳ ଜନ୍ମ ନେଇ ଜନସମର୍ଥନ ହାସଲ ଉଦ୍ୟମ ଜାରି ରଖିଛନ୍ତି । ଏଥିମଧ୍ୟରୁ 'ଆରଏଚ୍ଏ' ଇନଷ୍ଟାଗ୍ରାମ୍‌ରେ ଗୋଟିଏ ଦିନରେ ୨୦ ଲକ୍ଷରୁ ଅଧିକ ସମର୍ଥନ ବା ଅନୁଗାମୀ ସୃଷ୍ଟି କରିଥିବା ଦାବି କରିଛି । ଏହି ଧାରା ଓ ମାନସିକତା ବଳବତ୍ତର ରହିଲେ ଭବିଷ୍ୟତରେ ଭାରତର ବହୁଦଳୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଭଳି ପରିବେଶ ସୃଷ୍ଟି ହେବ ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଏବଂ ଆଜିର ଇଣ୍ଟରନେଟ୍ ଯୁଗରେ ଭିନ୍ନ ମତ, ଭିନ୍ନ ପନ୍ଥ ସୃଷ୍ଟି ଓ ଅନୁସରଣ କରିବାର ଅଧିକାର ସମସ୍ତଙ୍କର ରହିଛି । ଏହି ଆଧାରରେ ସିଜେପି, ଇଜେପି, ଆରଏଚ୍ଏ ଭଳି ବହୁ ଭର୍ଚୁଆଲ୍ ସଂଗଠନ ଓ ଆନ୍ଦୋଳନ କରିବାରେ ଅସ୍ୱାଭାବିକତା ନାହିଁ । କିନ୍ତୁ ଅସଲ ସମସ୍ୟା ହେଉଛି ସେଗୁଡ଼ିକ ଯଦି ଉଦ୍ଦେଶ୍ୟମୂଳକ ବା ନିର୍ଦ୍ଦିଷ୍ଟ ସ୍ୱାର୍ଥବିଜଡ଼ିତ, ଅଭିସନ୍ଧିମୂଳକ, ମତାନ୍ଧ, ସାମ୍ପ୍ରଦାୟିକ ଆଧାରିତ ହୁଏ ତେବେ ଦେଶର ଆଇନ ଶୃଙ୍ଖଳା, ଏକତା, ଅଖଣ୍ଡତା ଓ ସାର୍ବଭୌମ ପ୍ରତି ବିପଦ । ପ୍ରତ୍ୟକ୍ଷ ଭାବେ ଏହା ଇଣ୍ଟରନେଟ୍ ଓ ସୂଚନା ପ୍ରଯୁକ୍ତି ବିଦ୍ୟାର ଦୁରୁପଯୋଗ ବୋଲି ଧରାଯିବ । 'ସିଜେପି'ର ଅଭୂତପୂର୍ବ ସଫଳତା ଓ ଉଦାହରଣୀୟ ଲୋକପ୍ରିୟତାକୁ କ୍ଷୁଣ୍ଣ କରିବା ଲାଗି 'ଆରଏଚ୍ଏ' ଭଳି ଏକ ସମାନ୍ତରାଳ ଆନ୍ଦୋଳନ ଶାସନ କଳର ପ୍ରଚ୍ଛନ୍ନ ସମର୍ଥନ ଓ ଯୋଜନାରେ ଜନ୍ମ ନେଇଥିବା ଚର୍ଚ୍ଚା ହେଉଛି । ଯଦି ଏହି ଚର୍ଚ୍ଚା ପଛରେ ଲେଶମାତ୍ର ସତ୍ୟତା ଥାଏ ତେବେ ତାହା ଭାରତକୁ ଏକ ବିଶାଳ ଅଗ୍ନିପିଣ୍ଡୁଳାରେ ପରିଣତ କରିଦେବ, ଯାହାକୁ ନିୟନ୍ତ୍ରଣ କରିବା ଯେକୌଣସି ସରକାର କିମ୍ବା ଦଳ ପକ୍ଷରେ ଅସମ୍ଭବ ।

ଆଦର୍ଶ ଓ ଉଦ୍ଦେଶ୍ୟ ଆଧାରରେ ଉପରୋକ୍ତ ତିନି ଆନ୍ଦୋଳନ ବା ସଂଗଠନକୁ ତୁଳନା କରାଯାଉ । ସାମାଜିକ ଅନ୍ୟାୟ, ନୀତିଗତ ବୈଷମ୍ୟ ଓ ବ୍ୟବସ୍ଥାର ଅତ୍ୟାଚାର କୌଣସି ଜାତି, ଦଳ କିମ୍ବା ବର୍ଗ ଦେଖେ ନାହିଁ । ବେରୋଜଗାର, ପୀଡ଼ିତ, ନିଷ୍ପେସିତ, ଅବହେଳିତ ବର୍ଗଙ୍କ ପ୍ରତି ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ସାମାନ୍ୟ ଅସାବଧାନତାବଶତଃ ମୁଖନିଃସୃତ ଶବ୍ଦ(କକ୍ରୋଚ)ରୁ 'ସିଜେପି' ଜନ୍ମ ନେବା ପରେ ସ୍ୱାଭାବିକ ଭାବେ ଦଳମତ ନିର୍ବିଶେଷରେ ଏଥିପ୍ରତି ବିପୁଳ ସମର୍ଥନ ବଢ଼ିଚାଲିଲା । ଅନୁଗାମୀମାନେ ନିଜ ନିଜକୁ 'କକ୍ରୋଚ୍'(ଅସରପା) ରୂପେ ଅଭିହିତ କରିବାକୁ ସଂକୋଚ କଲେ ନାହିଁ ଏବଂ ହୃଦ୍‌ବୋଧ କଲେ ଯେ 'କକ୍ରୋଚ୍ ଜନତା ପାର୍ଟି' ସେମାନଙ୍କ ବେଦନାର କଥା ହିଁ କହୁଛି । ସେଥିରେ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀଗତ ସ୍ୱାର୍ଥ ବଦଳରେ ସାର୍ବଜନିନ ସ୍ୱାର୍ଥ ଓ ସ୍ୱର ପ୍ରତିଫଳିତ ହେଲା । 'ସିଜେପି'ର ପ୍ରଥମ ଇସ୍ତାହାର ଓ ଦାବି ଥିଲା ଶାସନ, ପ୍ରଶାସନ ଓ ବ୍ୟବସ୍ଥାରେ ସଂସ୍କାର ଓ ସ୍ୱଚ୍ଛତା, ଯାହା ସମଗ୍ର ଦେଶର ଜନତାଙ୍କ ଦୀର୍ଘବର୍ଷର ଅବଦମିତ ଇଚ୍ଛାକୁ ସାର୍ବଜନିନ ସ୍ତରରେ ଆନୁଷ୍ଠାନିକ ଭାବରେ ପରିପ୍ରକାଶ କଲା । ଭିନ୍ନ ଜାତି ଭିନ୍ନ ଧର୍ମ ଭିନ୍ନ ଗୋଷ୍ଠୀର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଜଡ଼ିତ ପ୍ରଶ୍ନପତ୍ର ପ୍ରଘଟ ପରି ସମ୍ବେଦନଶୀଳ ପ୍ରସଙ୍ଗଟି ସମସ୍ତଙ୍କ ମନକୁ ଛୁଇଁଲା । ଶେଷରେ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି ସଫଳ ହେଲା ।

ଅପରପକ୍ଷରେ 'ଇଜେପି'ର ସୃଷ୍ଟି ବ୍ୟବସାୟିକ ଅଭିସନ୍ଧିର ବିରୋଧରୁ । ଇ-ଇନ୍ଧନକୁ ବିରୋଧ ପାଇଁ 'ଇଜେପି'ର ଦାବି ଓ ଉପସ୍ଥିତିକୁ ଅସ୍ୱୀକାର କରିହେବ ନାହିଁ । କିନ୍ତୁ ଦେଶରେ ଆଜି ମଧ୍ୟ ୮୦ କୋଟି ପରିବାର ସରକାରୀ ରିହାତି ଯୋଜନା ଉପରେ ନିର୍ଭରଶୀଳ । ସେମାନଙ୍କ ପାଇଁ ଇନ୍ଧନର ଗୁଣ, ମାନ, ପ୍ରଭାବ ଆଦିର ଅର୍ଥ ଅତି ଗୌଣ । ତେଣୁ 'ଇଜେପି'ଯେ 'ସିଜେପି' ଭଳି ବିପୁଳ ଜନସମର୍ଥନ ହାସଲ କରିବାର ସମ୍ଭାବନା ଆପାତତଃ ଦେଖାଯାଉନାହିଁ । ସେହିପରି 'ସଂରକ୍ଷଣ' ଭଳି ସ୍ୱାଧୀନ ଭାରତର ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ ଏବଂ ସମ୍ପୂର୍ଣ୍ଣ ଭାବେ ଗୋଷ୍ଠୀଭିତ୍ତିକ ସ୍ୱାର୍ଥ ସାଧନ ଲକ୍ଷ୍ୟରୁ 'ଆରଏଚ୍ଏ'ର ଜନ୍ମ । ତେଣୁ ସଂରକ୍ଷଣର ଲାଭାର୍ଥୀ ଏହାକୁ ସମର୍ଥନ କରିବାର ପ୍ରଶ୍ନ ଉଠୁନାହିଁ କି ସଂରକ୍ଷଣ ବ୍ୟବସ୍ଥାର ପୀଡ଼ିତ ବର୍ଗଙ୍କ ଧାରଣା ଓ ଆନ୍ଦୋଳନ ଯେତେ ତୀବ୍ର ହେଲେ ମଧ୍ୟ ବ୍ୟବସ୍ଥାର ବିଲୋପ ହେବାର ସମ୍ଭାବନା ନାହିଁ । ଅଧିକନ୍ତୁ 'ଆରଏଚ୍ଏ' ଯଦି ସମଗ୍ର ଦେଶର ଯୁବବର୍ଗଙ୍କୁ 'ସଂରକ୍ଷଣ ସପକ୍ଷବାଦୀ' ଓ 'ସଂରକ୍ଷଣ ବିରୋଧୀ' ଭଳି ଦୁଇଗୋଷ୍ଠୀରେ ବିଭକ୍ତ କରିଦେବ ତେବେ ସମଗ୍ର ଭାରତ ମଣିପୁର ଦଶା ଭୋଗିପାରେ । ତେଣୁ 'ସିଜେପି'ର ଲୋକପ୍ରିୟତା ହ୍ରାସ ପାଇଁ ଯଦି ଉଦ୍ଦେଶ୍ୟମୂଳକ ଭାବେ 'ଆରଏଚ୍ଏ'କୁ ସୃଷ୍ଟି କରାଯାଇଥାଏ ତେବେ ତାହା ଅଚିରେ ବୁମେରାଂ ହୋଇ ସ୍ଥିତିକୁ ଭୟାନକ କରିବା ପୂର୍ବରୁ ବିପଜ୍ଜନକ ଯୋଜନାରୁ କ୍ଷାନ୍ତ ରହିବା ଅଧିକ ଉଚିତ ହେବ ।

'ଆରଏଚ୍ଏ'ର ଦାବି ଓ ଉଦ୍ଦେଶ୍ୟର ପ୍ରାସଙ୍ଗିକତା ଉପରେ କିଞ୍ଚିତ ଦୃଷ୍ଟି ଦେବା । ସଂରକ୍ଷଣ ବ୍ୟବସ୍ଥାର ବିଲୋପ ଦାବି ଅନୁଚିତ କିମ୍ବା ଅବାଞ୍ଛିତ ନୁହେଁ । କିନ୍ତୁ ଏହାର କଳ୍ପନା ଯେତେ ସରଳ ଦେଖାଯାଇଛି ବାସ୍ତବତା ତା'ଠାରୁ ବହୁଗୁଣ ଜଟିଳ । ସ୍ୱାଧୀନୋତ୍ତର ଭାରତରେ ସାମାଜିକ-ଅର୍ଥନୈତିକ ବୈଷମ୍ୟକୁ ହଟାଇ ସମତୁଲତା ଆଣିବାକୁ ସଂରକ୍ଷଣ ଏକ ପରୀକ୍ଷଣ ଓ ପ୍ରୟୋଗ ଥିଲା, ଯାହା ପରବର୍ତ୍ତୀ କାଳରେ ଭୋଟ-ରାଜନୀତିର ଏକ ଅମୋଘ ଅସ୍ତ୍ର ପାଲଟିଗଲା । ନିର୍ବାଚନ ରଣାଙ୍ଗନରେ ଜିତା ପଟ ହାସଲ କରିବାରେ ବ୍ୟବହୃତ ଏହି ଅମୋଘ ଅସ୍ତ୍ରଟିକୁ କୌଣସି ରାଜନୈତିକ ଦଳ କିମ୍ବା ସରକାର ଏତେ ସହଜରେ ହରାଇବାକୁ ଚାହିଁବେ ନାହିଁ । ବରଂ ସମଗୁଣ ସମ୍ପନ୍ନ ଆହୁରି ଅଧିକରୁ ଅଧିକ ସଂରକ୍ଷଣ-ଅସ୍ତ୍ର ନିର୍ମାଣ ଓ ପ୍ରୟୋଗ ହେଉଥିବା ଦେଖାଯାଉଛି । ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବାର ୭୬ ବର୍ଷ ପରେ ମଧ୍ୟ ଏହାର ମୂଳ ଲକ୍ଷ୍ୟ ପୂରଣ ହୋଇନାହିଁ କି ଆହୁରି ଶହେ ବର୍ଷ ପର୍ଯ୍ୟନ୍ତ ହେବାର ସମ୍ଭାବନା ଦେଖାଯାଉନାହିଁ । ଅଧିକନ୍ତୁ ସଂରକ୍ଷଣର ଫାଇଦା 'ପାରିବାର ଲୋକେ' ହାତେଇ ନେଇ ଚାଲୁଥିବା ବେଳେ 'ଅବଶିଷ୍ଟ ବର୍ଗ' ଅଦ୍ୟାବଧି ବଞ୍ଚିତ ।

ସଂରକ୍ଷଣର ଆବଶ୍ୟକତା, ପ୍ରଭାବ ଓ ବାସ୍ତବତା ସମ୍ପର୍କରେ ଅନେକ ବିତର୍କ, ଆଲୋଚନା, ବିକ୍ଷୋଭ, ଆନ୍ଦୋଳନ, ଅଦାଲତ ମାମଲା ଚାଲି ଆସିଛି । ତେଣୁ ଆଉ ଅଧିକ ବିତର୍କ ଅନାବଶ୍ୟକ । ବାସ୍ତବତକୁ ସ୍ୱୀକାର କରି, ପରିସ୍ଥିତିକୁ ହୃଦୟଙ୍ଗମ କରି ସମସ୍ତ ରାଜନୈତିକ ଦଳ 'ସଂରକ୍ଷଣ' ଶବ୍ଦଟିକୁ ବ୍ୟବସ୍ଥାରୁ ସମ୍ପୂର୍ଣ୍ଣ ବିଲୋପ କରିବା ପାଇଁ ସଂକଳ୍ପ ନ ନେବା ପର୍ଯ୍ୟନ୍ତ ଏହି ସମସ୍ୟାର ମୂଳୋତ୍ପାଟନ ହେବ ନାହିଁ । ତେଣୁ 'ଆରଏଚ୍ଏ'କୁ 'ସିଜେପି' ଭଳି ରାଜନୈତିକ ସମର୍ଥନ ମିଳିବା ଆଶା ମଧ୍ୟ ଊଣା ।

# ବଢ଼ି ଚାଲିଛି ଦେଶର ଋଣ ବୋଝ: ଗତି କୁଆଡ଼େ?

**ପ୍ରହଲାଦ କୁମାର ସିଂହ**

ଭାରତ ସରକାରଙ୍କ ଋଣ ବୋଝ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ୨୦୦ଲକ୍ଷ କୋଟି ଟଙ୍କାକୁ ଟପିଯାଇଥିବା ବେଳେ ୨୦୨୭ ମାର୍ଚ୍ଚ ବେଳକୁ ଏହାର ପରିମାଣ ୨୧୮ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ସରକାର ଆକଳନ କରିଛନ୍ତି । ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ୨୧.୭.୨୦୨୬ରେ ସଂସଦରେ ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି । ଏହି ତଥ୍ୟ ମୁତାବକ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ବେଳକୁ ଭାରତର ଋଣବୋଝ ୨୦୧.୧୭ଲକ୍ଷ କୋଟି ଟଙ୍କା ଥିବା ବେଳେ ବୈଦେଶିକ ଋଣର ପରିମାଣ ଥିଲା ୯.୮୯ଲକ୍ଷ କୋଟି ଟଙ୍କା । ତେବେ ବୈଦେଶିକ ଋଣ ବୋଝ ୯.୬୪ଲକ୍ଷ କୋଟି ଟଙ୍କାକୁ କମିପାରେ ବୋଲି ସୂଚନା ମିଳୁଛି ।

ବଢ଼ି ଚାଲିଥିବା ଋଣବୋଝ ସହ ତାଳ ଦେଇ ସୁଧ ଓ ମୂଳ ପରିଶୋଧ ବି ବର୍ଷକୁ ବର୍ଷ ବଢ଼ିବଢ଼ି ଚାଲିଛି । ୨୦୨୦-୨୧ ବର୍ଷରେ ଆମ ଦେଶ ୨.୬୨ ଲକ୍ଷ କୋଟି ଟଙ୍କା ଋଣ ପରିଶୋଧ କରିଥିବା ବେଳେ ୬.୮୦ଲକ୍ଷ କୋଟି ଟଙ୍କା ସୁଧ ଆକାରରେ ଦେଇଥିଲା । ୨୦୨୫-୨୬ ବର୍ଷ ପାଇଁ ଯେଉଁ ପ୍ରାଥମିକ ଆକଳନ ସରକାର କରିଛନ୍ତି ତଦନୁଯାୟୀ ୪.୬୧ ଲକ୍ଷ କୋଟି ଟଙ୍କାର ଋଣ ସୁଝା ଯାଇଥିବା ସହ ସୁଧ ବାବଦରେ ଆମ ରାଜକୋଷରୁ ଯାଇଛି ୧୨.୪୩ଲକ୍ଷ କୋଟି ଟଙ୍କା । ଚଳିତ ଆର୍ଥିକ ବର୍ଷରେ ଆମ ଦେଶ ମୂଳ ବାବଦରେ ୬.୨୨ଲକ୍ଷ କୋଟି ଓ ସୁଧ ବାବଦରେ ୧୪.୦୪ଲକ୍ଷ କୋଟି ଟଙ୍କା ପରିଶୋଧ କରିବା ପାଇଁ ବଜେଟ୍‌ରେ ଆକଳନ ରହିଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ତଥ୍ୟରେ ଉଲ୍ଲେଖ କରାଯାଇଛି । ୨୦୨୬-୨୭ ବର୍ଷର ମୂଳ ବଜେଟ୍ ୫୩, ୪୭, ୩୧୫ କୋଟି ଟଙ୍କାର ଥିବା ବେଳେ ଏଥିରୁ ୨୪ ପ୍ରତିଶତ ଆସିବ ଋଣରୁ ଏବଂ ସୁଧ ଆଦି ଦେୟ ବାବଦରେ ଖର୍ଚ୍ଚ ହେବ ପ୍ରାୟ ୨୦ ପ୍ରତିଶତ । ମୋଟାମୋଟି ଭାବେ ସରକାରୀ ହିସାବ ମୁତାବକ ଚଳିତ ବର୍ଷରେ କେନ୍ଦ୍ର ସରକାର ୧୭.୨ଲକ୍ଷ କୋଟି ଟଙ୍କାର ଋଣ ଉଠାଇବାକୁ ଲକ୍ଷ୍ୟ ରଖିଥିବା ବେଳେ ଋଣ ବାବଦରେ ସୁଝିବାକୁ ବଜେଟ୍‌ରେ ବ୍ୟବସ୍ଥା ରଖିଛନ୍ତି ୧୪, ୦୩, ୯୭୨ କୋଟି ଟଙ୍କା । କେନ୍ଦ୍ର ସରକାରଙ୍କ ଋଣ ବୋଝ ୨୦୦ଲକ୍ଷ କୋଟି ଟଙ୍କାକୁ ଟପିଯାଇଥିବା ବେଳେ ରାଜ୍ୟ ସରକାରମାନଙ୍କ ଋଣବୋଝ ପ୍ରାୟ ୧୧୦ଲକ୍ଷ କୋଟି ଟଙ୍କା ହେବ ବୋଲି ଆଶଙ୍କା କରାଯାଉଛି ।

୧୯୪୭ରେ ଆମ ଦେଶ ସ୍ୱାଧୀନ ହେବା ବେଳକୁ ଦେଶର ଦେଣା ପରିମାଣ ୨୩୩୧.୯୮ କୋଟି ଟଙ୍କା ଥିଲା । ଏହା ବଢ଼ିବଢ଼ି ଚଳିତ ଆର୍ଥିକ ବର୍ଷରେ ବଜେଟ୍ ବ୍ୟବସ୍ଥାନୁଯାୟୀ ସରକାର ୧୭.୨ଲକ୍ଷ କୋଟି ଟଙ୍କା ଋଣ ଉଠାଇବାକୁ ପ୍ରସ୍ତାବ ରଖିଛନ୍ତି । ଜିଡିପିର ପାଖାପାଖି ୫୮ ପ୍ରତିଶତ ହେଉଛି କେନ୍ଦ୍ର ସରକାରଙ୍କ ଋଣ ବୋଝ । ଋଣ ଯନ୍ତାରେ ପଡ଼ି ପାକିସ୍ତାନ, ଶ୍ରୀଲଙ୍କା, ନେପାଳ ଆଦି ଦେଶମାନେ ଯେମିତି କଲବଲ ହେଉଛନ୍ତି ତାହାକୁ ଆଖି ଆଗରେ ରଖି ଆମ ଋଣ ବୋଝ କମାଇବା କଥା । କିନ୍ତୁ ଆମେରିକା, ଜାପାନ, ଫ୍ରାନ୍ସ, ଇଂଲଣ୍ଡ ଆଦି ଦେଶର ଋଣ ପରିମାଣ ଜିଡିପି ତୁଳନାରେ ଢେର ଅଧିକ ବୋଲି ଯୁକ୍ତି ବାଢ଼ି ଆମେ ଋଣ ବୋଝ ବଢ଼ାଇ ବଢ଼ାଇ ଚାଲିଛେ ।

ପ୍ରାୟ ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ଆମ ଦେଶ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇ ୫ ଟ୍ରିଲିୟନ୍ ଆର୍ଥିକ କାରବାର ଆଡ଼କୁ ଆଗଉଥିବା କୁହାଯାଉଛି । ଅନ୍ୟପଟେ ଋଣ ବୋଝ ବଢୁଥିବା ବେଳେ ଦେଶର ବାଣିଜ୍ୟିକ ନିଅଣ୍ଟ ପରିମାଣ ବଢ଼ିବଢ଼ି ଚାଲିଛି । ୧୯୫୦-୫୧ରେ ଆମ ଦେଶର ବାଣିଜ୍ୟିକ ନିଅଣ୍ଟ ପରିମାଣ ମାତ୍ର ୨କୋଟି ଟଙ୍କାରେ ସୀମିତ ଥିବା ବେଳେ ୨୦୨୪-୨୫ରେ ଏହା ୨୩ଲକ୍ଷ କୋଟି ଟଙ୍କାରୁ ଅଧିକ ଥିଲା । କେନ୍ଦ୍ର ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟ ମୁତାବକ ୨୦୨୪-୨୫ ବର୍ଷରେ ଭାରତ ବିଦେଶକୁ ୩୭, ୦୩, ୪୧୨ କୋଟି ଟଙ୍କାର ସାମଗ୍ରୀ ରପ୍ତାନୀ କରିଥିବା ବେଳେ ବିଦେଶରୁ ଆମଦାନି କରିଥିଲା ୬୦, ୯୮, ୨୧୦ କୋଟି ଟଙ୍କାର ସାମଗ୍ରୀ । ସବୁଠାରୁ ଉଦ୍‌ବେଗଜନକ କଥା ହେଉଛି ଯେ ଆମେ ଖଣିଜ ସାମଗ୍ରୀ ଭଳି କଞ୍ଚାମାଲ୍‌ମାନ ବିଦେଶକୁ ବହୁ ପରିମାଣରେ ରପ୍ତାନୀ କରୁଥିବା ବେଳେ କପା ସମେତ ଅନ୍ୟାନ୍ୟ କୃଷିଜାତ ସାମଗ୍ରୀ ବ୍ୟାପକ ପରିମାଣରେ ଆମଦାନି କରୁଛୁ । ଏମିତିକି ଆମକୁ ବି ବିଦେଶରୁ ଡାଲି ଆଣିବାକୁ ପଡୁଛି । ଆମ ଦେଶର ଆର୍ଥିକ ବିକାଶ ସଂପର୍କରେ ଆମେ ଯେତେ ବଡ଼ବଡ଼ କଥା କହିଲେ ମଧ୍ୟ ବାସ୍ତବ ଚିତ୍ର ହେଉଛି ଟଙ୍କାର ବିନିମୟ ମୂଲ୍ୟ ଆନ୍ତର୍ଜାତିକ ବଜାରରେ ଉଦ୍‌ବେଗଜନକ ଭାବେ ହ୍ରାସ ପାଇବା । ଗତ ଶତାବ୍ଦୀର ୪୦ ଦଶକରେ ଗୋଟିଏ ଆମେରିକୀୟ ଡଲାର ସହିତ ଗୋଟିଏ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ପ୍ରାୟ ସମାନ ଥିଲା । ୧୯୭୬ ବେଳକୁ ଗୋଟିଏ ଡଲାର ବିନିମୟ ମୂଲ୍ୟ ୮ଟଙ୍କା ୯୭ ପଇସା ଥିବାବେଳେ ୨୦୦୦ରେ ତାହା ୪୫ଟଙ୍କା, ୨୦୧୪ରେ ୬୧ ଟଙ୍କା ଓ ୨୦୨୬ ଜୁଲାଇ ବେଳକୁ ପ୍ରାୟ ୯୭ଟଙ୍କାରେ ପହଞ୍ଚିଲାଣି ।

ଆର୍ଥିକ ବିକାଶ ପାଇଁ ଋଣ କଲେ ଲାଭରୁ ତାହା ସହଜରେ ସୁଝି ହୋଇଯାଏ । କିନ୍ତୁ ଆମେ ପ୍ରଶାସନିକ ଖର୍ଚ୍ଚ ବୃଦ୍ଧି କରିବା ସହିତ ଲଗାମଛଡ଼ା ଅପବ୍ୟୟ, ଦୁର୍ନୀତି, ମାଗଣା ବଣ୍ଟନ, ନିଶା ପ୍ରସାରଣ, ନୀତି ବିହୀନ ରାଜନୀତି ଆଦିରେ ମାତିବା ଫଳରେ ଅବସ୍ଥା ବିଗିଡ଼ି ଚାଲିଛି । ତଳୁ ଉପର ପର୍ଯ୍ୟନ୍ତ ସରକାରୀ କାମରେ ପିସି ରାଜ୍ ଚାଲିଛି । ଏକଦା ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିକାଶମୂଳକ କାମ ପାଇଁ କେନ୍ଦ୍ର ଦେଉଥିବା ଅର୍ଥର ପ୍ରାୟ ୮୫ ପ୍ରତିଶତ ବାଟମାରଣା ହୋଇଯାଉଛି ବୋଲି । ମିତବ୍ୟୟିତାକୁ ଭୁଲି ଆମେ ଅର୍ଥ ଅପଚୟରେ ଲାଗିପଡ଼ିଛୁ । ଏଭଳି ସ୍ଥିତିରେ ଋଣ ବୋଝ ସହିତ ବେକାରୀ, ବେରୋଜଗାରୀ, ନିଶା, ହିଂସା, ଅପରାଧ ଆଦି ବଢ଼ି ଚାଲିଥିବାବେଳେ ସୀମିତ ସଂଖ୍ୟକ ଧନୀଙ୍କ ହାତରେ ଆମ ରାଷ୍ଟ୍ରୀୟ ସଂପଦର ମୁଖ୍ୟାଂଶ ରହୁଛି ।

ମାଗଣା ବଣ୍ଟନ ବ୍ୟବସ୍ଥା ଘେନି ବାରମ୍ବାର ସର୍ବୋଚ୍ଚ ନ୍ୟାୟାଳୟ, ରିଜର୍ଭ ବ୍ୟାଙ୍କ ଓ ପ୍ରଗତିଶୀଳ ଅର୍ଥଶାସ୍ତ୍ରୀମାନେ ଚିନ୍ତା ପ୍ରକଟ କରୁଛନ୍ତି । ଅଥଚ ଆଗାମୀ ପିଢ଼ି ପାଇଁ ନଭାବି ଆଗାମୀ ନିର୍ବାଚନ ଜିଣିବା ଲାଗି ବିଭିନ୍ନ ଦଳର ରାଜନୈତିକ ନେତୃବୃନ୍ଦ ମାଗଣା ବଣ୍ଟନର ପ୍ରତିଯୋଗିତା ଚଲାଇ ପରଧନରେ ପୁନେଇ କରୁଛନ୍ତି । ଦେଶର ୮୦କୋଟି ୧୦ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ଓ ଗହମ ଆଦି ଦିଆଯାଉଥିବାବେଳେ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନାରେ ବି କେନ୍ଦ୍ର ଓ ରାଜ୍ୟ ସରକାରମାନେ ଲକ୍ଷଲକ୍ଷ କୋଟି ଟଙ୍କା ବାଣ୍ଟୁଛନ୍ତି । ଏଥିରୁ ବହୁ ଅଯୋଗ୍ୟ ଓ ସଂପନ୍ନ ଲୋକ ଫାଇଦା ଉଠାଇ ଚାଲିଛନ୍ତି । ଆର୍ଥିକ ଦୃଷ୍ଟିରୁ ଆମ ଦେଶ କେତେ ସବଳ ତାହା ଏହି ମାଗଣା ବଣ୍ଟନ ଯୋଜନାମାନ ସୂଚାଇ ଦେଉଛନ୍ତି ।

ପ୍ରକାଶିତ ତଥ୍ୟ ମୁତାବକ ଆମ ଦେଶର ଧନୀ ଲୋକଙ୍କ ଭିତରୁ ୩୦ ପ୍ରତିଶତଙ୍କ ହାତରେ ମୋଟ ସଂପତ୍ତିର ୯୦ ପ୍ରତିଶତ ରହିଥିବା ବେଳେ ଏହି ବର୍ଗର ଶୀର୍ଷରେ ଥିବା ୧ ପ୍ରତିଶତ ଧନୀଙ୍କ ହାତରେ ମୋଟ ସଂପତ୍ତିର ୪୦ ପ୍ରତିଶତରୁ ଅଧିକ ରହିଛି । ବିଶ୍ୱର ବିଭିନ୍ନ ଦେଶ ତୁଳନାରେ ସର୍ବାଧିକ ଦରିଦ୍ର ଲୋକ ରହୁଛନ୍ତି ଭାରତରେ । ଦେଶ ଚଳାଇବା ପାଇଁ ଆମ ଦେଶର ଜିଏସ୍‌ଟି ବାବଦରେ ଯେତେ ଟିକସ ଆଦାୟ ହେଉଛି ତାହାର ପ୍ରାୟ ଦୁଇ-ତୃତୀୟାଂଶ ସବୁଠାରୁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଲୋକଙ୍କଠାରୁ ଆଦାୟ ହୋଇଥାଏ । ମୋଟାମୋଟି ଭାବେ ଗରିବ ଲୋକଙ୍କ ଟିକସ ଅର୍ଥରେ ଏବଂ ସେମାନଙ୍କ ମୁଣ୍ଡ ଉପରେ ଉଠାଯାଉଥିବା ଋଣକୁ ଭରସା କରି ଆମ ଦେଶ ଚାଲିଛି । ଋଣ ବୋଝ ଓ ବିଦେଶୀ ଯନ୍ତାରୁ ମୁକ୍ତି ପାଇବା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ ।

ଦାରିଦ୍ର୍ୟ ଓ ଋଣ ଚାପରେ ହନ୍ତସନ୍ତ ହୋଇ ଲୋକେ ଆତ୍ମହତ୍ୟା କରିବା ସଂକ୍ରାନ୍ତୀୟ ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଏ । କେବଳ ସେତିକି ନୁହେଁ- ନିଶା, ହିଂସା, ବେକାରୀ, ବେରୋଜଗାରୀ ଆଦି ପାଇଁ ବି ହତ୍ୟା, ଆତ୍ମହତ୍ୟା ଆଦି ଘଟିଥାଏ । ଏଭଳି ସ୍ଥିତିରେ ରାଜ୍ୟ ଓ ରାଷ୍ଟ୍ର ଋଣ ଚାପରେ ଅଣନିଶ୍ୱାସୀ ହୋଇପଡୁଥିବା ବେଳେ ସେଥିରୁ ମୁକ୍ତି ପାଇବା ପାଇଁ ବାଟ ଖୋଜିବା ପରିବର୍ତ୍ତେ ଭୋଟ ବେପାରୀ ଓ ଭୋଟ ଭିକାରିମାନେ ଆମ ଉପରେ ଅଧିକରୁ ଅଧିକ ଋଣ ବୋଝ ଲଦି ଚାଲିଛନ୍ତି । 'ଗ୍ରାମ ସ୍ୱରାଜ' ପ୍ରତିଷ୍ଠା ହୋଇଥିଲେ ଗାଁଗୁଡ଼ିକ ହୋଇଥାନ୍ତା ସ୍ୱାବଲମ୍ବୀ । କିନ୍ତୁ ଆମେ ବିପରୀତ ଦିଗରେ ଚାଲିଛୁ । ଗୋଟିଏ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତକୁ ବେପାର କରିବାକୁ ଆସି ଆମ ଦେଶକୁ ପ୍ରାୟ ୩୦୦ ବର୍ଷ ଧରି ଲୁଟ୍ କରି ଚାଲିଲା । ଏବେ ତ ଶହଶହ ସଂଖ୍ୟାରେ ଦେଶୀ, ବିଦେଶୀ କମ୍ପାନୀ ସତେ ଯେମିତି ଆମ ଅସ୍ଥିମଜ୍ଜାକୁ ଶୋଷି ଚାଲିଛନ୍ତି । ଏପରି ବିପଜ୍ଜନକ ସ୍ଥିତିରୁ ମୁକୁଳିବା ପାଇଁ ଆମକୁ ସରଳ ସ୍ୱଦେଶୀ ସଂସ୍କୃତିକୁ ଆପଣାଇ ପ୍ରତି ଗାଁ ଓ ପ୍ରତି ଲୋକଙ୍କୁ ସ୍ୱାବଲମ୍ବୀ କରିବାକୁ ହେବ ଏବଂ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ପ୍ରଶାସନିକ ଓ ରାଷ୍ଟ୍ରୀୟ କ୍ଷେତ୍ରରେ ନିଷ୍ଠାର ସହ ମିତବ୍ୟୟିତା ଓ ସ୍ୱଚ୍ଛତାକୁ ଆପଣାଇବାକୁ ପଡ଼ିବ । ପ୍ରତି କ୍ଷେତକୁ ପାଣି ସହିତ ପ୍ରତି ହାତକୁ କାମ ଯୋଗାଇବା ସଂଗେସଂଗେ ପ୍ରାକୃତିକ ସଂପଦ ଏବଂ ପରିବେଶ ସୁରକ୍ଷା କରିବାକୁ ପଡ଼ିବ । କୃଷି, କୁଟୀରଶିଳ୍ପ, ଗ୍ରାମ୍ୟ ଶିଳ୍ପକୁ ସୁଦୃଢ଼ କରି ଖଣିଜ ଓ ଜଙ୍ଗଲଜାତ ସାମଗ୍ରୀକୁ ଚାହିଦା ମୁତାବକ ବ୍ୟବହାର କରିପାରିଲେ ବହୁ ସମସ୍ୟାର ସମାଧାନ ହୋଇପାରିବ । ନହେଲେ ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ଭଳି ଆମ ଋଣ ଗ୍ରସ୍ତ ଅବସ୍ଥା ଓ ବ୍ୟବସ୍ଥା ବିପନ୍ନ ହୋଇପଡ଼ିବ ।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

# କୃଷିନୀତିର ନୀରବ ବୈଷମ୍ୟ

**ଶଙ୍ଖସିନ୍ଧୁ ପୁରୋହିତ**

ଜମି, ପାଣି, ବର୍ଷା ଓ ଚାଷୀ - ଏହି ଚାରି ସ୍ତମ୍ଭ ଉପରେ ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ଠିଆ ହୋଇଛି । କିନ୍ତୁ ଏହି କୃଷି ବ୍ୟବସ୍ଥାର ଭିତରେ ଏକ ଗଭୀର ନୀରବ ବୈଷମ୍ୟ ବର୍ଷ ବର୍ଷ ଧରି ରହିଆସିଛି । ସେହି ବୈଷମ୍ୟ ହେଉଛି - ଅଣଋଣୀ ଚାଷୀଙ୍କ ପ୍ରତି ସରକାରୀ ଅବହେଳା । ବିଶେଷ ଭାବେ ସାର ଯୋଗାଣ କ୍ଷେତ୍ରରେ ଏ ଅବହେଳା ଚରମ ସୀମାରେ ପହଁଚିଛି । ଯେଉଁ ଚାଷୀ କୃଷି ସମବାୟରୁ ଋଣ ନେଇଛନ୍ତି ସେମାନଙ୍କ ପାଇଁ ସାର ଯୋଗାଣରେ ଅନେକ ସମୟ ସୁବିଧା ରହୁଥିବା ବେଳେ ଯେଉଁ ଚାଷୀ ନିଜ ସଞ୍ଚୟ, ପରିବାରର ଆୟ କିମ୍ବା ଧାରକରଜ କରି ଚାଷ କରୁଛନ୍ତି, ସେମାନେ ସାର ପାଇଁ ଦୋକାନରୁ ଦୋକାନ ବୁଲୁଛନ୍ତି । ଏହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ; କୃଷିନୀତିର ଏକ ଗମ୍ଭୀର ସାମାଜିକ ଅସମାନତା ।

ଅଣଋଣୀ ଚାଷୀ ହେଉଛି ବ୍ୟକ୍ତି ଯିଏ କୌଣସି କାରଣରୁ ବ୍ୟାଙ୍କରୁ ଋଣ ନେଇନାହାନ୍ତି । ଅନେକଙ୍କର ଜମିର କାଗଜପତ୍ର ସଠିକ୍ ନଥାଏ । କେହି ଭାଗଚାଷୀ, କେହି ପୂର୍ବ ଋଣ ଶୁଝିବାରେ ବ୍ୟସ୍ତ । ଆଉ କେହି ବ୍ୟାଙ୍କର ଜଟିଳ ପ୍ରକ୍ରିୟାରୁ ଦୂରରେ ରହିବାକୁ ଚାହାନ୍ତି । କିନ୍ତୁ ସେମାନେ ଚାଷ କରନ୍ତି, ଖାଦ୍ୟ ଉତ୍ପାଦନ କରନ୍ତି ଓ ରାଜ୍ୟର ଖାଦ୍ୟ ସୁରକ୍ଷାରେ ସମାନ ଅବଦାନ ରଖନ୍ତି । ତେବେ କେବଳ ଋଣ ନେଇ ନ ଥିବାରୁ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେବେ କାହିଁକି? ପ୍ରତିବର୍ଷ ଖରିଫ ଓ ରବି ଋତୁରେ ସାର ଅଭାବର ଖବର ଆସିଥାଏ । ଦୀର୍ଘ ଧାଡ଼ି, ଟୋକନ ବ୍ୟବସ୍ଥା, ଷ୍ଟକ୍ ଶେଷ, କୃତ୍ରିମ ସଙ୍କଟ, କଳାବଜାରି, ଅଧିକ ଦାମରେ ବିକ୍ରି - ଏସବୁ ଆଜି ଗ୍ରାମାଞ୍ଚଳର ସାଧାରଣ ଚିତ୍ର । ଠିକ୍ ସମୟରେ ସାର ନମିଳିଲେ ଫସଲର ବୃଦ୍ଧି ପ୍ରଭାବିତ ହୁଏ । କୃଷିରେ ସମୟ ହିଁ ସବୁଠାରୁ ବଡ଼ ପୁଞ୍ଜି । ଏକ ସପ୍ତାହର ବିଳମ୍ବ କେବେ କେବେ ଏକ ଋତୁର କ୍ଷତିରେ ପରିଣତ ହୁଏ ।

ଅଣଋଣୀ ଚାଷୀଙ୍କ ଯନ୍ତ୍ରଣା ଏଠିରେ ଶେଷ ହୁଏ ନାହିଁ । ଅନେକ ସମୟରେ ସାର ବଣ୍ଟନକୁ ଋଣ ଖାତା କିମ୍ବା ସମବାୟ ସମିତି ସହିତ ଯୋଡ଼ି ଦିଆଯାଏ । ଫଳରେ ଋଣ ନ ନେଇଥିବା ଚାଷୀ ନିଜ ଟଙ୍କାରେ ସାର କିଣିବାକୁ ଚାହିଁଲେ ମଧ୍ୟ ଯଥେଷ୍ଟ ପରିମାଣର ସାର ପାଆନ୍ତି ନାହିଁ । ଏହା କେବଳ ପ୍ରଶାସନିକ ଅବ୍ୟବସ୍ଥା ନୁହେଁ, ଏହା ସମାନ ଅଧିକାରର ପ୍ରଶ୍ନ । ବାସ୍ତବରେ, ରାଜ୍ୟର ବହୁ କ୍ଷୁଦ୍ର ଓ ସୀମାନ୍ତ ଚାଷୀ ଆଜି ମଧ୍ୟ ଅନୁଷ୍ଠାନିକ ଋଣ ବ୍ୟବସ୍ଥାରୁ ବାହାରେ ଅଛନ୍ତି । ତଥାପି ସେମାନେ ନିଜ ସାମର୍ଥ୍ୟ ଅନୁଯାୟୀ ଚାଷ କରୁଛନ୍ତି । ଏମାନଙ୍କୁ ଅବହେଳା କରି କୌଣସି କୃଷିନୀତି ସଫଳ ହୋଇପାରିବ ନାହିଁ ।

ସାର ସଙ୍କଟର ମୂଳ କାରଣ କେବଳ ଉତ୍ପାଦନ ଅଭାବ ନୁହେଁ । ଯୋଜନାର ଦୁର୍ବଳତା, ଚାହିଦାର ସଠିକ୍ ଆକଳନ ନହେବା, ପରିବହନର ବିଳମ୍ବ, ଗୋଦାମ ପରିଚାଳନାର ଅବ୍ୟବସ୍ଥା ସମେତ କଳାବଜାରୀ ଏହାକୁ ଆହୁରି ଜଟିଳ କରିଥାଏ । ଅନେକ ଅଞ୍ଚଳରେ ସାର ଷ୍ଟକ୍ ଥିଲେ ମଧ୍ୟ ସଠିକ୍ ବଣ୍ଟନ ବ୍ୟବସ୍ଥା ନଥିବାରୁ ପ୍ରକୃତ ଚାଷୀ ବଞ୍ଚିତ ହୁଅନ୍ତି । କୃଷି କେବଳ ଉତ୍ପାଦନର ପ୍ରକ୍ରିୟା ନୁହେଁ; ଏହା ଗ୍ରାମୀଣ ସମାଜର ଅର୍ଥନୈତିକ ସ୍ଥିରତା, ଖାଦ୍ୟ ସୁରକ୍ଷା ଓ ସାମାଜିକ ସମ୍ମାନର ଭିତ୍ତି । ତେଣୁ ଯଦି କୌଣସି ନୀତି ଏକ ଶ୍ରେଣୀର ଚାଷୀଙ୍କୁ ସୁବିଧା ଦେଇ ଅନ୍ୟ ଶ୍ରେଣୀକୁ ବଞ୍ଚିତ କରେ, ତେବେ ସେହି ନୀତି ଦୀର୍ଘମିଆଦରେ କୃଷିର ସ୍ଥାୟୀ ବିକାଶକୁ ବାଧା ଦେବ ।

ସମାଧାନର ପଥ ଅସମ୍ଭବ ନୁହେଁ । ପ୍ରଥମତଃ, ଋଣୀ ଓ ଅଣଋଣୀ ଚାଷୀଙ୍କ ମଧ୍ୟରେ ସାର ବଣ୍ଟନରେ କୌଣସି ପ୍ରକାରର ବୈଷମ୍ୟ ରହିବା ଉଚିତ ନୁହେଁ । ଦ୍ୱିତୀୟତଃ, କୃଷକ ପଞ୍ଜୀକରଣ ଆଧାରରେ ସମସ୍ତ ପ୍ରକୃତ ଚାଷୀଙ୍କୁ ସମାନ ଭାବେ ସାର ଯୋଗାଇବାକୁ ପଡ଼ିବ । ତୃତୀୟତଃ, ପ୍ରତ୍ୟେକ ବ୍ଲକ ସ୍ତରରେ ଡିଜିଟାଲ୍ ଷ୍ଟକ୍ ମନିଟରିଂ ବ୍ୟବସ୍ଥା କରାଯିବା ଦରକାର, ଯାହାଦ୍ୱାରା କେଉଁଠି କେତେ ସାର ଉପଲବ୍ଧ ଅଛି, ଚାଷୀ ସହଜରେ ଜାଣିପାରିବେ । ଚତୁର୍ଥତଃ, କଳାବଜାରୀ ଓ ମହଜୁଦଦାରୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ନିୟମିତ ସାମାଜିକ ଅଡିଟ୍ କରାଯିବା ଆବଶ୍ୟକ । ଏହା ସହିତ ରାସାୟନିକ ସାର ଉପରେ ଅତ୍ୟଧିକ ନିର୍ଭରଶୀଳତା କମାଇ ଜୈବ ସାର, ଜୈବିକ କୃଷି ଓ ସମନ୍ୱିତ ପୋଷକ ପରିଚାଳନାକୁ ପ୍ରୋତ୍ସାହନ ଦେବା ସମୟର ଆବଶ୍ୟକତା । କୃଷକଙ୍କୁ ବିକଳ୍ପ ପ୍ରଯୁକ୍ତି ଓ ପ୍ରଶିକ୍ଷଣ ଯୋଗାଇ ଦିଆଗଲେ ସାର ଉପରେ ଚାପ ମଧ୍ୟ କମିବ ।

ବସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନା - ସିଏମ କିଷାନ, ପିଏମ୍-କିଷାନ୍ କିମ୍ବା ସୁଧମୁକ୍ତ ଋଣ ସେତେବେଳେ ସାର୍ଥକ ହେବ, ଯେତେବେଳେ ମୌଳିକ କୃଷି ଉପକରଣ ସମସ୍ତ ଚାଷୀଙ୍କ ହାତରେ ସମାନ ଭାବେ ପହଞ୍ଚିବ । ନଚେତ୍ ଏହି ଯୋଜନାଗୁଡ଼ିକ କେବଳ ପରିସଂଖ୍ୟାନରେ ସୀମିତ ରହିଯିବ ।

ପ୍ରଶ୍ନ ଉଠୁଛି ଖାଦ୍ୟ ଉତ୍ପାଦନ କରୁଥିବା ଚାଷୀଙ୍କୁ କ'ଣ ଆମେ ଋଣୀ ଓ ଅଣଋଣୀ ବୋଲି ବିଭକ୍ତ କରିବା? ମାଟି କେବେ ଚାଷୀର ଋଣ ସ୍ଥିତି ପଚାରେ ନାହିଁ; ବର୍ଷା ମଧ୍ୟ କାହାକୁ ଅଲଗା କରେନାହିଁ । ତେବେ ସରକାରୀ ବ୍ୟବସ୍ଥା କାହିଁକି ଏହି ପାର୍ଥକ୍ୟ ସୃଷ୍ଟି କରିବ? ଓଡ଼ିଶାର କୃଷିର ଭବିଷ୍ୟତ ସେତେବେଳେ ସୁରକ୍ଷିତ ହେବ, ଯେତେବେଳେ ପ୍ରତ୍ୟେକ ଚାଷୀ ଋଣୀ ହେଉନ୍ତୁ କି ଅଣଋଣୀ ସମାନ ସମ୍ମାନ, ସମାନ ସୁଯୋଗ ଓ ସମାନ ଅଧିକାର ପାଇବେ । କୃଷକଙ୍କ ପରିଚୟ ତାଙ୍କର ଋଣ ନୁହେଁ, ତାଙ୍କର ଶ୍ରମ । ସେହି ଶ୍ରମର ସମ୍ମାନ ରକ୍ଷା କରିବା ହିଁ ଏକ କଲ୍ୟାଣମୂଳକ ରାଜ୍ୟର ପ୍ରକୃତ ପରିଚୟ । ଅଣଋଣୀ ଚାଷୀଙ୍କ ସାର ସମସ୍ୟା କେବଳ କୃଷିର ସମସ୍ୟା ନୁହେଁ; ଏହା ନ୍ୟାୟ, ସମାନତା ଓ ସମ୍ବେଦନଶୀଳ ଶାସନ ବ୍ୟବସ୍ଥାର ପରୀକ୍ଷା । ଏହି ପରୀକ୍ଷାରେ ରାଜ୍ୟ କେତେ ସଫଳ ହେବ, ତାହା ନିର୍ଣ୍ଣୟ କରିବ ଆଗାମୀ ଦିନର ଓଡ଼ିଶାର କୃଷି ଓ ଚାଷୀଙ୍କ ଭବିଷ୍ୟତ ।

କୋଟସମଲାଏ(ସୁବର୍ଣ୍ଣପୁର),
ମୋ: ୭୯୭୮୨୩୮୬୦୬

# ଚୈତନ୍ୟ ମଙ୍ଗଳରେ ଶ୍ରୀଜଗନ୍ନାଥ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ସୂର୍ଯ୍ୟବଂଶରେ ଇନ୍ଦ୍ରଦ୍ୟୁମ୍ନ ନାମରେ ଜଣେ ଧର୍ମପ୍ରାଣ, ନ୍ୟାୟବନ୍ତ, ପ୍ରଜାବତ୍ସଳ ଓ ଦିଗ୍‌ବିଜୟୀ ରାଜା ଥିଲେ । ସେ ଏକ ସୁବର୍ଣ୍ଣ ମନ୍ଦିର ନିର୍ମାଣ କରି ମହାବିଷ୍ଣୁଙ୍କର ଏକ ଦିବ୍ୟବିଗ୍ରହ ପ୍ରତିଷ୍ଠା କରି ଆରାଧନା ପାଇଁ ସଙ୍କଳ୍ପ କଲେ । ମନ୍ଦିର ନିର୍ମାଣ ପରେ ବେଦବର ବ୍ରହ୍ମାଙ୍କଠାରୁ ଏକ ପୂଜାଯୋଗ୍ୟ ବିଗ୍ରହ ଆଣିବା ପାଇଁ ରାଜା ବ୍ରହ୍ମଲୋକ ଗମନ କଲେ । ସେତେବେଳେ ସନ୍ଧ୍ୟା ସମୟ ଥିଲା । ତେଣୁ ବ୍ରହ୍ମା ରାଜାଙ୍କୁ କିଛି ସମୟ ଅପେକ୍ଷା କରିବାକୁ କହି ସନ୍ଧ୍ୟା ଉପାସନା କରିବାକୁ ବସିଗଲେ । ବ୍ରହ୍ମଲୋକର ଗୋଟିଏ ମୁହୂର୍ତ୍ତ ମର୍ତ୍ତ୍ୟଲୋକର ସହସ୍ର ସହସ୍ର ବର୍ଷ ସହ ସମାନ । ଉପାସନା ସରିବା ପରେ ବ୍ରହ୍ମା ରାଜାଙ୍କୁ କହିଲେ, 'ଇତିମଧ୍ୟରେ ମର୍ତ୍ତ୍ୟମଣ୍ଡଳରେ ଅନେକ ଯୁଗ ଅତିବାହିତ ହୋଇସାରିଲାଣି । ତୁମ ଦ୍ୱାରା ନିର୍ମିତ ମନ୍ଦିର ବାଲୁକା ସ୍ତୂପ ତଳେ ବୁଡ଼ି ଅଦୃଶ୍ୟ ହୋଇଯାଇଛି । ତୁମେ ମର୍ତ୍ତ୍ୟଲୋକକୁ ଯାଇ ପ୍ରଥମେ ମନ୍ଦିରର ସନ୍ଧାନ କର । ଯଦି ସଫଳ ହେବ ମୁଁ ତୁମକୁ ପୂଜାଯୋଗ୍ୟ ବିଗ୍ରହ ପ୍ରଦାନ କରିବି ।'

ରାଜା ମର୍ତ୍ତ୍ୟଲୋକକୁ ଫେରି ନିଜର ପରିବାର ବନ୍ଧୁ ପରିଜନଙ୍କୁ ନ ପାଇ ଭଗ୍ନ ହୃଦୟରେ ବିଳାପ କରି ଅରଣ୍ୟରେ ପାଗଳପ୍ରାୟ ବୁଲିବାକୁ ଲାଗିଲେ । ସେହି ସମୟରେ ରାଜା ବିଶ୍ୱକେସନ ନାମକ ଜଣେ ଲୋକକୁ ଭେଟିଲେ । ସେ ରାଜାଙ୍କୁ ମନ୍ଦିର ବିଷୟରେ ଶୁଣିଥିବା ପୂର୍ବ ବୃତ୍ତାନ୍ତ ବର୍ଣ୍ଣନା କଲେ । ସେ ବିଷୟରେ ଅଧିକ ଖବର ଜାଣିବା ପାଇଁ ସେ ରାଜାଙ୍କୁ ଅକ୍ଷୟବଟଙ୍କ ପାଖକୁ ଯିବାକୁ ଉପଦେଶ ଦେଲେ । ରାଜା ଅକ୍ଷୟ ବଟଙ୍କ ପାଖକୁ ଯିବା ପରେ ବଟ ତାଙ୍କୁ ମାର୍କଣ୍ଡେୟ ସରୋବର ନିକଟରେ ବାସ କରୁଥିବା ଉଲ୍ଲୁକଙ୍କ ପାଖକୁ ପଠେଇ ଦେଲେ । ଉଲ୍ଲୁକ କହିଲେ- 'ଇନ୍ଦ୍ରଦ୍ୟୁମ୍ନ ନାମକ ଜଣେ ରାଜା ଏକ ସୁବର୍ଣ୍ଣ ମନ୍ଦିର ନିର୍ମାଣ କରି ବ୍ରହ୍ମାଙ୍କଠାରୁ ବିଷ୍ଣୁଙ୍କର ଶ୍ରୀବିଗ୍ରହ ଆଣିବା ପାଇଁ ବ୍ରହ୍ମଲୋକ ଯାଇଥିଲେ ବୋଲି ମୁଁ ଶ୍ୱେତଗଙ୍ଗାର କୁର୍ମମାନଙ୍କଠାରୁ ଶୁଣିଛି । ରାଜା ବ୍ରହ୍ମଲୋକରେ ଥିବା ବେଳେ ତାଙ୍କର ବଂଶଧରମାନେ ଅନେକ କାଳ ରାଜତ୍ୱ କଲାପରେ ମହାପ୍ରଳୟରେ ପ୍ରାଣ ତ୍ୟାଗ କଲେ । ସେ ବିଷୟରେ ଅଧିକ ବିବରଣୀ କୁର୍ମମାନେ ଦେଇପାରିବେ ।'

ରାଜା ଉଲ୍ଲୁକଙ୍କ ସହ ଶ୍ୱେତଗଙ୍ଗା ତୀର୍ଥକୁ ଯାଇ କୁର୍ମମାନଙ୍କୁ ଭେଟିଲେ । କୁର୍ମମାନେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରି ସେଠାରେ ରାଜତ୍ୱ କରିବା ପାଇଁ ରାଜାଙ୍କୁ ଅନୁରୋଧ କଲେ । ଇନ୍ଦ୍ରଦ୍ୟୁମ୍ନ ଓଡ଼ିଶାର ରାଜା କୌବୀର୍ଯ୍ୟଙ୍କ କନ୍ୟା ମାଳାବତୀଙ୍କୁ ବିବାହ କଲେ । ରାଜାଙ୍କ ଔରସରୁ ମାଳାବତୀ ଚଉଦ ପୁତ୍ର ଓ ସତ୍ୟବତୀ ନାମକ ଏକ ସୁନ୍ଦରୀ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଲେ । ତା' ପରେ ରାଜା ତାଙ୍କ ଦ୍ୱାରା ନିର୍ମିତ ସୁବର୍ଣ୍ଣର୍ ମନ୍ଦିରକୁ ବାଲି ଖୋଳି ବାହାର କରିବା ପାଇଁ ଚିନ୍ତା କରି ପୁଣି ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ । ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ବେଦବର ବ୍ରହ୍ମା ପ୍ରକଟ ହୋଇ କହିଲେ, 'ରାଜା, ତୁମର ମନ୍ଦିର ଗଭୀର ବାଲୁକା ରାଶି ତଳେ ପୋତି ହୋଇଛି । ତୁମେ ତା'କୁ ଖୋଳି ବାହାର କରିବାକୁ ଚେଷ୍ଟା କଲେ ପୃଥିବୀ ରସାତଳ ଗାମୀ ହେବ । ତା' ବଦଳରେ ବିଶ୍ୱକର୍ମା ମହାପ୍ରଭୁଙ୍କ ପାଇଁ କାରୁକାର୍ଯ୍ୟ ଖଚିତ ଏକ ପଥରର ମନ୍ଦିର ନିର୍ମାଣ କରିଦେବେ । ଦ୍ୱାପର ଯୁଗରେ ଭଗବାନ କୃଷ୍ଣ ଯେଉଁ ଦିବ୍ୟନିମ ଗଛ ମୂଳରେ ଶରୀର ତ୍ୟାଗ କରିଥିଲେ, ସେହି ବୃକ୍ଷ ଦାରୁରୂପେ ସମୁଦ୍ରରେ ଭାସି ଭାସି ଆସି ମହୋଦଧି କୂଳରେ ଲାଗିବେ । ସେ ଦିବ୍ୟ ଦାରୁ ତୁମକୁ ବୈଶାଖ ମାସ ପୂର୍ଣ୍ଣିମା ତିଥିରେ ପ୍ରାପ୍ତ ହେବେ । ତୁମେ ସେହି ଦାରୁରେ ଚତୁର୍ଦ୍ଧାବିଗ୍ରହ ନିର୍ମାଣ କରି ସେହି ମନ୍ଦିରରେ ଆରାଧନା କରିବ ।'

ବ୍ରହ୍ମାଙ୍କ ଆଦେଶରେ ବିଶ୍ୱକର୍ମା କାରୁକାର୍ଯ୍ୟ ବିମଣ୍ଡିତ ଏକ ବିଶାଳ ମନ୍ଦିର ନିର୍ମାଣ କଲେ । ବ୍ରହ୍ମାଙ୍କ କଥାନୁସାରେ ମହୋଦଧିରେ ଭାସି ଆସିଥିବା ଦାରୁରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କଲେ । ମନ୍ଦିରରେ ପ୍ରତିଷ୍ଠା ହେବା ପରେ ମହାପ୍ରଭୁ ରାଜାଙ୍କ ଉପରେ ପ୍ରସନ୍ନ ହୋଇ ବର ମାଗିବା ପାଇଁ ଆଦେଶ ଦେଲେ । ରାଜା ଯୋଡ଼ହସ୍ତ ହୋଇ ନିବେଦନ କଲେ, 'ମହାପ୍ରଭୁ, ସତ୍ୟବତୀ ନାମରେ ମୋର ଗୋଟିଏ ରୂପବତୀ ଗୁଣବତୀ କନ୍ୟା ଅଛି । ତା' ପାଇଁ ଆପଣଙ୍କଠାରୁ ଅଧିକ ଉପଯୁକ୍ତ ବର ମୁଁ ସଂସାରରେ ପାଇବି ନାହିଁ । ତା'ର ପାଣିଗ୍ରହଣ କରି ମୋତେ କୃତାର୍ଥ କରିବା ହୁଅନ୍ତୁ ।' ସେ ଦିନ ଥିଲା ଆଷାଢ଼ ମାସର ଶୁକ୍ଳପକ୍ଷ ଦ୍ୱିତୀୟା ତିଥି । ପ୍ରଭୁ ଶ୍ରୀଜଗନ୍ନାଥ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ପଟୁଆରରେ ବିବାହ ପାଇଁ ଯାଇ ପହଞ୍ଚିଲେ । ବିବାହ ସମ୍ପନ୍ନ ହେଲା । ପ୍ରଭୁ ଭାଇଭଉଣୀଙ୍କ ସହ ସାତ ଦିନ ଅବସ୍ଥାନ ପରେ ଶ୍ରୀମନ୍ଦିର ଫେରିବାକୁ ବାହାରିବା ବେଳେ ଦେବୀ ସତ୍ୟବତୀ ପ୍ରାର୍ଥନା କଲେ, 'ସ୍ୱାମୀ! ପ୍ରତିବର୍ଷ ଆପଣ ଆମର ବିବାହ ବାର୍ଷିକୀ ପାଳନ କରିବା ପାଇଁ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଆମ ମନ୍ଦିର (ଗୁଣ୍ଡିଚା ମନ୍ଦିର)କୁ ଆସିବେ । ଏଠାରେ ସାତଦିନର ଅବସ୍ଥାନ ପରେ ପୁଣି ଶ୍ରୀମନ୍ଦିର ବାହୁଡ଼ି ଯିବେ ।' ମହାପ୍ରଭୁ ସତ୍ୟବତୀଙ୍କୁ ଦେଇଥିବା କଥା ରକ୍ଷା କରି ସବୁବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଭାଇଭଉଣୀଙ୍କ ସହ ତିନି ରଥାରୋହଣ କରି ସାତଦିନ ସତ୍ୟବତୀଙ୍କ ସହ ରହିବା ପାଇଁ ଗୁଣ୍ଡିଚା ମନ୍ଦିରକୁ ଆସୁଛନ୍ତି । ଏହି ଯାତ୍ରା 'ରଥ ଯାତ୍ରା' ନାମରେ ବିଶ୍ୱବିଖ୍ୟାତ ହୋଇଛି । *(ଆଧାର: ବଙ୍ଗଳା ଭାଷାରେ ଶ୍ରୀଜୟାନନ୍ଦଙ୍କ ଲିଖିତ 'ଚୈତନ୍ୟ ମଙ୍ଗଳ' । ସୌଜନ୍ୟ: ଡ: ପୂର୍ଣ୍ଣଚନ୍ଦ୍ର ମିଶ୍ର- ପୌରୁଷ- ଡିସେମ୍ବର-୨୦୨୫)*

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତର ଓଡ଼ିଶାରେ...

ମିଟର ଉପରେ ଜଳସ୍ତର ରହିଛି ଓ ବୁଧବାର ସକାଳ ସୁଦ୍ଧା ଏଠାରେ ଜଳସ୍ତର ୧୯.୪୫ ମିଟର ରହିବ ବୋଲି କେନ୍ଦ୍ରୀୟ ଜଳ ଆୟୋଗ ଆକଳନ କରିଛି । ସେହିପରି ଆନନ୍ଦପୁରଠାରେ ବୈତରଣୀର ବିପଦ ସଙ୍କେତ ୩୮.୩୬ ମିଟର ରହିଥିବା ବେଳେ ଏବେ ଏଠାରେ ଜଳସ୍ତର ୩୯.୩୭ ମିଟର ଅର୍ଥାତ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଏହା ବ୍ୟତୀତ ଜଳକା ନଦୀ ମଥାନୀଠାରେ ବିପଦ ସଙ୍କେତ ୬.୫ ମିଟର ରହିଥିବା ବେଳେ ଏଠାରେ ବର୍ତ୍ତମାନ ଜଳସ୍ତର ୬.୬ ମିଟର ଉପରେ ପ୍ରବାହିତ ହେଉଛି । ସେହିପରି ଅନ୍ୟପଟେ ବୁଢ଼ାବଳଙ୍ଗ ନଦୀ ମଧ୍ୟ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି । ବୁଢ଼ାବଳଙ୍ଗ ଗୋପିନ୍ଦପୁର ନିକଟରେ ସତର୍କ ସଙ୍କେତ ୭.୨୧ ମିଟର ରହିଥିବା ବେଳେ ଏଠାରେ ଏବେ ୮.୪ ମିଟର ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି । ରାଜ୍ୟର ଏହି ପ୍ରମୁଖ ୩ ନଦୀରେ ବନ୍ୟା ଆସିବା ହେତୁ ଉତ୍ତର ଓଡ଼ିଶା ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାପାଇଁ ୩ ଜଣ ବରିଷ୍ଠ ଆଇଏଏସ୍‌ଙ୍କୁ ବନ୍ୟା ପରିଚାଳନା ପାଇଁ ରାଜ୍ୟ ସରକାର ଦାୟିତ୍ୱ ଦେଇଛନ୍ତି । ଏହି ୩ ଜିଲ୍ଲା ବ୍ୟତୀତ କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଆଗକୁ ସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି ।

ଅନ୍ୟପଟେ ଆଗକୁ ମହାନଦୀରେ ମଧ୍ୟ ଜଳସ୍ତର ବଢ଼ିବାର ଆଶଙ୍କା ରହିଛି । ଏବେ ନରାଜଠାରେ ମହାନଦୀ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି । ଏଠାରେ ସତର୍କ ସଂକେତ ୨.୪୧ ମିଟର ରହିଥିବା ବେଳେ ସନ୍ଧ୍ୟା ସୁଦ୍ଧା ଜଳସ୍ତର ୨୬.୦୮ ମିଟର ରହିଛ । ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୯୨.୦୨ ମିଟର ରହିଥିବା ବେଳେ ଏବେ ଏଠାରେ ୧୮୭.୨୫ ମିଟର ଜଳ ରହିଛି । ଆଗକୁ ମହାନଦୀର ଉପର ମୁଣ୍ଡ ଅର୍ଥାତ ଛତିଶଗଡ଼ ପଟୁ ପ୍ରବଳ ଜଳ ପ୍ରବେଶ କରିବାର ଆଶଙ୍କା ରହିଥିବାରୁ ହୀରାକୁଦରେ ଅଧିକ ଗେଟ ଖୋଲିବା ଆଶଙ୍କା କରାଯାଉଛି । ଫଳତଃ ମହାନଦୀରେ ଜଳସ୍ତର ବଢ଼ିବ ଓ ମଧ୍ୟମ ଧରଣର ବନ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ ।

### ଅଗଷ୍ଟ ୫ରେ...

ପୁଣି ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏହି ଲଘୁଚାପ ପ୍ରଭାବରେ ଆସନ୍ତା ୩ ତାରିଖରୁ ରାଜ୍ୟରେ ପୁଣି ବର୍ଷାର ପ୍ରଭାବ ବଢ଼ିବା ନେଇ ଆଶଙ୍କା କରାଯାଉଛି । ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଏହି ଲଘୁଚାପ ପ୍ରଭାବରେ ପୁଣି ରାଜ୍ୟର ଅଧିକାଂଶ ସ୍ଥାନରେ ଭୀଷଣ ବର୍ଷା ହେବା ନେଇ ଆଶଙ୍କା କରାଯାଉଛି ।

ପାଣିପାଗ କେନ୍ଦ୍ର କହିଛି, ଗତ ୩୬ ଘଣ୍ଟାରେ ବାଲେଶ୍ୱରରେ ସର୍ବାଧିକ ୨୫୮ ମିମି ବର୍ଷା ରେକର୍ଡ ହୋଇଛି । ଏହାସହିତ ଭଦ୍ରକରେ ୧୫୨, ସମ୍ବଲପୁର ୧୫୬, ବାରିପଦାରେ ୧୩୬, ଦେବଗଡ଼ରେ ୧୩୨, ପାରାଦୀପରେ ୮୦ ଓ ଚାନ୍ଦବାଲିରେ ୬୪ ମିମି ବର୍ଷା ରେକର୍ଡ କରାଯାଇଛି । ବୁଧବାରଠାରୁ ରାଜ୍ୟରେ ଅପେକ୍ଷାକୃତ ବର୍ଷାର ପରିମାଣ ହ୍ରାସ ପାଇବ । ହେଲେ କିଛି କିଛି ଜିଲ୍ଲାରେ ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି । ବୁଧବାର ବରଗଡ଼ରେ ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବା ବେଳେ ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି ଓ ନବରଙ୍ଗପୁର ଆଦି ଜିଲ୍ଲାରେ ମଧ୍ୟ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି ।

### ୩ ଜିଲ୍ଲା ପାଇଁ...

ମନ୍ତ୍ରୀ କହିଛନ୍ତି ଯେ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି । ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ମୁତୟନ ଥିବାବେଳେ ସମସ୍ତ ଜିଲ୍ଲାପାଳ ଓ ବିଡିଓଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହିତ ଭଦ୍ରକ ଜିଲ୍ଲା ନିମନ୍ତେ ସୁଧାଂଶୁ ମୋହନ ସାମଲ, ବାଲେଶ୍ୱର ଜିଲ୍ଲା ନିମନ୍ତେ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଯାଜପୁର ଜିଲ୍ଲା ନିମନ୍ତେ ପି. ଅନ୍ୱେଷା ରେଡ୍ଡୀଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦିଆଯାଇଛି । ପୁଲିସ୍ ବିଭାଗ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ ସହ ଶିଶୁ ଏବଂ ମହିଳାମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ମହିଳା ପୁଲିସ ନିୟୋଜିତ ହୋଇଛନ୍ତି । ଆଶ୍ରୟସ୍ଥଳୀ ମାନଙ୍କରେ ସାଧାରଣଲୋକଙ୍କୁ ରନ୍ଧାଖାଦ୍ୟ ସହ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯାଉଛି । ସ୍ୱାସ୍ଥ୍ୟ ବିଭାଗ, ପଶୁସମ୍ପଦ ବିଭାଗ ଓ ଅନ୍ୟ ସମସ୍ତ ବିଭାଗକୁ ପ୍ରସ୍ତୁତ ରଖାଯାଇଥିବାବେଳେ ଗୃହପାଳିତ ପଶୁମାନଙ୍କ ସୁରକ୍ଷା ବ୍ୟବସ୍ଥା ସହ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ମହଜୁଦ ରଖାଯାଇଛି । ସର୍ପାଘାତକୁ ଦୃଷ୍ଟିରେ ରଖି ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ଔଷଧ ଏବଂ ଇଞ୍ଜେକସନ୍ ମହଜୁଦ ରହିଛି । ସେହିପରି ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ବାସଗୃହ ଅଥବା ଚାଷଜମି ନିମନ୍ତେ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୁଲିସ୍ ଡିଜି ୱାଇ ବି ଖୁରାନିଆ, ଅଗ୍ନିଶମ ବିଭାଗର ଡିଜି ସୁଧାଂଶୁ ଷଡ଼ଙ୍ଗୀ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ୍, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

### ପ୍ରଶ୍ନପତ୍ର ଲିକ୍...

ଚାର୍ଜସିଟ୍ ଦାଖଲ ହୋଇଥିଲା ଏବଂ ସେମାନଙ୍କ ମଧ୍ୟରୁ ୪୪ ଜଣଙ୍କୁ ଜାମିନ ମିଳିସାରିଛି । କେବଳ ବିଲ୍ ଆଣିଲେ ହେବନାହିଁ, ସରକାର ଶିକ୍ଷା ସଂସ୍କାରକୁ ଗୁରୁତ୍ୱ ଦେଲେ ଏଭଳି ଘଟଣାର ପୁନରାବୃତ୍ତି ହେବନାହିଁ । ଏହି ଅବସରରେ ସେ କହିଥିଲେ ଯେ ଚଳିତ ବର୍ଷ ନିଟ୍ ପରୀକ୍ଷା ବିଭ୍ରାଟ ଯୋଗୁଁ ୨୧ ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି । ଏମାନଙ୍କ ମୃତ୍ୟୁ ପାଇଁ ଯିଏ ଦାୟୀ, ତାଙ୍କୁ ସରକାରୀ ସାଂସଦ ସମ୍ବର୍ଦ୍ଧନା ଦେଉଛନ୍ତି ବୋଲି ସେ କହିଥିଲେ । ସେ ଆହୁରି କହିଲେ ଯେ ନିଟ୍ ବିଭ୍ରାଟ ପରିପ୍ରେକ୍ଷୀରେ ମନ୍ତ୍ରୀ ଇସ୍ତଫା ଦେଲେ ଏବଂ ଶିକ୍ଷା ସଚିବ ବିଦା ହେଲେ । ତେବେ ବିବାଦ ସତ୍ତ୍ୱେ ନିଟ୍ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଏନ୍‌ଟିଏ ଅଧ୍ୟକ୍ଷଙ୍କୁ ସରକାର କାହିଁକି ହଟାଇ ନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ ।

ଆଲୋଚନାରେ ଅଂଶଗ୍ରହଣ କରି ବିଜେପିର ସହଯୋଗୀ ଦଳ ତେଲୁଗୁ ଦେଶମ ଏବଂ ଶିବ ସେନାର ସାଂସଦମାନେ ନିଟ୍ ପରୀକ୍ଷା ବର୍ଷକୁ ଦୁଇଥର କରିବା ପାଇଁ ଦାବି କରିଥିଲେ । ଡିଏମକେ ସାଂସଦ ଦୟାନିଧି ମାରନ କହିଥିଲେ ଯେ ନିଟ୍ ପରୀକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଉ । ସେ କହିଲେ ଯେ ଏହି ବ୍ୟବସ୍ଥା ଆରମ୍ଭ ହେବା ଦିନ ଠାରୁ ତାମିଲନାଡୁ ଏହାର ବିରୋଧ କରି ଆସୁଛି । କିନ୍ତୁ ସରକାର କର୍ଣ୍ଣପାତ କରୁ ନାହାନ୍ତି ।

ଅନ୍ୟପକ୍ଷରେ ବିଲ୍ ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରି କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଲେ ଯେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ଏବଂ ପ୍ରଚଳିତ ଆଇନକୁ ଆହୁରି ମଜବୁତ କରିବା ଲାଗି ଏହି ବିଲ୍ ଆଗତ କରାଯାଇଛି । କେବଳ କେନ୍ଦ୍ରୀୟ ସଂସ୍ଥାରେ ନୁହେଁ, ବିଭିନ୍ନ ଦଳ ଦ୍ୱାରା ଶାସିତ ରାଜ୍ୟମାନଙ୍କରେ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହେଉଛି । ତେଣୁ ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ରୋକିବା ଲାଗି ଦଣ୍ଡ ବ୍ୟବସ୍ଥାକୁ ଆହୁରି କଠୋର କରାଯାଇଛି । ଏକ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି ଏବଂ ଏହାସହିତ କୌଣସି ସାଲିସ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ । ପ୍ରଶ୍ନପତ୍ର ଲିକ ।[ମାମଲାରେ ଦୋଷୀଙ୍କୁ ୧୦ ବର୍ଷ ଜେଲ୍ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗି ଏହି ବିଲରେ ବ୍ୟବସ୍ଥା ରହିଛି ।

### ଆନ୍ଦୋଳନକାରୀଙ୍କୁ ତୁରନ୍ତ...

କରିଛନ୍ତି । ଏହି ବୁଝାମଣା ଦୀର୍ଘ ତିନି ଘଣ୍ଟାର ଆଲୋଚନା ପରେ ସମ୍ଭବ ହୋଇଛି ।। ସୌରଭ ଦାସ ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ଜଣାଇଛନ୍ତି ଯେ, ବିହାର ଏବଂ ଆସାମ ସରକାର ମାମଲା ପ୍ରତ୍ୟାହାର ଏବଂ ଗିରଫ ବ୍ୟକ୍ତିଙ୍କୁ ମୁକ୍ତ କରିବା ନେଇ ବିଜ୍ଞପ୍ତି ଜାରି କରିସାରିଛନ୍ତି । କେନ୍ଦ୍ର ସରକାର ଏବଂ ଅନ୍ୟାନ୍ୟ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକ ମଧ୍ୟ ମଙ୍ଗଳବାର ସୁଦ୍ଧା ଅନୁରୂପ ବିଜ୍ଞପ୍ତି ଜାରି କରିବେ ବୋଲି ସରକାର ପ୍ରତିଶ୍ରୁତି ଦେଇଛନ୍ତି ।

ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିରୋଧରେ ଦେଶବ୍ୟାପୀ ଚାଲିଥିବା ଛାତ୍ର ଆନ୍ଦୋଳନକୁ ନେଇ ମଙ୍ଗଳବାର ସୁପ୍ରିମକୋର୍ଟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛନ୍ତି । ଆନ୍ଦୋଳନ ସମୟରେ ଗିରଫ କିମ୍ବା ଅଟକ ରଖାଯାଇଥିବା ୧୮ ବର୍ଷରୁ କମ୍ ବୟସର ସମସ୍ତ ଛାତ୍ରଛାତ୍ରୀ ଏବଂ ଯେଉଁମାନଙ୍କର କୌଣସି ପୂର୍ବ ଆପରାଧିକ ରେକର୍ଡ ନାହିଁ, ସେମାନଙ୍କୁ ତୁରନ୍ତ ଛାଡିବା ପାଇଁ ଅଦାଲତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ଦିଲ୍ଲୀର ଯନ୍ତରମନ୍ତର ଏବଂ ଅନ୍ୟାନ୍ୟ ସ୍ଥାନରେ ହୋଇଥିବା ବିକ୍ଷୋଭ ସହ ଜଡ଼ିତ ଛାତ୍ରଛାତ୍ରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ଆଧାରରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ତେବେ ଏହି ସୁରକ୍ଷା ଆପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି କୋର୍ଟ କହିଛନ୍ତି । ଏହାସହ ଆନ୍ଦୋଳନ ଦମନ ପାଇଁ ପୁଲିସ ପକ୍ଷରୁ ପେଲେଟ୍ ଗନ୍ ଏବଂ ଲୁହା କଣ୍ଟା ଲଗା ବାଡ଼ି ବ୍ୟବହାର କରାଯାଇଥିବା ଅଭିଯୋଗକୁ କୋର୍ଟ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି । ଗଣତନ୍ତ୍ରରେ ବିକ୍ଷୋଭ ପ୍ରଦର୍ଶନ ଏକ ଅଧିକାର ହୋଇଥିବାରୁ, ଆନ୍ଦୋଳନ ପରିଚାଳନା ପାଇଁ ଏକ ନୂତନ ୟୁନିଫର୍ମ ପ୍ରୋଟୋକଲ୍‌ର ଆବଶ୍ୟକତା ରହିଛି ବୋଲି ପ୍ରଧାନ ବିଚାରପତି ଗୁରୁତ୍ୱାରୋପ କରିଛନ୍ତି । ଏହାସହ ଆନ୍ଦୋଳନ ସମୟର ସିସିଟିଭି, ଡ୍ରୋନ୍ ଫୁଟେଜ୍ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ତଥ୍ୟ ସୁରକ୍ଷିତ ରଖିବାକୁ କୋର୍ଟ କଡା ନିର୍ଦ୍ଦେଶ ଦେବା ସହ ଆନ୍ଦୋଳନକାରୀଙ୍କ ବ୍ୟକ୍ତିଗତ ତଥ୍ୟ ସର୍ବସାଧାରଣରେ ପ୍ରକାଶ ନକରିବାକୁ କଡ଼ା ଚେତାବନୀ ଦେଇଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୩ରେ ହେବ ବୋଲି ସୂଚନା ମିଳିଛି ।

### ସମ୍ବଲପୁରରେ ନାହିଁ...

ସଫଳତାର ସହ କାର୍ଯ୍ୟ କରୁଛି । ଏହାର ବାଲେଶ୍ୱରରେ ଏକ ସାଟେଲାଇଟ୍ କେନ୍ଦ୍ର ମଧ୍ୟ ରହିଛି । କିନ୍ତୁ ବର୍ତ୍ତମାନ ଓଡ଼ିଶାରେ ଆଉ ଏକ ନୂଆ ଏମ୍ସ ସ୍ଥାପନର କୌଣସି ଯୋଜନା ନାହିଁ । ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ (ଚଗଇଈଐଓଗ) ଅଧୀନରେ ଏମ୍ସ ଭୁବନେଶ୍ୱରରେ ୧୫୦ ଶଯ୍ୟା ବିଶିଷ୍ଟ କ୍ରିଟିକାଲ୍ କେୟାର ହସ୍ପିଟାଲ ବ୍ଲକ୍ ସ୍ଥାପନ କରାଯାଉଛି, ଯାହା ଜଟିଳ ରୋଗୀଙ୍କ ଚିକିତ୍ସା କ୍ଷମତାକୁ ବହୁଗୁଣ ବୃଦ୍ଧି କରିବ । ମାନସିକ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ତୃତୀୟକ ସେବା ଅଂଶ ଅଧୀନରେ ଜନବଳ ବିକାଶ ସହାୟତା ଦିଆଯାଉଛି । ଏହାଛଡ଼ା କଟକର ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରକୁ ରାଜ୍ୟ କ୍ୟାନ୍ସର ଇନଷ୍ଟିଚ୍ୟୁଟ୍ ଭାବେ ଅନୁମୋଦନ କରାଯାଇଛି । ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଓଡ଼ିଶାରେ ଉନ୍ନତ ଚିକିତ୍ସା ସେବା, ଜରୁରୀକାଳୀନ ଚିକିତ୍ସା, କ୍ୟାନ୍ସର ଚିକିତ୍ସା ଓ ସୁପର ସ୍ପେଶାଲିଟି ସେବାର ମାନ ଆହୁରି ସୁଦୃଢ଼ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

### ବିଚାରାଧୀନ ରହିଛି...

ବିଚାର ଶେଷ କରିବାକୁ ଅନୁରୋଧ କରିଛନ୍ତି । ଜିଲ୍ଲା ଓ ଅଧସ୍ତନ ଅଦାଲତ, ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ସମେତ, ବିଚାରପତି ଓ କର୍ମଚାରୀଙ୍କ ନିଯୁକ୍ତି ରାଜ୍ୟ ସରକାର ଏବଂ ସମ୍ପୃକ୍ତ ହାଇକୋର୍ଟର ଦାୟିତ୍ୱ । ସେହିପରି ଅଦାଲତର ଭିତ୍ତିଭୂମି ବିକାଶର ପ୍ରାଥମିକ ଦାୟିତ୍ୱ ମଧ୍ୟ ରାଜ୍ୟ ସରକାରଙ୍କର । ୧୫ତମ ଅର୍ଥ କମିଶନ ଅବଧିରେ ଏହି ଯୋଜନା ପାଇଁ ରାଜ୍ୟଗୁଡ଼ିକୁ ମୋଟ ୪,୫୧୯.୪୭ କୋଟି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି କେନ୍ଦ୍ର ସରକାର ସୂଚନା ଦେଇଛନ୍ତି ।

## ମଦ ଦୋକାନ ପାଇଁ ଅଗ୍ନି ନିରାପତ୍ତା ଏନ୍‌ଓସି ରଦ୍ଦ

କଟକ,୨୮ ।୭(ସମିସ): ମଦ ଦୋକାନ ପାଇଁ ଫାୟାର ସେଫ୍ଟି ସାର୍ଟିଫିକେଟ୍ ବା ଅଗ୍ନି ନିରାପତ୍ତା ଏନଓସି ଜମା କରିବା ବାଧ୍ୟତାମୂଳକ କରି ଅବକାରୀ କମିସନର ଜାରି କରିଥିବା ଚିଠି ଓ ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ଏସ.ସନାମଖ ରାଓଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ତେବେ, ଜଣେ ଦାୟିତ୍ୱବାନ୍ ନାଗରିକ ଭାବେ ଅଗ୍ନିକାଣ୍ଡ ଭଳି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଦୋକାନଗୁଡ଼ିକରେ 'ଅଗ୍ନିଶମ ନିର୍ବାପକ ଉପକରଣ' ରଖିବା ଓ ତାହାର ନିୟମିତ ଯାଞ୍ଚ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ଆଇନ କିମ୍ବା ନିୟମାବଳୀରେ ନ ଥିବା କୌଣସି କଥାକୁ କାର୍ଯ୍ୟକାରୀ କରିବା ପାଇଁ କୋର୍ଟ କୌଣସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରିପାରିବେ ନାହିଁ । ୨୦୧୯ ଅଗ୍ନିଶମ ସଂଶୋଧନ ନିୟମ ଅନୁସାରେ, ୧୨ ମିଟରରୁ ଅଧିକ ଉଚ୍ଚତା କିମ୍ବା ୫୦୦ ବର୍ଗମିଟରରୁ ଅଧିକ ପରିସର ଥିବା କୋଠା/ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ହିଁ ଅଗ୍ନିନିରାପତ୍ତା ପ୍ରମାଣପତ୍ର ବାଧ୍ୟତାମୂଳକ । ଯେଉଁ ନିର୍ଦ୍ଦିଷ୍ଟ ଶ୍ରେଣୀର କୋଠା ନିୟମ ଭିତରେ ଆସୁନାହିଁ, ସେମାନଙ୍କୁ ଆଇନ ବାହାରକୁ ଯାଇ ସାର୍ଟିଫିକେଟ୍ ମାଗିବା ବେଆଇନ । ସେହିଭଳି ଅବକାରୀ ଆଇନ କିମ୍ବା ନିୟମାବଳୀରେ ସମସ୍ତ ଦୋକାନ ପାଇଁ ଏଭଳି ଏନଓସି ବାଧ୍ୟତାମୂଳକ କରିବାର କୌଣସି ପ୍ରାବଧାନ ନାହିଁ । ତେଣୁ ଅବକାରୀ କମିସନରଙ୍କ ଏହି ନିର୍ଦ୍ଦେଶନାମା ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ । ମାମଲାରୁ ପ୍ରକାଶ ଯେ ରାଜ୍ୟ ଅବକାରୀ କମିସନରଙ୍କ ପକ୍ଷରୁ ସମସ୍ତ ଅବକାରୀ ଡେପୁଟି କମିସନର ଓ ଅଧୀକ୍ଷକଙ୍କୁ ଚିଠି ଲେଖି ସେମାନଙ୍କ ଅଧୀନରେ ଥିବା ସମସ୍ତ ଠିପି ଖୋଲା ବିଦେଶୀ ମଦ ଦୋକାନଗୁଡ଼ିକୁ ଫାୟାର ସେଫ୍ଟି ସାର୍ଟିଫିକେଟ୍ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

24001/330/2627

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No RDM-LAA-MBJ-0006-2025-15302 R&DM, Dated:10.04.2026

[illegible] (RFCTLAR & R Act, 2013) [illegible]

[illegible] (RFCTLAR & R Act, 2013) [illegible]

[illegible]

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: - ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମଖଣ୍ଡ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରାୟତ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସୁମିତ୍ରାଦେବୀପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର [illegible] | ଏକର [illegible] | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ — ତହସିଲ: - ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମଖଣ୍ଡ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରାୟତ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- [illegible] ।

ଭୂମି ଅନୁସୂଚୀ

[illegible]

ଜିଲ୍ଲାପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0102

# ବିପଦ ସଙ୍କେତ ଉପରେ ବୁଢ଼ାବଳଙ୍ଗ



**ବାଲେଶ୍ୱର,୨୮ ।୭(ସମିସ)**

ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର କ୍ରମଶଃ ବୃଦ୍ଧି ପାଇ ଏବେ ବିପଦ ସଙ୍କେତ ଉପରେ ଗତି କରୁଛି। ଉପରମୁଣ୍ଡରୁ ଆଜି ରାତି ସୁଦ୍ଧା ପାଣି ବଢ଼ିଲେ ଏହି ନଦୀରେ ବନ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ଲଗାଣ ବର୍ଷା ଫଳରେ ସଦର ବ୍ଲକର ଦୁଇଟି ପଂଚାୟତରେ ଏବେ ସୁଦ୍ଧା ୪ଶହରୁ ଅଧିକ ଲୋକେ ଜଳବନ୍ଦୀ ହୋଇରହିଛନ୍ତି। ଅନ୍ୟପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଳବନ୍ଦୀ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ସହ ସେମାନଙ୍କୁ ରନ୍ଧା ଖାଦ୍ୟ ମଧ୍ୟ ଯୋଗାଇଦେଉଛି।

ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର କ୍ରମାଗତଭାବେ ବୃଦ୍ଧି ପାଇଛି। ଏହି ନଦୀର ସତର୍କ ସଙ୍କେତ ୭.୨୧ମି ଥିବା ବେଳେ ବିପଦ ସଙ୍କେତ ୮.୧୩ମି ରହିଛି। ଏବେ ତାହା ୮.୩୨ ମି.ରେ ପ୍ରବାହିତ ହେଉଛି। ଯାହାକି ଜଳସ୍ତର ବୃଦ୍ଧିପାଉଛି। ଅନ୍ୟପଟେ ଏହି ନଦୀର ଜଳସ୍ତର ବିପଦ ସଙ୍କେତ ଛୁଇଁବାର ଆଶଙ୍କା ରହିଛି। ଆଜି ବାଲେଶ୍ୱରରେ ୨୦୪ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ଯାହାଫଳରେ ବୁଢ଼ାବଳଙ୍ଗ ନଦୀରେ ପ୍ରଥମ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ନଦୀର ଜଳସ୍ତର ବୃଦ୍ଧି ପାଇ ସଦର ବ୍ଲକର ହଳଦୀପଦା ପଞ୍ଚାୟତର ଆମ୍ବଗଡିଆ ଏବଂ ସପନିଖୁଟା ଗାଁ ସମ୍ପୂର୍ଣ୍ଣ ଭାବେ ବୁଡିଯାଇଥିବା ବେଳେ ୩ଶହରୁ ଅଧିକ ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ସେହିପରି ପଦ୍ମପୁର ପଂଚାୟତ ଅର୍ନ୍ତଗତ ପାଗନଇ ଗାଁର ୫୦ରୁ ୬୦ଘର ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଏହି ଦୁଇ ପଂଚାୟତରେ ଲୋକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଏନଡିଆରଏଫ ଟିମ ପଠାଯାଇଥିବା ବେଳେ ପାଗନଇ ଅଂଚଳର ଜଳବନ୍ଦୀ ଲୋକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ସେମାନଙ୍କୁ ନିକଟସ୍ଥ ଯୋଗବେଦାନ୍ତ ଯୋଗାଶ୍ରମରେ ରଖାଯାଇଛି। ସେହିପରି ଆମ୍ବଗଡିଆ ଏବଂ ସପନିଖୁଟା ଗ୍ରାମର ଲୋକମାନଙ୍କୁ ନିକଟସ୍ଥ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

## ନୀଳଗିରିରେ ବନ୍ୟା ପରିସ୍ଥିତି

ନୀଳଗିରି: ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଗତ ଦୁଇଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି। ଫଳରେ ବିଭିନ୍ନ ଗ୍ରାମର ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଜନଜୀବନ ପ୍ରଭାବିତ ହୋଇଛି। ଏହାସହ ସୋମବାର ରାତ୍ରୀ ୩ଟା ଠାରୁ ମଙ୍ଗଳବାର ଦିବା ୯ ଘଟିକା ପାଖାପଖି ୬ ଘଣ୍ଟା ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାରୁ ମୟୁରଭଞ୍ଜ୍ କୁ ସଂଯୋଗ କରୁଥିବା ସେରଗଡ଼ ନୀଳଗିରି ଝରଣଘାଟି ୧୯ନଂ ରାଜ୍ୟ ରାଜପଥ ବିଭିନ୍ନ ସ୍ଥାନର ମୁଖ୍ୟ ରାସ୍ତା ଉପରେ କେଉଁଠି ପ୍ରାୟ ଚାରି ଫୁଟ ତ ଆଉ କେଉଁଠି ପାଞ୍ଚ ଫୁଟ ପର୍ଯ୍ୟନ୍ତ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ରାଜ୍ୟ ରାଜପଥ ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ଯାତାୟାତ ବନ୍ଦ ରହିଥିଲା। ଏହି ରାଜ୍ୟ ରାଜପଥ ମୁଖ୍ୟ ରାସ୍ତା ସଂଲଗ୍ନ ନୀଳଗିରି ଭୂମିଜସାହି ଠାରେ ରାସ୍ତା ପାଶ୍ୱର୍ରେ ଥିବା କିଛି ଲୋକଙ୍କ ଘର ଭିତରେ ଆଣ୍ଠୁଏ, ଆଣ୍ଠୁଏ ପାଣି ଥିବା ନେଇ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଫଳରେ ସ୍ଥାନୀୟ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବାପରେ ହଟିଥିଲା ରାସ୍ତାରୋକ। ସେପଟେ ନୀଳଗିରି ଏନ.ଏ.ସି ୱାର୍ଡ ନଂ ୧, ୨, ୫, ୬, ୭ ରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଲଗାଣ ବର୍ଷାରେ ସୋନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁ ନଦୀ ପାଶ୍ୱର୍ ଗାଁରେ ଲୋକମାନେ ଭୟଭୀତ ଅବସ୍ଥାରେ ଜୀବନ ବିତାଉଛନ୍ତି। ଲଗାଣ ବର୍ଷାରେ ୭ଟି ପଞ୍ଚାୟତ ତଥା ନରଣପୁର ପଞ୍ଚାୟତର ଚାସୁଣିକୋଇଲା, ତେନ୍ତୁଳିଆ ପଞ୍ଚାୟତର ବାଲିସାହି, ରାଧାକିଶୋରପୁର ପଞ୍ଚାୟତର ପୁନ୍ଦାଳ, କୁଲାହାଟ



ବରହମପୁର, ନରସିଂହପୁର ପଞ୍ଚାୟତର ଦୁର୍ଗାପୁର, ଅମ୍ବିକାପୁର, ପୁରୁଣାଗାଁ, ତିନଦେଶ, ପଳାଶବଣି, କଂଶ ପଞ୍ଚାୟତର କରଞ୍ଜିଆ, କୁଲାପାଳ, ସଂଗ୍ରାମପୁର, କଂଶ, ନଡିପାଳ, ବେଗୁନିଆ ପଞ୍ଚାୟତର ଡୁମଗଣ୍ଡିରା, ଦୁବାଟି, ସଂସାପାଳ, ତୋଟାପଡା, ଅଯୋଧ୍ୟା ପଞ୍ଚାୟତର ବାଡିଆ, ଜୁଣକୋଇଲି, ପ୍ରତାପପୁର, ମଚ୍ଛୁଆ ପଞ୍ଚାୟତର କାଠପାଳ, ସିଙ୍ଗିରି ଆଦି ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ସୋନ ନଦୀ ପାଣିର ପ୍ରଖର ସ୍ରୋତରେ କଂଶ ପଞ୍ଚାୟତର କୁଲାପାଳ ଗାଁର ଜୈନିକ ଜଣେ ଲୋକ ଭାସିଯାଇଥିବା ବେଳେ ସ୍ଥାନୀୟ ଲୋକେ ଦଉଡି ସାହାଯ୍ୟରେ ଉଦ୍ଧାର କରିଥିଲେ। ସେପଟେ ନୀଳଗିରିର ବନ୍ୟା ପରିସ୍ଥିତି ଗମ୍ଭୀର ଜାଣି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନୀଳଗିରି ଗ୍ରସ୍ତରେ ଆସି ବନ୍ୟା ପରିସ୍ଥିତି ପରଖିଛନ୍ତି।

## ପାଣିରେ ଭାସୁଛି ବସ୍ତା ଏନ୍ଏସି



**ବସ୍ତା ବ୍ଲକ:** ଲଗାଣ ବର୍ଷାରେ ନବଗଠିତ ବସ୍ତା ଏନ୍ ଏ ସି ପାଣିରେ ଭାସୁଛି। ଜଳ ନିଷ୍କାସନ ରେ ବାଧା ଫଳରେ ଗ୍ରାମ ରାସ୍ତା ଉପରେ ଆଣ୍ଠୁଏ ପାଣି ଚାଲିଛି। କୁଢ଼ କୁଢ଼ ଅଳିଆ ଆବର୍ଜନା ରେ ଡ୍ରେନ ଭର୍ତ୍ତି। ଲୋକଙ୍କ ଘରେ ପଶିଛି ବର୍ଷା ପାଣି। ମାତ୍ର ବସ୍ତା ଏନ୍ ଏ ସି ଦାୟିତ୍ୱ ରେ ଥିବା ଅଧିକାରୀ ବସ୍ତା ବିଡ଼ିଓ ନିରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଛି। ବସ୍ତା ଏନ୍ ଏ ସି ଭିତରେ ଥିବା ସମସ୍ତ ୱାର୍ଡ ରେ ଥିବା ଡ୍ରେନ ଅତି ଶୋଚନୀୟ ଅବସ୍ଥା ରେ ରହିଛି। ସବୁ ଡ୍ରେନ ରେ ଅଳିଆ ଆବର୍ଜନା ଭର୍ତ୍ତି ଥିବାରୁ ବର୍ଷା ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ବାଉଁଶ ମୁଖା ଗ୍ରାମ ରାସ୍ତା ରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ଏକ ସଂସ୍ଥା କୁ ବସ୍ତା ଏନ୍ ଏ ସି ର ବିଭିନ୍ନ କାର୍ଯ୍ୟ ପାଇଁ ଚୟନ ହୋଇଥିବା କୁହା ଯାଉଥିବା ବେଳେ ସେହି ସଂସ୍ଥା ର ଦେଖା ନାହିଁ। ଜଳ ନିଷ୍କାସନର ସୁ ବନ୍ଦବୋସ୍ତ କରିବାକୁ ଦାବି ହୋଇଛି।

## ଗଛ ପଡ଼ି କ୍ଲବ୍ ଘର ଭାଙ୍ଗିଲା

**କାଳିପଦା:** ଗତ ତିନି ଦିନ ଧରି ବାଲିଆପାଳ ବ୍ଲକରେ ଲଗାଣ ବର୍ଷା ଲାଗିରହିଛି। ଷୋଳସା ପାଣ୍ଣ , କାଳନ୍ଦା ପାଣ୍ଣ , ମଧୁପୁରା ପାଣ୍ଣ , ଚାନ୍ଦମଣୀ ପାଣ୍ଣ , ଚୌମୁଖ ପାଣ୍ଣ ଆଦି ଗହୀର ଜମିରେ ତିନି ଫୁଟରୁ ଅଧିକ ବର୍ଷା ପାଣି ଲହଡି ଭାଙ୍ଗୁଛି। ବୁଣା ଧାନ ଚାଷ, ଧାନ ତଳି, ପାରିବା ଚାଷ, ନଳିତା ଚାଷ ଆଦି ବର୍ଷା ପାଣିରେ ବୁଡି ରହିଛି।



ବାଲିଆପାଳ ବ୍ଲକର ସାଉଡି ପଞ୍ଚାୟତର ଚାରି ନମ୍ବର ୱାର୍ଡର ଏକ ସରକାରୀ କ୍ଲବ ଘର ଓ ପାଖରେ ଥିବା ଲୋକଙ୍କ ଘର ଉପରେ ଏକ ଗଛ ଭାଙ୍ଗି ପଡିରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ସେପଟେ ସୁବର୍ଣ୍ଣ ରେଖାର ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ନଦୀରେ ବନ୍ୟା ଆଶଙ୍କା ଦେଖିବାକୁ ମିଳିଛି। ବସ୍ତା ବାଲିଆପାଳ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ଖାଳ ମୁହାଣୀ ଛକଠାରେ ଏକ ଗଛ ରାସ୍ତା ଉପରେ ଭାଙ୍ଗି ପଡିବାରୁ ଓଡ୍ରାଫ ଟିମ ଗଛଟିକୁ କାଟି ସଫା କରିଛନ୍ତି।

## ଦକ୍ଷିଣ ଭୋଗରାଇରେ ବେହାଲ ସ୍ଥିତି

**ବାଲେଶ୍ୱର(ଉତ୍ତର)/ ଚନ୍ଦନେଶ୍ୱର :** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଗତ ତିନି ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲଗାତାର ବର୍ଷା ସହ ଜଳ ନିଷ୍କାସନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବାରୁ ଦକ୍ଷିଣ ଭୋଗରାଇ ଅଞ୍ଚଳର ଅନେକ ଗ୍ରାମ ଏବେ ଜଳବନ୍ଦୀ ଅବସ୍ଥାରେ ରହିଛି। ବିଶେଷକରି ହୁଗୁଳି ଓ ବାଜିତପୁର ଗ୍ରାମପଞ୍ଚାୟତରେ ପରିସ୍ଥିତି ସଙ୍କଟଜନକ ହୋଇପଡ଼ିଛି। ଘର ଭିତରେ ପାଣି ପଶିଯିବା, ଚୁଲି ବୁଡ଼ିଯିବା, ଯାତାୟାତ ବନ୍ଦ ହେବା ସହ ଦୈନନ୍ଦିନ ଜୀବନ ଠପ୍ ହୋଇଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ଏପରିକି ବ୍ଲକର କେନ୍ଦ୍ରସ୍ଥଳୀ କୁହାଯାଉଥିବା ଦେହୁର୍ଦ୍ଦା ଥାନାଛକ ସହିତ ତତ ସଂଲଗ୍ନ ଅଞ୍ଚଳରେ ମଧ୍ୟ ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇଛି। ହୁଗୁଳି ଗ୍ରାମପଞ୍ଚାୟତର ଗାଜିପୁର ୪ ନମ୍ବର ୱାର୍ଡରେ ୨୦ରୁ ଅଧିକ ପରିବାର ପାଣି ଘେରରେ ଫସି ରହିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବର୍ଷ ବର୍ଷ ଧରି ଚାଲିଆସୁଥିବା ପାରମ୍ପରିକ ଜଳ ନିଷ୍କାସନ ପଥକୁ ଚଣ୍ଡୀପୁର ଗ୍ରାମର ଶ୍ରୀନିବାସ ପ୍ରଧାନ ନାମକ ଜଣେ ବ୍ୟକ୍ତି ଅବରୋଧ କରି ରଖିଥିବାରୁ ବର୍ଷାଜଳ ନିଷ୍କାସିତ ହୋଇପାରୁ ନାହିଁ। ଫଳରେ ସମଗ୍ର ୱାର୍ଡରେ ଆଣ୍ଠୁଏ ଉଚ୍ଚତାର ପାଣି ଜମି ରହିଛି। ପାଣି ଜମି ରହିଥିବାରୁ ଲୋକମାନଙ୍କ ଘରୁ ବାହାରକୁ ଯିବା ଦୁର୍ହର ହୋଇପଡ଼ିଛି। ଛୋଟ ଛୋଟ ପିଲା, ବୃଦ୍ଧ ଓ



ରୋଗୀମାନେ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି।

ଏହି ସମସ୍ୟା ନେଇ ଭୋଗରାଇ ତହସିଲଦାର, ସ୍ଥାନୀୟ ବିଧାୟକ ଓ ହୁଗୁଳି ଗ୍ରାମପଞ୍ଚାୟତର ସରପଞ୍ଚଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ କରିଛନ୍ତି କୋମଳ ଲୋଚନ ପ୍ରଧାନ, ସୁଶାନ୍ତ ପ୍ରଧାନ, ଚିନ୍ମୟ ପ୍ରଧାନ, ତପନ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ବୈଜୟନ୍ତୀ ସାହୁ ଓ ମାୟାରାଣୀ ସାହୁ ପ୍ରମୁଖ। ଅନ୍ୟପକ୍ଷରେ ବାଜିତପୁର ଗ୍ରାମପଞ୍ଚାୟତର ସାନଡଭ ଗ୍ରାମରେ ମଧ୍ୟ ସମାନ ପରିସ୍ଥିତି ଦେଖାଦେଇଛି। ସ୍ଥାନୀୟ କେତେକ ବ୍ୟକ୍ତି ଜଳ ନିଷ୍କାସନ ପଥକୁ ଅବରୋଧ କରିଥିବାରୁ ବର୍ଷାଜଳ ବାହାରି ପାରୁନାହିଁ। ଏହାର ପ୍ରଭାବରେ ୧୦ରୁ ଅଧିକ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ଘର ଭିତରେ ପାଣି ପଶିଯିବା ସହ ଚୁଲି ବୁଡ଼ିଯାଇଥିବାରୁ ରୋଷେଇ କରିବା ମଧ୍ୟ ସମ୍ଭବ ହେଉନାହିଁ। ମହିଳାମାନେ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଦିନ କାଟୁଥିବା ଜଣାପଡ଼ିଛି। ଜୟନ୍ତୀ ଗିରି, ସବିତା ଗିରି, ସୁମତି ଗିରି, ଉର୍ମିଳା ଗିରି, ଅନ୍ନପୂର୍ଣ୍ଣା ଗିରିଙ୍କ ସମେତ ଅନ୍ୟାନ୍ୟ ମହିଳାମାନେ ଚେତାବନୀ ଦେଇଛନ୍ତି ଯେ, ଆସନ୍ତା ଦୁଇ ଦିନ ମଧ୍ୟରେ ଜଳ ନିଷ୍କାସନ ବ୍ୟବସ୍ଥା ସ୍ୱାଭାବିକ ନ କରାଗଲେ ସେମାନେ ନିଜ ପରିବାର ସଦସ୍ୟଙ୍କ ସହ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରିବେ। ସ୍ଥାନୀୟ ବାସିନ୍ଦାମାନଙ୍କ ଦାବି ହେଉଛି, ଅବରୋଧ ହୋଇଥିବା ପାରମ୍ପରିକ ଜଳ ନିଷ୍କାସନ ପଥକୁ ତୁରନ୍ତ ମୁକ୍ତ କରି ବର୍ଷାଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରାଯାଉ। ନଚେତ୍ ଆଗାମୀ ଦିନରେ ପରିସ୍ଥିତି ଆହୁରି ଗୁରୁତର ହେବା ସହ ଲୋକଙ୍କ ଜୀବନ ଓ ସ୍ୱାସ୍ଥ୍ୟ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇପାରେ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର



**ବାଲେଶ୍ୱର ସଦର:** ଲଘୁଚାପ ଜନିତ ଲଗାଣ ବର୍ଷାରେ ସଦର ବ୍ଲକ ଅଧିନସ୍ଥ ଶ୍ରୀରାମପୁର ପଞ୍ଚାୟତର ବଳବୁଦ୍ଧି ଗ୍ରାମରେ ଏକ ଘର ଭାଙ୍ଗିଯାଇଛି। ସୋମବାର ରାତିରେ ଏହି ଗ୍ରାମର ରାଜକିଶୋର ଦାସଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିବା ସହିତ ଘରଟି ଭାଙ୍ଗି ଯାଇଥିଲା। ସୌଭାଗ୍ୟ ବଶତଃ ପରିବାରର କାହାର କିଛି କ୍ଷତି ହୋଇନଥିବା ବେଳେ ଏଥିରେ ତାଙ୍କର ଅନେକ ଘରୋଇ ଉପକରଣ ସବୁ ନଷ୍ଟ ହୋଇଯାଇଛି।

## ପାଣି ଘେରରେ ଶତାଧିକ ଗ୍ରାମ, ଚାଷ ଜମି ନଷ୍ଟ



**ଜଳେଶ୍ୱର :** ଲଗାତାର ଦୁଇ ଦିନଧରି ବର୍ଷା ଲାଗି ରହିଥିବାରୁ ଜଳେଶ୍ୱର ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତରେ ଓ ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡରେ ଥିବା ତଳିଆ ଅଂଚଳ କୃତିମ ବନ୍ୟାର ଭ୍ରମ ସୃଷ୍ଟି କରୁଥିବା ବେଳେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଜଳେଶ୍ୱର ବ୍ଲକର ସୁଗୋ ପଂଚାୟତର ବାଣିଦା ଗ୍ରାମର ଅନୁସୂଚିତ ଜାତି ଓ ଜନଜାତି ବହୁଳ ୧୧ନଂ, ୧୨ନଂ ଓ ୧୪ନଂ ୱାର୍ଡର ଅଧିବାସୀମାନେ ବିଶେଷ ପ୍ରଭାବିତ ହୋଇଥିବା ବେଳେ ପ୍ରାୟ ୨ଶହରୁ ଉର୍ଦ୍ଧ ପରିବାର ଜଳ ଘେରରେ ରହିଛନ୍ତି। ଘର ଭିତରେ ଆଣ୍ଠୁଏ ପାଣି ଭୋକ ଉପାସରେ ଅତି ଦୟନୀୟ ଅବସ୍ଥାରେ ରହିଥିବା ଜଣାଯାଇଛି। ସେହିପରି ଜଳେଶ୍ୱର ପୌରାଂଚଳର ୩ନଂ, ୪ନଂ, ୮ନଂ, ୯ନଂ, ୧୦ନଂ ବିଭିନ୍ନ ୱାର୍ଡରେ ବର୍ଷା ଜଳ ନିଷ୍କାସନ ନ ହେବାରୁ ରାସ୍ତା ଘାଟ ବୁଡିଯିବା ସହିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୧୦ନଂ ୱାର୍ଡ ଶାନ୍ତିଆ ଗ୍ରାମର ଦକ୍ଷିଣ ସାହି ପାଣି ଘେରରେ ରହିଛି। ଜଳେଶ୍ୱର ସହରର ମୁଖ୍ୟ ମହାନାଳ ବାରମୁହାଁ ପୋଲ ଦେଇ ବର୍ଷା ଉଦ୍‌ବୃତ ପାଣି ନିଷ୍କାସନ ନ ହେବାରୁ ଉପର ମୁଣ୍ଡରେ ଥିବା ୮ନଂ ୱାର୍ଡସ୍ଥିତ ଜେଲରୋଡ, ଫଂଚୁଘଣ୍ଟା ରାସ୍ତା, ୭ନଂ ୱାର୍ଡ ଶାସନବାର୍ଡରୁ ଯାଇଥିବା ମୁଖ୍ୟ ଲକ୍ଷ୍ମଣନାଥ ରାସ୍ତା, ଶାସନବାଡ ବସ୍ତି ଏବଂ ୯ନଂ ଓ୍ୱାର୍ଡର ତଳିଆ ଅଂଚଳରେ ବର୍ଷା ଜଳ ଲହଡି ମାରୁଛି। ୱାର୍ଡର ବିଭିନ୍ନ ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବାର ଦେଖିବାକୁ ମିଳିଛି। ଲଗାଣ ବର୍ଷାରେ ଜଳେଶ୍ୱର ବ୍ଲକର ବହୁ ଅଂଚଳରେ ଚାଷଜମି ବୁଡି ରହିଥିବାରୁ ଧାନତଳି, ପରିବା ଚାଷ ନଷ୍ଟ ହେବା ସହିତ ଜଳ ଘେରରେ ରହିଛନ୍ତି ଶହଶହ ଗ୍ରାମବାସୀ। ବିଭିନ୍ନ ପଞ୍ଚାୟତରେ ପାଣି ନିଷ୍କାସନ ସୁବ୍ୟବସ୍ଥା ତଥା ସ୍ଥାୟୀ ସମାଧାନ ହୋଇପାରି ନ ଥିବାରୁ ସାମାନ୍ୟ ବର୍ଷାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ବହୁ ଗ୍ରାମକୁ ରାସ୍ତା ନ ଥିବା ବେଳେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛନ୍ତି। ବରଡିହା, କଳମା, ତେଘରୀ, ଲକ୍ଷ୍ମଣନାଥ, ନଶ୍ମିମପୁର, ନାମ୍ପୋ, ଖାଲିନା, ନାଛିନ୍ଦା, ଆରୁହା, ସରସିଦା, ଗୋପୀମୋହନପୁର, ପଶ୍ଚିମବାଡ ଇତ୍ୟାଦି ଗ୍ରାମପଞ୍ଚାୟତରେ ଲଗାଣ ବର୍ଷା ଯୋଗୁଁ ପରିବା ଚାଷ ନଷ୍ଟ ସହିତ ଧାନତଳି ଜମି ଗୁଡିକ ନଷ୍ଟ ହେବାରେ ବସିଛି। ବହୁ ତଳିଆ ଗ୍ରାମର ଲୋକମାନେ ଜଳଘେରରେ ରହିବା ସହିତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଥିବା ଜଣାଯାଇଛି।

## ଧସିଲା ନଦୀବନ୍ଧ ପଥର ପ୍ୟାଚିଂ



**ଜଳେଶ୍ୱର :** ପ୍ରଥମ ବର୍ଷାରେ ଧୋଇ ନେଇଗଲା ସୁବର୍ଣ୍ଣରେଖା ନଦୀର ନୂଆ ନିର୍ମାଣ ହୋଇଥିବା ନଦୀବନ୍ଧର ପଥର ପ୍ୟାଚିଂ କାର୍ଯ୍ୟ। ବନ୍ୟାକୁ ସୁରକ୍ଷା ଦେବାପାଇଁ ହୋଇଥିବା ପଥର ପେଚିଂ ବର୍ଷା ଜଳରେ ଧସି ପଡିଲା ନଦୀ ଗର୍ଭକୁ। ନଦୀକୂଳ ବାସୀ ଆଶନ୍ତା ବନ୍ୟା ଭୟ ଓ ସୁରକ୍ଷା ଚିନ୍ତାରେ ଦିନ କାଟୁଛନ୍ତି। ସୁବର୍ଣ୍ଣରେଖା ନଦୀର ଓଲମରା, ମାକିଡିଆ, ଦକ୍ଷିଣ ପ୍ରହରାଜପୁର, ଶ୍ରୀରାମପୁର, ଶିଖରପୁର ପଂଚାୟତର ବଜାରଶୋଳ, ମଥୁରାନାଥ, ଗବରଘଟା, ଲକ୍ଷ୍ମଣନାଥ ପଂଚାୟତର ନଦୀକୂଳ ଅଂଚଳ ଅତ୍ୟନ୍ତ ଗମ୍ଭୀର ଅବସ୍ଥା ଥିବା ବେଳେ ଚଳିତ ବର୍ଷ କେତେକ ଜାଗାରେ ପଥର ପେଚିଂ କାର୍ଯ୍ୟ ହୋଇଥିଲା। ଶିଖରପୁର ପଂଚାୟତର ମଥୁରାନାଥ ଓ ବଜାରଶୋଳ ନିକଟରେ ହୋଇଥିବା ନୂତନ ପଥର ପେଚିଂ କାର୍ଯ୍ୟ ମାତ୍ର ୨ମାସ ତଳେ ହୋଇଥିବା ବେଳେ ଆଜି ନଦୀଗର୍ଭକୁ ଧସିଯାଇଥିବାର ଦେଖିବାକୁ ମିଳିଛି। ପଥର ପେଚିଂ ନଦୀଗର୍ଭକୁ ଧସିଯାଇଥିବା ଦେଖି ନଦୀକୂଳ ବାସୀ ଆସନ୍ତା ବନ୍ୟା ଆଶଙ୍କାରେ ରହିଛନ୍ତି। ତୁରନ୍ତ ପେଚିଂ କାର୍ଯ୍ୟ ଠିକ୍ କରିବା ସହିତ ନଦୀବନ୍ଧକୁ ସୁଦୃଢ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଶହ ଶହ ହେକ୍ଟର ଚାଷଜମି ଜଳମଗ୍ନ



**ସିମୁଳିଆ:** ଚଳିତ ବର୍ଷ ଚାଷ କାର୍ଯ୍ୟ ଆରମ୍ଭ ହେବା ସମୟରେ ଠିକ ପରିମାଣରେ ବର୍ଷା ହୋଇଥିବା ଯୋଗୁଁ ଭଲ ଚାଷ ହେବା ନେଇ ଆଶା ପ୍ରକାଶ ପାଇଥିଲା। ଗତ କିଛିଦିନ ହେବ ଲଘୁଚାପ ଜନିତ ଲଗାଣ ବର୍ଷା ହେବା ଫଳରେ ଚାଷ ଜମି ସବୁ ଜଳମଗ୍ନ ହୋଇଛି । ଜଳ ନିଷ୍କାସନ ପାଇଁ ଥିବା ନାଳ ସବୁ ବନ୍ଦ ହୋଇଯାଇଥିବାରୁ ଚାଷ ଜମିରେ ଆଣ୍ଠିଏ ପାଣି ଲହଡି ମାରୁଛି । ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ମଧ୍ୟ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଏହି ବ୍ଲକରେ ୨୨ଗୋଟି ପଞ୍ଚାୟତର ଏଭଳି ଅବସ୍ଥା ହୋଇଥିବାରୁ ଚାଷୀକୁଳ ଏବେ ଚିନ୍ତାରେ ଥିବା ଜଣାପଡ଼ିଛି।

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବିଶାଳ ଅଶ୍ୱସ୍ତ ଗଛ ଉପୁଡି ପଡି ଗ୍ରାମବାସୀଙ୍କ ଯିବା ଆସିବା ବନ୍ଦ ହୋଇଯାଇଛି। ସିମୁଳିଆ ବ୍ଲକ ଅନ୍ତର୍ଗତ ଜାମ୍ବୁଝାଡ଼ି ପଞ୍ଚାୟତର ଜାମ୍ବୁଝାଡ଼ି ବଜାର ସାହି ୯ନଂ ୱାର୍ଡରେ ଶହେ ବର୍ଷରୁ ଉଦ୍ଧ୍ୱର୍ ଏକ ବିଶାଳ ଅଶ୍ୱସ୍ତ ଗଛ ଲଗାଣ ବର୍ଷା ଯୋଗୁଁ ଚେର ସହ ଉପୁଡି ଗ୍ରାମବାସୀଙ୍କ ଯିବା ଆସିବା ଏକ ପ୍ରକାର ବନ୍ଦ ହୋଇଯାଇଛି । ଖବର ପାଇ ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ସୋର ଅଗ୍ନିଶମ ବାହିନୀ ସହାୟତାରେ ଗଛ କଟା କାର୍ଯ୍ୟ ଚାଲିଛି।

# ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ ଦାବିରେ ଗଣଧାରଣା

**ରେମୁଣା,୨୮।୭ (ସମିସ):** ରେମୁଣା ଅଞ୍ଚଳରେ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୂର୍ଣାଙ୍ଗ କାର୍ଯ୍ୟକ୍ଷମ କରିବା ଦାବିରେ ଆଜି ପୂର୍ବାହ୍ନରେ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ବାଲେଶ୍ୱର ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା କରାଯାଇଛି। କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ସମ୍ପାଦକ ପ୍ରଦୀପ ଦାସଙ୍କ ନେତୃତ୍ୱରେ ଗଣଧାରଣା ହୋଇଥିଲା। ବାଲେଶ୍ୱର ଜିଲ୍ଲା ମଞ୍ଜୁରୀ ପ୍ରାପ୍ତ ଡାକ୍ତର ଓ ସହଯୋଗୀ କର୍ମଚାରୀମାନଙ୍କ ପଦବିପୂରଣ, ଫକୀରମୋହନ ମେଡିକାଲ କଲେଜରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା ହୃଦରୋଗ, ସ୍ନାୟୁରୋଗ, ମୂତ୍ରାଶୟ, ପ୍ରଭୃତିରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଏମ୍ସ ସେଟଲାଇଟ କେନ୍ଦ୍ର ସପ୍ତାହକୁ ଦୁଇଦିନ ବଦଳରେ ପ୍ରତ୍ୟହ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଓ ୩୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ ଓ କାର୍ଯ୍ୟକ୍ଷମ କରାଇବାର ଦାବି ହୋଇଛି। ତେଣୁ ଜିଲ୍ଲା



କ୍ରିୟାନୁଷ୍ଠାନ କମିଟି ଓ ବହୁଗଣ ସଂଗଠନର ପରାମର୍ଶ କ୍ରମେ ଚଳିତ ୨୦୨୬ ଜୁଲାଇ ମାସ ଶେଷ ସପ୍ତାହରେ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ସ୍ଥାନୀୟ କ୍ରିୟାନୁଷ୍ଠାନ କମିଟିର ସଭ୍ୟ ସଭ୍ୟା ଓ ଜନସାଧାରଣ ଗୋଟିଏ ଦିନ ଶାନ୍ତପୂର୍ଣ ପ୍ରତୀକ ଗଣଧାରଣାରେ ବସିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ଓ ଆସନ୍ତା ଅଗଷ୍ଟ ପହିଲା, ଶନିବାର ଦିନ ସକାଳ ୯ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଜାତୀୟ ରାଜପଥ ପାଶ୍ୱର୍ରେ ଥିବା (ଶିଳ୍ପାଞ୍ଚଳ ଥାନା ସମ୍ମୁଖ) ଏମ୍ସ ସାଟେଲାଇଟ୍ ସେଣ୍ଟର ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯିବ। ଗଣଧାରଣରେ ପୂର୍ବତନ ବିଧାୟକ ସୁଧାଂଶୁ ପରିଡା,ନିରଞ୍ଜନ ପରିଡା, ବିଧାନ ଚନ୍ଦ୍ର ରାୟ, ଅଭିମନ୍ୟୁ ଧିନ୍ଦା, ଦୁଷ୍ମନ୍ତ କୁମାର ଦାସ, ଷ୍ଟାଲିନ ମିଶ୍ର, ପ୍ରଫୁଲ୍ଲ କୁମାର ଦାସ, ଜଗତାନନ୍ଦ ବିଶ୍ୱାଳ, ନିରଞ୍ଜନ ବେହେରା, ଲକ୍ଷ୍ମୀନାରାୟଣ କମିଲା, ଗୋବିନ୍ଦ ଚନ୍ଦ୍ର ଭୋଇ, ଟୁଟୁ ବିଶ୍ୱାଳ, ପ୍ରତିମା ଦାସ, ପଦ୍ମଲୋଚନ ପଣ୍ଡା, ମଞ୍ଜୀର ଖାଁ, କାଳନ୍ଦି ସାମଲ, ନିଶାକର ଦାସ, ଶ୍ୟାମସୁନ୍ଦର ଜେନା, ରାଜା ଖାଁ, ବଂଶୀଧର ଦାସ ପ୍ରମୁଖଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ବହୁ କର୍ମ କର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସେକ ସୁଲତାନ ଅଲ୍ଲୀଙ୍କୁ ପ୍ରଦାନ କରାଯାଇଥିଲା।

## ଘର ଗ୍ରୀଲ ଭାଙ୍ଗି ୧୦ ଲକ୍ଷରୁ ଅଧିକ ଟଙ୍କାର ଗହଣା ଲୁଟ୍

**ସୋର,୨୮।୭ (ସମିସ):** ଅନନ୍ତପୁର ଥାନା ଅନ୍ତର୍ଗତ ଖେରଣା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଗ୍ରୀଲ ଭାଙ୍ଗି ତିନିଜଣ ଦୁର୍ବୃତ୍ତ ୧୦ ଲକ୍ଷରୁ ଅଧିକ ଟଙ୍କାର ଗହଣା ଲୁଟି ନେଇଥିବା ଜଣାପଡିଛି। ଏହି ଗ୍ରାମର ରଘୁନାଥ କେସିଙ୍କ ପୁଅ ବିଦେଶରେ ରହୁଥିବା ବେଳେ ରଘୁନାଥ ତାଙ୍କ ସ୍ତ୍ରୀ,ବୋହୁ ଓ ଦୁଇ ନାତି ନାତୁଣୀଙ୍କୁ ନେଇ ରୁହନ୍ତି। ଗତକାଲି ରାତିରେ ତିନିଜଣ ଦୁର୍ବୃତ୍ତ ତାଙ୍କ ଘର ଗ୍ରୀଲ କାଟି ଘର ଭିତରକୁ ପଶିବା ସହିତ ଦୁଇ ଛୋଟ ପିଲାଙ୍କ ବେକରେ ଭୁଜାଲି ରଖି ଭୟଭୀତ କରାଇଥିଲେ। ପରେ ତାଙ୍କ ବୋହୁ ଗଡ଼ରେଜର ଚାବି ଦେବାରୁ ଗଡ଼ରେଜରେ ଥିବା ୧୦ ଲକ୍ଷରୁ ଅଧିକ ଟଙ୍କାର ଗହଣା ଓ ନଗଦ ୩୦ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ଆଜି ସକାଳେ ଅନନ୍ତପୁର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଭଦ୍ରକ ସହରରେ ବର୍ଷା ବିପ୍ୟାତ

# ବହୁ ଅଞ୍ଚଳ ଜଳମଗ୍ନ; ଅନେକ ଘରେ ପଶିଲା ପାଣି





ଭଦ୍ରକ,୨୮।୭(ସମିସ): ଲଗାଣ ବର୍ଷା ଯୋଗୁଁ ଜିଲ୍ଲାରେ ପ୍ରବାହିତ ନଦୀଗୁଡ଼ିକର ଜଳସ୍ତର ବଢ଼ିବାରେ ଲାଗିଛି। ସହରର ତଳିଆ ଅଞ୍ଚଳରେ ବର୍ଷା ଜଳ ଭର୍ତ୍ତି ହୋଇଛି। ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ଅନେକ ସ୍ଥାନରେ ଯାତାୟାତ ବିଚ୍ଛିନ୍ନ ହୋଇଛି। ବିଶେଷକରି ସହରର ଅନେକ ଖାଲୁଆ ଅଞ୍ଚଳ ତଥା ସାଳନ୍ଦୀ ନଦୀକୂଳିଆ ଅଞ୍ଚଳଗୁଡ଼ିକ ଜଳବନ୍ଦୀ ହୋଇପଡ଼ିଛି। ସହରାଞ୍ଚଳର ୩୦ଟି ୱାର୍ଡ ମଧ୍ୟରୁ ଚରମ୍ପା ୫, ୯, ୨୧, ୧୫ ଓ ୧୬ ନମ୍ବର ୱାର୍ଡ ସହ ୩୦ ନମ୍ବର ୱାର୍ଡ ତଥା ଅଧିକାଂଶ ୱାର୍ଡର ବହୁ ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିଛି। ସହରର ବହୁ ଅଞ୍ଚଳ ଜଳମଗ୍ନ ଥିବାବେଳେ ବହୁ ପ୍ରମୁଖ ରାସ୍ତାରେ ପାଣିର ସୁଅ ଛୁଟି ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଶେଷ କରି ଚରମ୍ପା ୫ ନମ୍ବର ୱାର୍ଡରେ ବହୁ ଲୋକଙ୍କ ଘରେ ୩ରୁ ୪ ଫୁଟ୍ ପାଣିର ସୁଅ ଛୁଟିଛି। ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି।

୩୦ନମ୍ବର ୱାର୍ଡର ବାଳିପାଟଣା ଗାଁରେ ଲଗାଣ ବର୍ଷା ଯୋଗୁଁ ଜଗବନ୍ଧୁ ମାଝୀଙ୍କ ମାଟିଘର ଭାଙ୍ଗି ଯାଇଥିବାବେଳେ ବହୁ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ସେହିଭଳି ସହର ଉପକଣ୍ଠ ଆରଡ଼ି ଛକ ଅଞ୍ଚଳରେ ସମଦଶା। ବହୁ ଲୋକଙ୍କ ଘରେ ପାଣି ପଶିଥିବାବେଳେ ବହୁ ରାସ୍ତାଘାଟ ପାଣିରେ ବୁଡ଼ିରହିଛି। କୁଆଁସ ବଡ଼ଦାଣ୍ଡ ଅଞ୍ଚଳରେ ସାଳନ୍ଦୀ ନଦୀ ବନ୍ଧକୁ ଯାଇଥିବା ଡ୍ରେନ୍ ବାଟେ ବନ୍ୟାଜଳ ଓଲଟା ଆସି ବିସ୍ତୃତ ଅଞ୍ଚଳକୁ ଜଳବନ୍ଦୀ କରିଛି। ସେଠାରେ ଥିବା ଆହାର କେନ୍ଦ୍ର ରୋଷେଇ ଘର, ଡିଆଇସି ଅଫିସ ଓ ଅବକାରୀ ଥାନା ପାଣିରେ ବୁଡ଼ିରହିଛି। ବହୁ ଲୋକଙ୍କ ଘରେ ପାଣି ପଶିଥିବାବେଳେ ରାସ୍ତାଘାଟରେ ୪ ଫୁଟ୍‌ରୁ ଅଧିକ ପାଣିର ସୁଅ ଛୁଟିଛି। ମଙ୍ଗଳବାର ଅପରାହ୍ଣରେ ବର୍ଷାର ପ୍ରକୋପ କମିଥିଲେ ମଧ୍ୟ ହଦଗଡ଼ ଡ୍ୟାମ୍‌ରୁ ଯଦି ଅଧିକ ଜଳ ଛଡ଼ାଯାଏ, ତେବେ ପରିସ୍ଥିତି ଅଧିକ ସଙ୍ଗୀନ ହେବାର ଆଶଙ୍କା ଦେଖାଦେଇଛି। ତେବେ ସହରରେ ଏହା କୃତ୍ରିମ ବନ୍ୟା ବୋଲି ଅନେକ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ସାଳନ୍ଦୀ ନଦୀରୁ ଦଳ ନିଷ୍କାସନ ନ ହେବା, ସାଳନ୍ଦୀ ପଠାରେ ବେଆଇନ୍ ଭାବେ ଘର ନିର୍ମାଣ କରିବା ଦ୍ୱାରା ଜଳ ନିଷ୍କାସନ ସ୍ୱାଭାବିକ ହେଉ ନ ଥିବା ବେଳେ ଅଧିକାଂଶ ସହରବାସୀଙ୍କ ଘର ଡ୍ରେନ୍ ନଦୀକୁ ସଂଯୋଗ ହୋଇଥିବାରୁ ବନ୍ୟାପାଣି ଖାଲୁଆ ଅଞ୍ଚଳକୁ ପ୍ରବେଶ କରୁଥିବା ଅଭିଯୋଗ କରିଛନ୍ତି।

## ପାଣି ଘେରରେ ଆଗରପଡ଼ା; ସରପଞ୍ଚଙ୍କ କାର୍ଯ୍ୟକୁ ପ୍ରଶଂସା



ବନ୍ତ/ଆଗରପଡ଼ା,୨୮।୭(ସମିସ): ଲଘୁଚାପ ବର୍ଷାରେ ଆଗରପଡ଼ା ଅଞ୍ଚଳର ବିଭିନ୍ନ ଗାଁ ପାଣି ଘେରରେ ରହିଛି। ବିଟିପୁର ପଞ୍ଚାୟତ ୭ ନମ୍ବର ୱାର୍ଡ ସେଠୀ ସାହିରେ ଡ୍ରେନ୍ ଥାଇ ମଧ୍ୟ ଜଳ ନିଷ୍କାସନ ହୋଇ ନ ପାରିବାରୁ ଘର ମଧ୍ୟକୁ ପାଣି ପଶି ଆସବାବପତ୍ର ନଷ୍ଟ ହୋଇଛି। ଡ୍ରେନ୍‌ରେ ବିଭିନ୍ନ ଆବର୍ଜନା ଭର୍ତ୍ତି ହେବାରୁ ଏହିପରି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଖବର ପାଇ ଲଗାଣ ବର୍ଷାରେ ସରପଞ୍ଚ ଶୁଭଦ୍ରା ସିଂହ ଓ ତାଙ୍କ ପ୍ରତିନିଧି ସପନ ସିଂହ ଘଟଣାସ୍ଥଳରେ ପହଞ୍ଚି ଜେସିବି ଲଗାଇ ଡ୍ରେନ୍ ସଫା କରିବା ସହ ମଟର ଲଗାଇ ଜଳ ନିଷ୍କାସନ କରୁଥିବା କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ପୁରୁଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ବେଲଶରପୁର ବ୍ରାହ୍ମଣ ସାହି ଓ ଚାରିଘରିଆ ମୁସଲିମ ସାହିରେ ଘର ମଧ୍ୟକୁ ପାଣି ପଶି କ୍ଷୟକ୍ଷତି ପହଞ୍ଚାଇଛି। ଏହି ୨ ଗାଁରେ ମଧ୍ୟ ଡ୍ରେନ୍ ଥାଇ ଜଳ ନିଷ୍କାସନ ହୋଇପାରୁନାହିଁ। ଏହି ଦୁଇ ଗାଁ ରାସ୍ତାରେ ଆଣ୍ଠୁଏଁ ଲେଖାଏଁ ପାଣି ଲହଡ଼ି ଭାଙ୍ଗୁଛି। ହଦଗଡ଼ ଡ୍ୟାମ୍‌ରୁ ଗେଟ୍ ଖୋଲାଯାଇଥିବାରୁ ସାଳନ୍ଦୀ ନଦୀରେ ଅଧିକ ପାଣି ପ୍ରବାହିତ ହୋଇ ନଦୀକୂଳିଆ ଗାଁ ଓ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଜଳ ପ୍ଲାବିତ ବିଭିନ୍ନ ସ୍ଥାନକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରି ତୁରନ୍ତ ଏହି ସମସ୍ୟାଗୁଡ଼ିକ ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାଛଡ଼ା ପାଣି ଜମି ରହିବା ଫଳରେ ଏକର ଏକର ଜମିରେ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ପନିପରିବା ଚାଷରେ କ୍ଷତି ପହଞ୍ଚାଇଛି।

### ବୈତରଣୀରେ ଆସୁଛି ବଡ଼ ବନ୍ୟା

## କଣ୍ଟି ଏସ୍‌କେପ୍ ଅତିକ୍ରମ କରି ବନ୍ୟାଜଳ ଗାଁମୁହାଁ

ବାରିକପୁର,୨୮।୭(ସମିସ): ୨ଦିନ ଧରି ଲଗାଣ ବର୍ଷା ଯୋଗୁଁ ବୈତରଣୀରେ ଏକ ବଡ଼ ଧରଣର ବନ୍ୟା ଦେଖାଦେଇଛି।



ନଦୀର ଆଖୁଆପଦା ଆନିକଟରେ ସନ୍ଧ୍ୟା ୮ଟା ସୁଦ୍ଧା ୧୯. ୩୫ ମିଟର ଉପରେ ଜଳ ପ୍ରବାହିତ ହେଉଛି। ଏଠାରେ ବିପଦସଂକେତ ୧୮.୩୩ ମିଟର ରହିଥିବାବେଳେ ଅପରାହ୍ଣ ୩.୧୫ରେ ଆନିକଟଠାରେ ବିପଦସଂକେତ ଅତିକ୍ରମ କରିଥିଲା। ଦ୍ରୁତ ବେଗରେ ଜଳସ୍ତର ବୃଦ୍ଧି ପାଉଥିବାବେଳେ ସନ୍ଧ୍ୟା ୬ଟାରେ ଚର୍ଚ୍ଚିତ କଣ୍ଟି ଏସ୍‌କେପରେ ବନ୍ୟା ଜଳ ପ୍ରବାହିତ ହେଉଛି। ବ୍ଲକ୍‌ର ମାଳଦା, ଷୋଳମପୁର, ନପଙ୍ଗ, ରହଣିଆ, କୁରିଗାଁକୁ କଣ୍ଟି ଏସ୍‌କେପ୍ ଦେଇ ଜଳ ପ୍ରବେଶ କରିଛି। ଏପଟେ ବୈତରଣୀ ତଟରେ ଅବସ୍ଥିତ ଝୁଟୁଣୀ ଓ ବନ୍ଦାଳୋ ମଢ଼ିଆଳୀ ପଞ୍ଚାୟତ ଅଞ୍ଚଳକୁ ମଧ୍ୟ ବନ୍ୟା ଜଳ ଘେରିଯାଇଛି। ଗ୍ରାମ୍ୟ ରାସ୍ତା, ଚାଷ ଜମି, ପାନ ଭୀଷଣ ଭାବେ କ୍ଷତି ହେବ ବୋଲି ଅନୁମାନ କରାଯାଇଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି। ବନ୍ୟାକୁ ଆଖି ଆଗରେ ରଖି ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଆଖୁଆପଦାଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜଳସମ୍ପଦ ବିଭାଗ ଯନ୍ତ୍ରୀମାନଙ୍କ ସହିତ ବିପଦସଂକୁଳ ସ୍ଥାନମାନଙ୍କରେ କେଉଁଭଳି ପ୍ରତିକାର

**ଆଖୁଆପଦାଠାରେ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ ସଞ୍ଜୀବ ମଲ୍ଲିକ**

ବ୍ୟବସ୍ଥା ହାତକୁ ନିଆଯାଇଛି ସେନେଇ ବିସ୍ତୃତ ଆଲୋଚନା କରିଛନ୍ତି। ଏହାପରେ କଣ୍ଟି ଏସ୍‌କେପ୍‌କୁ ମଧ୍ୟ ବିଧାୟକ ପରିଦର୍ଶନ କରିଥିବାବେଳେ ଏଠାରେ ନିଷ୍କାସିତ ହେଉଥିବା ବନ୍ୟା ଜଳ ଦ୍ୱାରା କେଉଁ କେଉଁ ପଞ୍ଚାୟତ ପ୍ରଭାବିତ ହେବ ସେନେଇ ସ୍ଥାନୀୟ ନେତୃମଣ୍ଡଳୀଙ୍କ ସହିତ ଆଲୋଚନା କରିଛନ୍ତି। ବିଧାୟକଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳକେଶରୀ ମହାନ୍ତି, ସଞ୍ଜୀବ ପରିଡ଼ା, ଶରତଚନ୍ଦ୍ର ଜେନା, ସୁରଥ ଦାସ, ରାଜେନ୍ଦ୍ର ଖଣ୍ଡାଇ, ଲଳିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବୈତରଣୀ, ରେବ ଓ କପାଳୀ ନଦୀରେ ଜଳସ୍ତର ବୃଦ୍ଧି

## ଧାମନଗର ଅଞ୍ଚଳ ଉବୁଟୁବୁ







ଧାମନଗର/ଧୂଷୁରୀ,୨୮।୭(ସମିସ): ଲଗାଣ ବର୍ଷାର ପ୍ରଭାବରେ ବୈତରଣୀ, ରେବ ଓ କପାଳୀ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ନଦୀକୂଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ଦେଖାଦେଇଛି। ଫଳରେ ଧାମନଗର ଅଞ୍ଚଳ ଉବୁଟୁବୁ ହୋଇଥିବାବେଳେ ଖାଲୁଆ ଓ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ଗତ ୩୬ ଘଣ୍ଟାରୁ ଊର୍ଦ୍ଧ୍ୱ ହେବ ଧାମନଗର ଅଞ୍ଚଳରେ ମୂଷଳଧାରାରେ ବର୍ଷା ହେବା ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଧାମନଗର ସହରରେ ଜଳ ନିଷ୍କାସନ ସଠିକ୍ ଭାବରେ ହୋଇପାରୁ ନ ଥିବାରୁ ହବିବନଗର, ପଠାଣମହଲା, କୋରେସି ମହଲା, ବଣିଆସାହି ଆଦି ଗ୍ରାମରେ ଉଦ୍‌ବୃତ ବର୍ଷାଜଳ ଲୋକଙ୍କୁ ନାହିଁ ନ ଥିବା ହଇରାଣରେ ପକାଇଛି। ଅନେକଙ୍କ ଘରେ ପାଣି ପଶିଥିବାର ଜଣାଯାଇଛି। ଧାମନଗର-ଭଦ୍ରକ ମୁଖ୍ୟ ରାସ୍ତାର ପେଟ୍ରୋଲ୍ ପମ୍ପ ନିକଟରେ ବର୍ଷାଜଳ ୧ ଫୁଟ୍ ଉଚ୍ଚରେ ପ୍ରବାହିତ ହେଉଛି। ଯ'ନଦୀରେ ପ୍ରବାହିତ ବର୍ଷାଜଳ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଧାମନଗର-ବ୍ଲକ୍ ବଜାର ମୁଖ୍ୟ ରାସ୍ତା ବୁଡ଼ି ପାଣି ଚାଲୁଥିବାବେଳେ ଯାତାୟାତରେ ଘୋର୍ ବାଧା ସୃଷ୍ଟି ହୋଇଛି।

ଭାଗବାନପୁର, ଧାମନଗର, ଜୟନଗର, ଶ୍ୟାମପୁର, ଦକ୍ଷିଣବାଡ଼, ରାଧାବଲ୍ଲଭପୁର ଓ ଷୋଳଗାଁ ଆଦି ପାଟ ଜମି ଜଳାର୍ଣ୍ଣବ ହୋଇଥିବାବେଳେ ବ୍ୟାପକ ଧାନ ତଳି, ପନିପରିବା ଚାଷ ନଷ୍ଟ ହେବାର ସମ୍ଭାବନା ଦେଖାଦେଇଛି। ଖରିଫ୍ ଧାନ ଚାଷ ପାଇଁ ଚାଷୀ ପ୍ରସ୍ତୁତ ହେଉଥିବାବେଳେ ଅତ୍ୟଧିକ ବର୍ଷା ଚାଷୀଙ୍କୁ କ୍ଷତିରେ ପକାଇଛି। ଅଧିକ ଅମଳକ୍ଷମ ଧାନଚାଷ କରିବା ପାଇଁ ବହୁ ଚାଷୀ ଖୋଲା ବଜାରରୁ ମୂଲ୍ୟବାନ ଧାନ ବିହନ କିଣି ତଳି ପକାଇଥିଲେ। ତାହା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାରୁ ଚାଷୀକୂଳ ମୁଣ୍ଡରେ ହାତ ଦେଲେଣି। ବିଗତ ଦୁଇଦିନ ଧରି ମୂଷଳଧାରାରେ ବର୍ଷା ଲାଗି ରହିଥିବାବେଳେ ଧାମନଗରରେ ୧୫୫ ମିଲିମିଟର ବର୍ଷା ହୋଇଥିବାର ରେକର୍ଡ କରାଯାଇଛି।

କ୍ରମାଗତ ବର୍ଷା ଯୋଗୁଁ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବା ସହ ବଡ଼ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଥିବାବେଳେ ନଦୀ କୂଳରେ ରହୁଥିବା ଲୋକମାନେ ଭୟଭୀତ। ଲଗାଣ ବର୍ଷା ଯୋଗୁଁ ଧାମନଗର ଏନ୍‌ଏସି ଅଧୀନ ତଳିଆ ଅଞ୍ଚଳ ଜଳବନ୍ଦୀ ହୋଇଥିବା ସୂଚନା ମିଳିଛି। ଭଦ୍ରକ-ଧାମନଗର ମୁଖ୍ୟ ରାସ୍ତା, ହବିବ୍‌ନଗର ମୁଖ୍ୟ ରାସ୍ତା ଏବଂ ବ୍ଲକ୍‌କୁ ସଂଯୋଗ କରୁଥିବା ରାସ୍ତା, ଧାମନଗର-ଫଳପୁର ରାସ୍ତାଗୁଡ଼ିକ ଜଳମଗ୍ନ ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଆହୁରି ଦୁଇଦିନ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବର୍ଷା ବିପ୍ୟାତ ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବାବେଳେ ଭୟ ନ କରି ଆଇଏମ୍‌ଡି ନିର୍ଦ୍ଦେଶକୁ ମାନି ଚଳିବାକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ବର୍ଷା ଜଳ ନିଷ୍କାସନ ବାଧାପ୍ରାପ୍ତ; ଭୁଶୁଡ଼ିଲା ଚାଳଘର

ବେତାଳିଗାଁ,୨୮।୭(ସମିସ): ଲଗାଣ ବର୍ଷା ସହ ଗାଁରେ ପାଣି ନିଷ୍କାସନ ନ ହେବାରୁ ଜଣେ ଗରିବ ପରିବାରର ଚାଳଛପର ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏଭଳି ଘଟଣା ଧାମନଗର



ବ୍ଲକ୍ ପାଳସାହି ପଞ୍ଚାୟତ ତୋଟାସାହିରେ ଘଟିଛି। ତୋଟାସାହି ଗାଁର ସ୍ୱର୍ଗତ ହାଡ଼ିବନ୍ଧୁ ଦାଶଙ୍କ ପୁଅ ନାରାୟଣ ଦାଶଙ୍କ ଚାଳଘର ଲଗାଣ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ଧରାଶାୟୀ ହୋଇଯାଇଛି। ଅଭିଯୋଗ ଅନୁଯାୟୀ, ଗାଁର କିଛି ବ୍ୟକ୍ତି ନିଜ ଜମିରେ ମାଟି ପକାଇ ଜମିକୁ ଉଚ୍ଚ କରିବା ସହ ବର୍ଷା ଜଳ ନିଷ୍କାସନ ନାଳକୁ ବନ୍ଦ କରିଦେଇଥିବାରୁ ବର୍ଷା ପାଣି ନିଷ୍କାସିତ ହୋଇପାରୁନାହିଁ। ଘରକୁ ଲାଗି ଗାଁ ମଝିରେ ପାଣି ଜମି ପୋଖରୀ ସଦୃଶ ହୋଇଥିଲା। ଦୀର୍ଘ ସମୟ ଧରି ପାଣି ଜମି ରହିବା ଫଳରେ ଘରର ଖୁଣ୍ଟ ଦୁର୍ବଳ ହୋଇ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ଅଭିଯୋଗ ହୋଇଛି। ଏଣୁ ନାରାୟଣଙ୍କ ପରିବାର ମୁଣ୍ଡ ଗୁଞ୍ଜିବାକୁ କିଛି ନାହିଁ। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଗାଁରେ ଯଥାଶୀଘ୍ର ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର କରିବା ସହ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଭଣ୍ଡାରିପୋଖରୀ ଅଞ୍ଚଳର ଧାନ ତଳି ପଚିଯିବାରୁ ଚିନ୍ତାରେ ଚାଷୀକୂଳ





ତୁମ୍ବାପତି-ସରମରା ଯୋଗାଯୋଗ ବିଚ୍ଛିନ୍ନ

## ଜଳବନ୍ଦୀରେ ସରମରା ଗାଁ; ସରମରାର ଦୁଃଖ ସରୁସାଗର ନଦୀ



ବନ୍ତ/ଆଗରପଡ଼ା,୨୮।୭(ସମିସ): ବନ୍ତ ବ୍ଲକ୍ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ସରମରା ଗାଁ ବର୍ତ୍ତମାନ ଜଳବନ୍ଦୀରେ ଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଗତ ସୋମବାରଠାରୁ ଲାଗିରହିଥିବା ଲଗାଣ ବର୍ଷା ଯୋଗୁଁ ସରମରା ଗାଁ ଦେଇ ପ୍ରବାହିତ ହୋଇଥିବା ସରୁସାଗର ନଦୀର ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଜଳ ନିଷ୍କାସନ ହୋଇ ନ ପାରି ଗାଁର କିଛି ଘରେ ପାଣି ପଶିବା ସହିତ ଗ୍ରାମବାସୀ ବର୍ତ୍ତମାନ ଜଳବନ୍ଦୀରେ ରହିଥିବା ଜଣାପଡ଼ିଛି। କପାଳି ନଦୀ ଫୁଲିବା ସହିତ ସରୁସାଗର ନଦୀ ଖୋଲା ଯାଇ ଦଳ ସଫା ହେଲେ ପାଣି ନିଷ୍କାସନ ହୋଇପାରିବ ବୋଲି ଜଣାପଡ଼ିଛି। ଲଗାଣ ବର୍ଷାରେ ଧନ ଜୀବନ ନଷ୍ଟ ହେବା ସହିତ ସରମରା ସ୍କୁଲ ନିକଟରେ ପ୍ରବାହିତ ପାଣି ମାଡ଼ରେ ପିଚୁ ରାସ୍ତାଟି ତଡ଼ାଖାଇ ଯାଇଥିବା ଦେଖିବାକୁ ମିଳିଛି। ତେଣୁ ପ୍ରଶାସନ ଜଳ ନିଷ୍କାସନର ସୁବନ୍ଦୋବସ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଲଗାଣ ବର୍ଷାରେ ଉପୁଡ଼ିଲା ବିରାଟ ଗଛ



ଭଣ୍ଡାରିପୋଖରୀ,୨୮।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପଞ୍ଚାୟତର ଜଗନ୍ନାଥପ୍ରସାଦ ସମେତ ବିଭିନ୍ନ ଜାଗାରେ ଦୀର୍ଘଦିନ ଧରି ଲଗାଣ ବର୍ଷା ଯୋଗୁଁ ବିରାଟ ବିରାଟ ଗଛ ଉପୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ବହୁ ସମୟ ଧରି ଗ୍ରାମ୍ୟ ରାସ୍ତା ଅବରୋଧ ହୋଇ ପଡ଼ିଥିବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ମଙ୍ଗଳବାର ସକାଳୁ ସକାଳୁ ଖବର ପାଇ ଭଣ୍ଡାରିପୋଖରୀ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚି ଗଛଗୁଡ଼ିକୁ କାଟି ସଫା କରିବା ପରେ ରାସ୍ତାରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ଗଛଟି ଉପୁଡ଼ି ପଡ଼ିବା ଦ୍ୱାରା ଜଗନ୍ନାଥ ପ୍ରସାଦ ଉଚ୍ଚ ବିଦ୍ୟାଳୟର ସ୍କୁଲର ସୀମା ପ୍ରାଚୀର ଭାଙ୍ଗି ଯାଇଥିବା ଘଟଣା ଦେଖିବାକୁ ମିଳିଛି। ଏଥି ନିମନ୍ତେ ସ୍କୁଲ କର୍ତ୍ତୃପକ୍ଷଙ୍କ ତରଫରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଅଗ୍ନିଶମ ବାହିନୀ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ସେମାନଙ୍କୁ ସମାଜସେବୀ ବିକାଶ ବାରିକ, ଶଶିକାନ୍ତ ବେହେରା ଓ ପ୍ରଦୀପ ନାୟକଙ୍କ ସମେତ ଗ୍ରାମବାସୀମାନେ ଏକଜୁଟ ହୋଇ ଗଛ ସଫା କରିବା ନିମନ୍ତେ ମଧ୍ୟ ସହଯୋଗ କରିଥିବା ଜଣାପଡ଼ିଛି।

### ● ସଇଲୋ ଅସ୍ତକଠାରେ ୨ଟି ସ୍ଥାନରେ ନଦୀବନ୍ଧ ଦୁର୍ବଳ

## ଜଳସମ୍ପଦ ବିଭାଗ ପକ୍ଷରୁ ବାଲିବସ୍ତା ପ୍ୟାକିଂ

ଅସୁରାଳି,୨୮।୭(ସମିସ): ଲଘୁଚାପ ଜନିତ ଅତିବୃଷ୍ଟି ଫଳରେ ବୈତରଣୀ, କୋଚିଲା, ଗେଙ୍ଗୁଟି, ରେବ ଓ କପାଳି ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନଦୀଗୁଡ଼ିକର ଜଳସ୍ତର ମାତ୍ରାଧିକ ବୃଦ୍ଧି ହେତୁ ତଳିଆ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଜଳସମ୍ପଦ ବିଭାଗର ଅଧିକାରୀ ବିମଳ ବେହେରାଙ୍କ ସୂଚନା ଅନୁଯାୟୀ, ଉପରମୁଣ୍ଡରେ ଜଳସ୍ତର ବଢୁଥିବାରୁ ତଳିଆ ଅଞ୍ଚଳରେ ଜଳସ୍ରୋତ ପ୍ରଖର ରହିଛି। ଆଗାମୀ ଦିନରେ ବର୍ଷା ଜାରି ରହିଲେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଅଧିକ ସଙ୍ଗୀନ ହୋଇପାରେ। ଧୂଷୁରୀ, ହସନାବାଦ, ଅର୍ଜ୍ଜୁନପୁର, ନଦୀଗାଁ, ସାହସପୁର, ବମକୁରା, ରଇପୁର ଓ ଭଟ୍ଟସାହି ଆଦି ପଞ୍ଚାୟତର ବାସିନ୍ଦା ଭୟଭୀତ ଅଛନ୍ତି। ବିଶେଷ କରି ପଧାନୀ, ଅର୍ଜ୍ଜୁନପୁର ଏବଂ ହସନାବାଦ ପଞ୍ଚାୟତର କେତେକ ଗାଁ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଦେଖାଦେଇଛି। ସଇଲୋ ଅସ୍ତକଠାରେ ଜରୁରୀକାଳୀନ ବାଲିବସ୍ତା ପ୍ୟାକିଂ କରାଯାଇଚି। ସଇଲୋ ଅସ୍ତକ ନିକଟରେ ୨ଟି ସ୍ଥାନରେ ନଦୀବନ୍ଧ ଅତି ଦୁର୍ବଳ ଥିବା ଚିହ୍ନଟ ହେବା ପରେ ଜଳସମ୍ପଦ ବିଭାଗର ମୁଖ୍ୟ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲିବସ୍ତା ପ୍ୟାକିଂ ଓ ବାଉଁଶ ଦ୍ୱାରା ରାସ୍ତା ସୁରକ୍ଷା କାର୍ଯ୍ୟ ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜଳସେଚନ ବିଭାଗ ଆଡିସନାଲ ଚିଫ୍ ଇଞ୍ଜିନିୟର ପ୍ରଣବ ନାୟକ ବୈତରଣୀ, କୋଚିଲା ନଦୀବନ୍ଧ ବୁଲି ଦେଖିଛନ୍ତି। ଏସ୍‌ଡିଓ ଶମ୍ଭୁନାଥ ମଲ୍ଲିକ ଉପସ୍ଥିତ ରହି ଦୁର୍ବଳ ବନ୍ଧମାନଙ୍କରେ ବାଲିବସ୍ତା ପକାଇବା ସହିତ ବାଲିବସ୍ତା ପ୍ୟାକ୍ କରି ମହଜୁଦ ରଖିବା ସହ ତହସିଲ୍‌ଦାରମାନଙ୍କୁ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କାଟସାହି ପଞ୍ଚାୟତ ପଥର ଡିଅ ମୁଦୁଲି ସାହି, ଇଟାପାଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଅନ୍ୟପକ୍ଷରେ ୧୧ କୋଟିର ରେବ ନଦୀ ସଂସ୍କାର ବିଫଳ ହୋଇଥିବାବେଳେ ୧୬ ଦିନ ହେଲା ଆଣ୍ଠୁଏ ପାଣିରେ ଚାଷ ଜମିଗୁଡ଼ିକ ବୁଡ଼ିରହିଛି।



### ନାଳିଆ ନଦୀରେ କୂଳବନ୍ଧ ନାହିଁ

## ବାରୋ ପଞ୍ଚାୟତର ୬ଟି ଗାଁ ଜଳବନ୍ଦୀ

ଭଦ୍ରକ/ତିହିଡ଼ି,୨୮।୭(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ବାରୋ ପଞ୍ଚାୟତରେ ୬ଟି ଗାଁ ଲଗାଣ ବର୍ଷା ଯୋଗୁଁ ଜଳବନ୍ଦୀ ହୋଇପଡ଼ିଛି। ଏହି ଅଞ୍ଚଳର ପ୍ରାୟ ୫୦ ପ୍ରାୟ ୫୦ଟି ପରିବାରକୁ ଜଳବନ୍ଦୀ କରିଥାଏ। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇପାରୁ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷା

**୫୦ ପରିବାର ସ୍ଥାନାନ୍ତର; ଶହଶହ ହେକ୍ଟର ଫସଲ ନଷ୍ଟ**

ପରିବାର ସ୍ଥାନାନ୍ତରିତ ହୋଇଥିବା ଜଣାଯାଇଛି। ସେହିଭଳି ଶହଶହ ହେକ୍ଟର ଫସଲରେ ପାଣି ଜମି ନଷ୍ଟ ହେବାର ସମ୍ଭାବନା ରହିଛି।

ସୂଚନାଯୋଗ୍ୟ, ବାରୋ ପଞ୍ଚାୟତର କଲ୍ୟାଣୀ ନଗର, ହାଟସାହି, ବଳିଆରପୁର, ରାଧାନଗର, ଖାଲସାହି, ଚବିଶିପଡ଼ା, ୧୦, ୧୧, ୧୨, ୬ ନମ୍ବର ୱାର୍ଡ଼ରେ ବର୍ଷା ଦିନେ ବଢ଼ିଯାଏ ଲୋକଙ୍କ ଦୁଃଖଦୁର୍ଦ୍ଦଶା। ନିକଟରେ ଥିବା ନାଳିଆ ନଦୀରେ କୂଳବନ୍ଧ ନ ଥିବାରୁ ପ୍ରତିବର୍ଷ ବନ୍ୟା ପାଣି ଗାଁକୁ ପ୍ରବେଶ କରି ହେଲେ ଲୋକଙ୍କ ଜୀବନ ହୋଇଯାଏ ଦୁର୍ବିସହ। ନାଳିଆ ନଦୀରେ କୂଳବନ୍ଧ ନ ଥିବାରୁ ବନ୍ୟା ପାଣି ସିଧାସଳଖ ଗାଁ ଭିତରକୁ ପଶି ଘରଦ୍ୱାର, ରାସ୍ତାଘାଟ ଓ ଚାଷ ଜମିକୁ ଜଳମଗ୍ନ କରିଦେଇଛି। ଏହାର ପ୍ରଭାବରେ ପ୍ରାୟ ୫୦ଟି ପରିବାର ଜଳବନ୍ଦୀ ହୋଇ ଦିନ କାଟୁଛନ୍ତି। ଘରୁ ବାହାରିବା, ପିଲାମାନଙ୍କ ସ୍କୁଲ୍ ଯିବା, ରୋଗୀଙ୍କୁ ଚିକିତ୍ସା ପାଇଁ ନେବା ଭଳି ସାଧାରଣ କାମ ମଧ୍ୟ କଷ୍ଟକର ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବହୁବାର ପ୍ରଶାସନକୁ କୂଳବନ୍ଧ ନିର୍ମାଣ ପାଇଁ ଦାବି କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ। କେବଳ ବନ୍ୟା ପାଣି ନୁହେଁ, ସୁରକ୍ଷିତ ଆଶ୍ରୟ, ଯାତାୟାତ ଓ ଆବଶ୍ୟକ ସାମାଜିକ ନିରାପତ୍ତାର ଅଭାବ ମଧ୍ୟ ବିଷଧର ସାପ, ଗୋଧି, ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇଛି। ଜଳବନ୍ଦୀ ପରିବାର ମଧ୍ୟରେ ରାମଚନ୍ଦ୍ର ମହାଳିକ, ସୁବାସ ମହାଳିକ, ଶ୍ରୀକାନ୍ତ ଦାସ,




ବାବୁଲି ଦାସ, ରବି ମହାଳିକ, ନିରଞ୍ଜନ ମହାଳିକ, କମଳାକାନ୍ତ ମହାଳିକ, ବୁଦ୍ଧିରାମ ମହାଳିକ, ପ୍ରଦୀପ ମହାଳିକ, ଜଖନ ଦାସ ପ୍ରମୁଖ ପରିବାର ଦୁଃଖରେ କାଳାତିପାତ କରୁଛନ୍ତି। ପ୍ରତିବର୍ଷ ଏକେ ଦୁର୍ଦ୍ଦଶା ଭୋଗୁଥିବା ଏହି ପରିବାରମାନେ ଏବେ ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଓ ନାଳିଆ ନଦୀରେ ସ୍ଥାୟୀ କୂଳବନ୍ଧ ନିର୍ମାଣ ପାଇଁ ଦାବି କରିଛନ୍ତି। ତିହିଡ଼ି ବିଡିଓ ନିରଞ୍ଜନ ବାରିକ ରାଗୁନାଥ ମଲ୍ଲିକ, ଧନଞ୍ଜୟ ନାୟକ ଘଟଣାସ୍ଥଳରେ ପହଞ୍ଚି ୬ ଗାଁ ବୁଲି ସ୍ଥିତି ପରଖିଛନ୍ତି ୨ଶହ ଲୋକଙ୍କୁ ସ୍କୁଲରେ ଆଶ୍ରୟ ଦିଆଯାଇଛି। ସେହିଭଳି ରନ୍ଧାଖାଦ୍ୟ ଯୋଗାଇ ଦିଆଯିବା ସହ ୩୦ଟି ଗୃହପାଳିତ ପଶୁଙ୍କୁ ସ୍ଥାନାନ୍ତରିତ କରାଯାଇଛି।

## ଆମ ଶିମିଳିପାଳ ଯୋଜନାକୁ ସରକାରଙ୍କ ଅନୁମୋଦନ

# ୨୦୦ ଗାଁରେ ସ୍ଥାୟୀ ରୋଜଗାର ସୁଯୋଗ ସୃଷ୍ଟି ଯୋଜନା

- ଅକ୍ଟୋବରରେ ଉଦଘାଟନ ସହ କାର୍ଯ୍ୟ ଆରମ୍ଭ
- ଶିମିଳିପାଳରେ ଲାଗିବ ୫୦୦ ଅତିରିକ୍ତ ଏଆଇ କ୍ୟାମେରା

ବାରିପଦା, ୨୮ ।୭ (ସମିସ): ଓଡ଼ିଶା ସରକାର ପ୍ରସ୍ତାବିତ ୧୨୫ କୋଟି ଟଙ୍କାର ଆମ ଶିମିଳିପାଳ ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏହା ଏକ ପ୍ରମୁଖ ଜୀବିକା ଉପାର୍ଜନ ପଦକ୍ଷେପ। ଯାହା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର) ଅଞ୍ଚଳ ଚାରିପାଖରେ ବସବାସ କରୁଥିବା ଗ୍ରାମବାସୀଙ୍କ ପାଇଁ ସ୍ଥାୟୀ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି। ତତସହିତ ଏହି ଉଚ୍ଚାକାଂକ୍ଷୀ ପ୍ରକଳ୍ପ ପାଇଁ ପୂର୍ବରୁ ଏସଟିଆର କର୍ତ୍ତୃପକ୍ଷଙ୍କ ପାଖରେ ଟଙ୍କା ମହଜୁଦ ରହିଛି। ଏସଟିଆର କ୍ଷେତ୍ର ନିର୍ଦ୍ଦେଶ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ) ଡ. ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି, ସରକାର କିଛିଦିନ ପୂର୍ବେ ପ୍ରସ୍ତାବକୁ ଅନୁମୋଦନ ଦେଇ ଏହାର କାର୍ଯ୍ୟକାରିତା ପାଇଁ ଟଙ୍କା ମଞ୍ଜୁର କରିଛନ୍ତି। ଚଳିତ ଅକ୍ଟୋବର ମାସ ପୂର୍ବରୁ ଔପଚାରିକ ଉଦଘାଟନ ପରେ ପ୍ରକଳ୍ପ ଆରମ୍ଭ ହେବ।



ବର୍ତ୍ତମାନ ଅଧିକାରୀମାନେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ଅନୁସାରେ କାର୍ଯ୍ୟକାରିତା ରଣନୀତି ଚୂଡ଼ାନ୍ତ କରୁଛନ୍ତି। ଏହି ଡିପିଆର ପ୍ରାୟ ୭ ମାସ ପୂର୍ବେ ରାଜ୍ୟ ସରକାରଙ୍କ ପାଖରେ ଦାଖଲ ହୋଇଥିଲା। ଏହି ଯୋଜନା ଏସଟିଆର ପାଦଦେଶରେ ଥିବା ପ୍ରାୟ ୨୦୦ ଗାଁକୁ ଯୋଡିବ। ଫଳରେ ବନବାସୀଙ୍କୁ ଲାଭଜନକ ରୋଜଗାର ଅଭାବରେ ବେଆଇନ ଶିକାର ଓ ଚୋରା ଶିକାରରେ ଲିପ୍ତ ରହିବା କାର୍ଯ୍ୟରୁ ଦୂରେଇ ହେବ। ଗୋଗିନେନି କହିଛନ୍ତି ଯେ, ଏହି ଯୋଜନା "ଜୀବନ ଜୀବିକା' (ଜୀବିକା ଉତ୍ପାଦନ) ଧାରଣା ଉପରେ ଆଧାରିତ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟଙ୍କୁ ସ୍ଥାୟୀ ବିକଳ୍ପ ଆୟ ଉତ୍ସ ଯୋଗାଇବାକୁ ଚେଷ୍ଟା କରୁଛି। ଯୋଜନା ଅନ୍ତର୍ଗତ ମୁଖ୍ୟତଃ ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚଜି) ମାଧ୍ୟମରେ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦିଆଯିବ। ଏଥିରେ ଶାଳ ପତ୍ର ପ୍ଲେଟ ତିଆରି, ସିଲେଇ, ମହୁ ପ୍ରକ୍ରିୟାକରଣ, ଦୁଗ୍ଧ ଓ କ୍ଷୀର ପ୍ରକ୍ରିୟାକରଣ, କୁକୁଡ଼ା, ଛେଳି ଓ ମେଣ୍ଢା ପାଳନ, କୃଷି ତଥା ଅଳ୍ପ ସମୟର ଅଣଧାନ ଫସଲ ଚାଷ ଭଳି ବିଭିନ୍ନ ଆୟ ଉତ୍ପାଦକ କାର୍ଯ୍ୟକ୍ରମ ରହିଛି। ଯୋଜନାର କାର୍ଯ୍ୟକାରିତା ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ କର୍ତ୍ତୃପକ୍ଷ ଓ ଇକୋ ଡେଭଲପମେଣ୍ଟ କମିଟି (ଇଡିସି) ଦ୍ୱାରା ଯୌଥ ଭାବେ ନିରୀକ୍ଷଣ କରାଯିବ। ଯଦ୍ୱାରା ସମ୍ପ୍ରଦାୟ ଅଂଶଗ୍ରହଣ, ସ୍ୱଚ୍ଛତା ଓ ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ ହେବ। ଏହି ଉଦ୍ଦେଶ୍ୟରେ ଇତିମଧ୍ୟରେ ୨୫ଟି ଇଡିସି ଗଠନ କରାଯାଇଛି। ସେହିପରି ଏହି ସମୟରେ ଏସଟିଆର କର୍ତ୍ତୃପକ୍ଷ ସଂରକ୍ଷିତ ଅଞ୍ଚଳ ଭିତରେ ସୁରକ୍ଷାକୁ ଶକ୍ତିଶାଳୀ କରିବା ପାଇଁ ୫୦୦ଟି ଅତିରିକ୍ତ କୃତ୍ରିମ ବୁଦ୍ଧିମତ୍ତା ଯୁକ୍ତ କ୍ୟାମେରା ସ୍ଥାପନ କରିବାକୁ ଯାଉଛନ୍ତି। ଯାହା ଚୋରା ଶିକାର ବିରୋଧୀ ବ୍ୟବସ୍ଥାକୁ ମଜବୁତ କରିବ। ଗୋଗିନେନି ଆହୁରି କହିଛନ୍ତି, ଗତ କିଛି ବର୍ଷରେ ପ୍ରାୟ ୨୦୦ଟି ଏଆଇ ଯୁକ୍ତ କ୍ୟାମେରା ପୂର୍ବରୁ କାର୍ଯ୍ୟକ୍ଷମ ହୋଇଛି। ୨.୨୫ କୋଟି ଟଙ୍କା ଖର୍ଚ୍ଚରେ କିଣାଯାଇଥିବା ନୂଆ କ୍ୟାମେରା ବାସ୍ତବ ସମୟର ସୁରକ୍ଷାକୁ ସଂରକ୍ଷିତ ଅଞ୍ଚଳର ପ୍ରାୟ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବ। ପାଣିପାଗ ଅନୁକୂଳ ହେବା ମାତ୍ରେ ସ୍ଥାପନା କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ଥମୁନି ଦାଦନ ଯନ୍ତ୍ରଣା

# ସୁରଟରେ ପୁଣି ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପୋଲସରା, ୨୮ ।୭ (ସମିସ): ପରିବାରର ଭରଣପୋଷଣ ପାଇଁ ସୁରଟକୁ କାମ କରିବାକୁ ଯାଇଥିଲେ। କିନ୍ତୁ ଜୀବନ୍ତ ଫେରିବା ପରିବର୍ତ୍ତେ ତାଙ୍କ ମୃତଦେହ ଘରକୁ ଆସିଲା। ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍‌ର ଜକର ଗ୍ରାମର ଯୁବକ ମୁନା ଗୌଡ଼ଙ୍କ ସୁରଟରେ କାମ କରୁଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ପରିବାର ସହ ସମଗ୍ର ଗାଁରେ ଶୋକର ପରିବେଶ ସୃଷ୍ଟି ହୋଇଛି। ଜକର ଗ୍ରାମର ମୁନା ଗୌଡ଼ ସୁରଟର ଏକ ବେସରକାରୀ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଅଭିଯୋଗ ଅନୁସାରେ, କାମ କରୁଥିବା ସମୟରେ ସେ କମ୍ପାନୀର ଏକ ଉଚ୍ଚ ସ୍ଥାନରୁ ତଳକୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ପରିବାର ନିକଟରେ ପହଞ୍ଚିଥିଲା। ମୁନା ଗୌଡ଼ ପରିବାରର ଏକମାତ୍ର ରୋଜଗାର କରୁଥିବା ସଦସ୍ୟ ଥିଲେ। ତାଙ୍କ ଉପରେ ବୃଦ୍ଧ ବାପା-ମା' ଓ ଦୁଇ ଭଉଣୀ ନିର୍ଭର କରୁଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଗଭୀର ଦୁଃଖରେ ଭାଙ୍ଗିପଡ଼ିଛି ଏବଂ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଛି। ଘଟଣା ବିଷୟରେ ଜାଣିବା ପରେ ପୋଲସରାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୃତକଙ୍କ ଘରକୁ ଯାଇ ପରିବାରକୁ ସମବେଦନା ଜଣାଇଥିଲେ।



# ବୁଢ଼ାବଳଙ୍ଗରେ ନୂଆ ପ୍ରଜାତିର ମାଛ 'ସୁଡୋଲାଗୁଭିଆ ଖଇରୀ'

## ପ୍ରସିଦ୍ଧ ବାଘୁଣୀ ଖଇରୀ ନାମରେ ହେଲା ନାମିତ

ବାରିପଦା, ୨୮ ।୭ (ସମିସ): ଗବେଷକମାନେ ମୟୂରଭଞ୍ଜର ବୁଢ଼ାବଳଙ୍ଗା ନଦୀରୁ ଏକ ନୂଆ ପ୍ରଜାତିର ମିଠା ପାଣିର ମାଛ ଆବିଷ୍କାର କରିଛନ୍ତି। ଚାରି ଦଶନ୍ଧିରୁ ଅଧିକ ସମୟଧରି ବିଶ୍ୱର ବନ୍ୟପ୍ରାଣୀପ୍ରେମୀଙ୍କ କଳ୍ପନାକୁ ଆକର୍ଷିତ କରିଥିବା ଶିମିଳିପାଳର ପ୍ରସିଦ୍ଧ ବାଘୁଣୀ ଖଇରୀର ଉତ୍ତରାଧିକାରୀ ଭାବେ ଏକ ଅପ୍ରତ୍ୟାଶିତ ରୂପରେ ଉକ୍ତ ମାଛର ନାମକରଣ କରାଯାଇଛି। ଗବେଷକ ଏହାର ନାମ 'ସୁଡୋଲାଗୁଭିଆ ଖଇରୀ' ଦେଇଛନ୍ତି। ବିଜ୍ଞାନ ଜର୍ଣ୍ଣାଲ୍ ଜୁଟାକ୍ସାରେ ବର୍ଣ୍ଣିତ ଏହି ପ୍ରଜାତି ସୁଡୋଲାଗୁଭିଆ ଗଣର ଅନ୍ତର୍ଭୁକ୍ତ। ଏହି ଗଣର ମାଛଗୁଡ଼ିକ ଛୋଟ ପାହାଡ଼ିଆ ଝରଣା ଓ ଦ୍ରୁତଗାମୀ ନଦୀରେ ବାସ କରନ୍ତି। ଭାରତ, ବାଂଲାଦେଶ, ନେପାଳ, ମିଆଁମାର ଆଦି ସ୍ଥାନରେ ଦେଖାଯା'ନ୍ତି। କେବଳ କିଛି ସେଣ୍ଟିମିଟର ଲମ୍ବା ଏହି ମାଛର ପିଠି ପଖାର ମୂଳରେ ଏକ ବିଶେଷ ମାଂସଳ ଉପସ୍ଥିତି ରହିଛି। ଯାହା ଏହି ଗଣର ଅନ୍ୟକୌଣସି ପ୍ରଜାତିରେ ପୂର୍ବରୁ ଦେଖାଯାଇନାହିଁ। ଅନ୍ୟାନ୍ୟ ଶାରୀରିକ ବିଶେଷତାର ମିଶ୍ରଣ ମଧ୍ୟ ଏହାକୁ ଅଲଗା କରିଥାଏ। ଏହି ଆବିଷ୍କାର ଭାରତରେ ବଢୁଥିବା ମିଠାପାଣି ମାଛ ତାଲିକାରେ ଆଉଏକ ପ୍ରଜାତି ଯୋଡ଼ିଛି। ତେବେ ଏହାର ନାମ କେବଳ ବିଜ୍ଞାନର ସୀମା ମଧ୍ୟରେ ସୀମିତ ନୁହେଁ; ଏହା ଏକ ବଡ଼ କାହାଣୀ ବହନ କରୁଛି।



୧୯୭୦ ଦଶକରେ ଶିମିଳିପାଳ ଜଙ୍ଗଲରୁ ଉଦ୍ଧାର ହୋଇଥିବା ଖଇରୀ ଏକ ରୟାଲ୍ ବେଙ୍ଗଲ ଟାଇଗର୍ ଭାରତର ସବୁଠାରୁ ପ୍ରସିଦ୍ଧ ବନ୍ୟପ୍ରାଣୀ ରାଷ୍ଟ୍ରଦୂତମାନଙ୍କ ମଧ୍ୟରୁ ଜଣେ ପରିଚୟ ହୋଇଥିଲା। ପ୍ରଖ୍ୟାତ ସଂରକ୍ଷଣବାଦୀ ସରୋଜ ରାଜ ଚୌଧୁରୀ ଓ ତାଙ୍କ ପତ୍ନୀ ନିହାର ନଳିନୀ ସ୍ୱାଇଁଙ୍କ ଦ୍ୱାରା ପ୍ରତିପାଳିତ ହୋଇ ସେ ମଣିଷ ପରିବାର ସହିତ ଏକ ଅସାଧାରଣ ବନ୍ଧନ ଗଢ଼ିଥିଲେ ଓ ମଣିଷ-ବନ୍ୟଜୀବ ସମ୍ପର୍କ ସମ୍ପର୍କୀୟ ପାରମ୍ପରିକ ଧାରଣାକୁ ଚ୍ୟାଲେଞ୍ଜ କରିଥିଲା। ତା'ର ଆଚରଣ, ବୃଦ୍ଧି ଓ ପରିବେଶ ଉପରେ ସରୋଜ ରାଜଙ୍କ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ବାଘର ଜୀବବିଜ୍ଞାନ ଓ ଆଚରଣ ଉପରେ ବିରଳ ବୈଜ୍ଞାନିକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ଏହା ଭାରତର ପ୍ରାରମ୍ଭିକ ବାଘ ସଂରକ୍ଷଣ ପ୍ରୟାସକୁ ଗୁରୁତ୍ୱପୂର୍ଣ୍ଣ ଭାବେ ସହାୟତା କରିଥିଲା। ଖଇରୀର ଅସାଧାରଣ ଜୀବନ ସେହି ସମୟରେ ଓଡ଼ିଶାର ଜଙ୍ଗଲ ପ୍ରତି ଆନ୍ତର୍ଜାତିକ ଧ୍ୟାନ ଆକର୍ଷିତ କରିଥିଲା। ଯେତେବେଳେ ଭାରତରେ ବନ୍ୟପ୍ରାଣୀ ସଂରକ୍ଷଣ ଆନ୍ଦୋଳନ, ଏପରିକି ବିକାଶ ପଥରେ ଥିଲା। ଏହି ନୂଆ ମାଛ ପ୍ରଜାତି ଖଇରୀ ସ୍ମୃତିକୁ ଆଉଏକ ନୂତନ ମାଧ୍ୟମରେ ଜୀବନ୍ତ ରଖିବ ବୋଲି କୁହାଯାଉଛି।


VEHICLE FOR SALE
ASHOK LEYLAND 4825 TIPPER ,MODEL 2025, Regn. No - OD-02-DL-4130, in as is where is condition. Contact: M/S Sundaram Finance Limited, Bhubaneswar Branch, Ph:0674-2544772 within 7 days

AFFIDAVIT
I, Sudadsan Das, S/o. Gayadhar Das, resid- ent of Vill- Paikasta, PO/PS- Gopalpur, Dist- Balasore, Pin- 756044, Odisha, declare by this affidavit No. 1452, dtd.- 03.07.2026 that now onwards I shall be known as SUDARSHAN DAS for all future purposes.

AFFIDAVIT
By virtue of an affidavit sworn before Executive Magistrate, Mohana, Gajapati Affidavit No. 4266/26 on dated 28/07/2026, I MAMATA NAYAK, W/o Debananda Nayak resident of At- Goudagotha, Po- Goudagotha, P.S. Badagada, Dist. Ganjam, Odisha, PIN: 761109, declare that I have changed my minor Son's name from RISHI NAYAK (Old Name) to ASHIKEL NAYAK (New Name). Henceforth, he shall be known as ASHIKEL NAYAK for all purposes.
Sd- MAMATA NAYAK

AFFIDAVIT
Affidavit for Minority virtue of an affidavit no- 2221, dated- 17/7/2026 sworn before Executive Magistrate, Khordha, declare that I, Abdul Moai Khan, S/o- Late Mansur Khan of Address At/Post- Kerang, Ps/Dist- Khordha, Odisha, Pin- 752057, declare that I have changed my minor Son's name from Abdul Fazele Umar Rabani to Abdul Fazle Umar Rabbani. Henceforth, he shall be known as Abdul Fazle Umar Rabbani for all purposes.
Sd/- Abdul Fazle Umar Rabbani

AFFIDAVIT
By virtue of an affidavit sworn before The Notary Public, Titilagarh, on dated- 28.07.2026, I, Nilanti Banchhor (new name), W/o Hrudananda Kand, permanent & current resident of AT: Bhuslad, PO: Manigaon, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from Nilendri Kand (old name) to Nilanti Banchhor (new name). Henceforth, I shall be known as Nilanti Banchhor (new name) for all future purposes.
Nilanti Banchhor

AFFIDAVIT
By virtue of an affidavit sworn before The Notary Public, Titilagarh, on dated- 22.07.2026, I, Kanta Jani (new name), S/o Tunu Jani, permanent & current resident of AT: Mahulpada (Bagpada), PO: Manigaon, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from Chandrakant Jani (old name) to Kanta Jani (new name). Henceforth, I shall be known as Kanta Jani (new name) for all future purposes.
Kanta Jani



34001/546/2627

OFFICE OF THE SUPERINTENDING ENGINEER
PHULBANI (R&B) DIVISION, PHULBANI
AT/PO./PS- PHULBANI, PIN-762001
E-MAIL:- [illegible]@gmail.com, Tel-06842-2532102
Letter No. 4422 Date. 28-07-2026

1st CORRIGENDUM to Bid Identification No. SE-R&B-PLB-04/2026-27, DATED: -20.07.2026

It is hereby informed to all prospective bidders that, due to inadvertent use of a common DTCN format while preparing the tender documents for the works under Notice No. 04/2026-27, the eligibility condition regarding experience in execution of similar nature of 11 KV/33 KV or Higher electrical works has been incorporated in Contract Data Sl. No. 17 and Clause No. 14 of the DTCN for all the works.

In this connection, it is hereby clarified that the requirement of experience in execution of similar nature of 11 KV/33 KV or Higher electrical works, as specified in Contract Data Sl. No. 17 and Clause No. 14 of the DTCN, shall be applicable and mandatory only for Work Serial No. 5 and Work Serial No. 6 of Notice No. 04/2026-27.

All other terms and conditions of the DTCN shall remain unchanged and in force.

Superintending Engineer
Phulbani (R&B) Division, Phulbani
OIPR-34001/34066/1/26-27/0008



32001/321/2627

OFFICE OF THE SUPERINTENDING ENGINEER
RWS&S MECHANICAL DIVISION
PLOT NO. D-2/24, MANCHESWAR INDUSTRIAL ESTATE
BHUBANESWAR-751010
e-Mail: [illegible]@gmail.com
TENDER CALL NOTICE NO. [illegible] 2026-27

The Superintending Engineer, RWS&S Mechanical Division, Bhubaneswar, Plot No. D-2/24, Mancheswar Industrial Estate, Bhubaneswar-10, on behalf of the Governor of Odisha, invites online item rate tenders in conformity with the Detailed Tender Call Notice from registered and established Manpower Service Providers to provide bore well drilling skilled personnel to the Sub-Division Office under the Office of the Superintending Engineer, RWS&S Mechanical Division, Bhubaneswar, as per the requirement.

| Sl. No. | Description of Items | No. | Estimated Cost (Approx. per year) | Cost of Bid Document | EMD |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | RWS&S Mechanical Sub-Division, Dhenkanal | | Rs. 21,89,296.00 (on wages only) | Rs. 6,000/- | 2% of the estimated cost. |
| 1 | H.V. Driver | 2 Nos | | | |
| 2 | A.P.D | 1 No | | | |
| 3 | Asst. Driller | 2 Nos | | | |
| 4 | Boring Mate | 6 Nos | | | |
| 5 | Khallasi | 2 Nos | | | |
| 6 | Helper | 1 No | | | |

Tender documents with detailed technical requirements, scope of work, terms and conditions will be available online at www.tendersodisha.gov.in from 01.08.2026 to 14.08.2026 up to 5:00 PM. The tender will be opened on 17.08.2026 at 12:00 PM onwards in the Office of the Superintending Engineer, RWS&S Mechanical Division, Bhubaneswar, in the presence of the bidders or their authorized representatives, subject to availability. Interested manpower service providers may submit the tender document complete in all respects and duly signed along with all requisite documents, failing which the bid is liable for rejection. The authority reserves the right to reject any or all tenders without assigning any reason thereof.

I/C Superintending Engineer
RWS&S Mechanical Division, Bhubaneswar
OIPR-32001/32528/1/26-27/0004



ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ନଂ. Sr.DMM/SBP/Tender/ Tender Publication, ତା.27.07.2026
[illegible] CCTV [illegible] (Motion Detection), [illegible] (Waterproof), [illegible] 256 GB, [illegible] 1080P [illegible]
EMD [illegible] ₹7,17,210/-
[illegible] ତା.17.08.2026
[illegible] www.ireps.gov.in [illegible]
PR-328/R/26-27



24001/328/2627

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No RDM-LAA-BDK-0002-2023- 45066 R&DM, Dated:29.11.2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- କଇଥଖୋଲା, ଥାନା- ବଂଶଜା ସଂଖ୍ୟା- ୧୪୩, ତହସିଲ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ ଜିଲ୍ଲାର ଶିଳ୍ପ ପାର୍କ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା [illegible] ତା. ୦୨.୦୯.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତି କୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା [illegible] ତା. ୦୧/୧୧/୨୦୨୪ ରିଖ ଅନୁସାରେ ଅଧିସୂଚନାର ବୈଧତା ତା. ୦୩/୧୨/୨୦୨୫ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ କଇଥଖୋଲା, ଥାନା- ବଂଶଜା ସଂଖ୍ୟା- ୧୪୩, ତହସିଲ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ଭୂପରେଖର ସାରାଂଶ ସଂଲଗ୍ନ କରାଯାଉନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଛେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଶିଳ୍ପ ପାର୍କ ପ୍ରକଳ୍ପ , ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ଭଦ୍ରକ ତହସିଲ: - ଚାନ୍ଦବାଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଇଥଖୋଲା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୫.୨୧ | ଏକର ୨.୮୯ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା:- ଭଦ୍ରକ ତହସିଲ: - ଚାନ୍ଦବାଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୦୩.୧୨.୨୦୨୫ ।

ଭୂମି ଅନୁସୂଚୀ (ବେସରକାରୀ)
ପ୍ରକଳ୍ପର ନାମ-ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ
ମୌଜାର ନାମ: କଇଥଖୋଲା ଥାନା ଓ ନଂ.: ବଂଶଜା, ୧୪୩ ତହସିଲ: ଚାନ୍ଦବାଲି ଜିଲ୍ଲା: ଭଦ୍ରକ

| କ୍ର.ସଂ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକର) | ଭୂ-ଅର୍ଜନ ରକବା (ଏକର) | କିସମ | ଖାତାଧାରୀଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | [illegible] | [illegible] | [illegible] | [illegible] | ଶାରଦ-୨ | [illegible] |
| ୨ | [illegible] | [illegible] | [illegible] | [illegible] | ଶାରଦ-୨ | [illegible] |
| ୩ | | [illegible] | [illegible] | [illegible] | ପଡ଼ିଆ | |
| ୪ | | [illegible] | [illegible] | [illegible] | ଶାରଦ-୨ | |
| ୫ | [illegible] | [illegible] | [illegible] | [illegible] | ପଡ଼ିଆ | [illegible] |
| | | ମୋଟ:- | [illegible] | [illegible] | | |

ରାଜସ୍ୱ ଉପଶାସନ (ପ୍ରଶାସନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ
OIPR-24001/24001/3/26-27/0100



OFFICE OF THE PRINCIPAL
NATIONAL COLLEGE, NUAPADA
AT/PO/DIST-NUAPADA (ODISHA) – 766105
e-Mail- [illegible]@gmail.com
Web- [illegible]

ADVERTISEMENT FOR GUEST FACULTY

Applications are invited from eligible and interested candidates for engagement as Guest Faculty in Education & Geography (Each 01 Post) for the academic session 2026-27. The engagement is purely temporary and will be governed by the guidelines of the Department of Higher Education, Government of Odisha.

| Activity | Date | Portal |
|---|---|---|
| Online Application Start Date | 23.07.2026 | HRMS Portal |
| Online Application End Date | 03.08.2026 | [illegible] |

The Walk-in-Interview for the above engagement will be held on the dates given below in the respective departments of this College.

| Date | Reporting Time | Interview Time | Subjects | Venue |
|---|---|---|---|---|
| 07.08.2026 | 9.00 AM to 11.00 AM | 11.30 AM onwards | Education, Geography | Office of The Principal, National College, Nuapada |

(Principal I/c)
National College, Nuapada



PM SHRI JAWAHAR NAVODAYA VIDYALAYA-2
OHPC Road, Near OCC Office, BALIMELA,
DIST. MALKANGIRI, ODISHA, PIN – 764051

WALK IN-INTERVIEW

A walk In-interview on 03/08/2026 (Monday) at 10:00 am at PM SHRI JNV, Balimela, Malkangiri-II, Odisha for PGTs- Geography, Biology, TGTs- Maths, S.St, English, Computer Science & Staff Nurse for the academic session 2026-27, purely on Contractual basis. The eligible/willing desiring candidates may appear in the interview for the said post. Eligibility as per Govt. norms.

Date & Venue of interview-
PM SHRI JNV Balimela, Malkangiri-II on 03/08/2026
Time:- 10:00 am to 04:00 pm.
No TA/DA will be admissible for attending the walk In-interview.
Required documents- Original documents, 01 set of xerox copy, ID passport size photo.

Sd/-Principal
PM SHRI JNV, Malkangiri-II



Government of Odisha 34001/539/2627
"e" Procurement Notice
OFFICE OF THE SUPERINTENDING ENGINEER,
RAYAGADA (R&B) DIVISION NO-I, RAYAGADA
E-mail ID: [illegible]@gmail.com
Bid Identification No.: RC (R&B) RGD 05 / 2026-2027 (Single Cover – Online Tender)
File No.: [illegible]-28/2026, No.: 3981, Dated: 24.07.2026

1. No. of Works: 02 (Two) Civil Works and 01 (One) Electrical Work only.
2. Estimated Cost: Rs. 4.14 Lakhs to Rs. 9.60 Lakhs.
3. Cost of Document: Rs. 2,000 to Rs. 4,000.
4. Bid Security: Rs. 4,200 to Rs. 9,600.
5. Class of Contractor: C & D, MV & above.
6. The Bid documents will be available in the website www.tendersodisha.gov.in from 11:00 Hrs. on 30-07-2026 to 17:00 Hrs. on 05-08-2026 for online bidding.
7. Last Date & Time for Receipt of Bids in the portal: Up to 17:00 Hrs. on 05-08-2026.
8. Bids received online shall be opened at 11:30 hours on dated 06-08-2026 in the office of the Superintending Engineer, Rayagada (R&B) Division No-I.
9. Further details can be seen on the e-Procurement portal : www.tendersodisha.gov.in. Any Addendum/Corrigendum/Cancellation of tender can also be seen in the said website only.

Superintending Engineer
Rayagada (R&B) Division No-I
OIPR-34001/34040/1/26-27/0004



34001/536/2627
E-Mail I.D.- [illegible]@gmail.com
Tel./ Fax No.(0671)-2304128

OFFICE OF THE SUPERINTENDING ENGINEER
KATAKA (R&B) DIVISION NO.I, KATAKA
GOVERNMENT OF ODISHA
('e' PROCUREMENT NOTICE)
Bid Identification No. S.E. CTC(R&B)-14 of 2026-27

TENDER CALL NOTICE

1. The Superintending Engineer, Kataka (R&B) Division No.1, Kataka on behalf of Governor of Odisha invites on Percentage rate basis bid in Single cover system in ONLINE MODE from eligible contractor for Building works as mentioned below.
2. No. of Work :- 01 No.
3. Nature of work :- Building work
4. Class of Contractor :- "C" & "B" Class
5. Tender Paper Cost :- Rs.8000/- (Online)
6. Available of bid documents in the website :- From 31/07/2026 to 5PM of 13/08/2026
7. Date of Opening of Bid :- 11AM of 14/08/2026
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

(Er. [illegible])
Superintending Engineer,
Kataka (R&B) Division No.I
OIPR-34001/34091/1/26-27/0012



## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ନିବେଶରୁ ଦୂରେଇ ରହିବେ । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହେବେ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ଉଧାର ଧନ ଫେରିପାଇବେ । ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ । ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମିଥୁନ:** ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ମନ ପ୍ରସନ୍ନ ରହିବ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ସରକାରୀ କାମ ସମସ୍ୟା ସମାଧାନ ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମଠ ତଥା ମନ୍ଦିରରେ ଦାନ କରିବେ ।

## ଆଜିର ଇତିହାସ

- ୧୮୯୧- ମହାନ୍ ଶିକ୍ଷାବିତ୍ ତଥା ସମାଜ ସଂସ୍କାରକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବିୟୋଗ ।
- ୧୯୪୯ - ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେସନ (ବିବିସି) ରେଡିଓ ପ୍ରସାରଣର ଆରମ୍ଭ କଲା ।
- ୧୯୮୦- ମସ୍କୋ ଅଲିମ୍ପିକରେ ଭାରତ ହକି ଖେଳରେ ସ୍ୱର୍ଣ୍ଣ ପଦକ ଜିତିଲା ।
- ୧୯୮୧- ଯୁବରାଜ ଚାର୍ଲସ୍ ଓ ରାଜକୁମାରୀ ଡାଏନା ବିବାହ ବନ୍ଧନରେ ଆବଦ୍ଧ ହେଲେ ।


## ନିଆରା ପରମ୍ପରା
# ବିବାହରେ ଉପହାର ମନା




ଭାରତୀୟ ବିବାହରେ ଉପହାର ଦେବା ଏକ ପରମ୍ପରା ଏବଂ ଏଥିରେ ବିଭିନ୍ନ ପ୍ରକାରର ଉପହାର ଦିଆଯାଇଥାଏ । ଘରସଜ୍ଜା ଉପକରଣଠାରୁ ଆରମ୍ଭ କରି ଗହଣା, ବାସନକୁସନ, ବୈଦ୍ୟୁତିକ ଉପକରଣ ଓ ନଗଦ ଟଙ୍କା ଉପହାର ସ୍ୱରୂପ ଦିଆଯାଏ । ହେଲେ ଦକ୍ଷିଣ କୋରିଆରେ ଏନେଇ ଭିନ୍ନତା ଦେଖିବାକୁ ମିଳିଥାଏ । ଏଠାରେ ଅତିଥିମାନଙ୍କୁ କୌଣସି ବସ୍ତୁ ଉପହାର (ଯେମିତି କି ଘରକରଣା ଜିନିଷ, ସାଜସଜ୍ଜା ସାମଗ୍ରୀ ଇତ୍ୟାଦି) ଭାବେ ଆଣିବା ପାଇଁ ମନା କରାଯାଇଥାଏ । କାରଣ ଏଠାରେ ବିବାହ କରୁଥିବା ବର ଓ କନିଆ ଉପହାରରେ କେବଳ ନଗଦ ଟଙ୍କା ଅତିଥିଙ୍କଠାରୁ ଚାହାଁନ୍ତି । ଦକ୍ଷିଣ କୋରିଆରେ ବିବାହ ବେଶ୍ ବ୍ୟୟବହୁଳ ହୋଇଥାଏ । ବିବାହ ମଣ୍ଡପ, ଖାଦ୍ୟପେୟ, ସାଜସଜ୍ଜା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ମିଶାଇ କୋଟି କୋଟି ଟଙ୍କା ଲାଗିଯାଏ । ସେଥିପାଇଁ ନବଦମ୍ପତି ନିଜର ନୂଆ ଜୀବନ ଆରମ୍ଭ କରିବା ପାଇଁ ଉପହାରରେ ନଗଦ ଟଙ୍କା ପସନ୍ଦ କରନ୍ତି । ଅତିଥିମାନେ ବଡ଼ ବଡ଼ ଲଫାପାରେ ନୋଟ୍ ନେଇ ଆସନ୍ତି । ଯେତେ ଅଧିକ ନଗଦ ଟଙ୍କା, ସେତେ ଅଧିକ ସମ୍ମାନ । ଯଦି କୌଣସି ଅତିଥି ସାଥିରେ ଟଙ୍କା ଆଣିବାକୁ ଭୁଲିଯାଇଥିବେ ମଣ୍ଡପରେ ଏଟିଏମ୍ ମେସିନ୍ ମଧ୍ୟ ଲଗାଯାଇଥାଏ । ଅତିଥିମାନେ ଏହି ମେସିନ୍‌ରୁ ଟଙ୍କା ଉଠାଇ ଲଫାପାରେ ଭରି ଦେଇଥାନ୍ତି । ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କୌଣସି ବ୍ୟକ୍ତି ବିବାହକୁ ଯେପରି ଖାଲି ହାତରେ ନ ଆସନ୍ତି । ସାମାଜିକ ଗଣମାଧ୍ୟମରେ ଜଣେ ଭାରତୀୟ ଯୁଜର ଦକ୍ଷିଣ କୋରିଆର ଏହି ଭିଡିଓକୁ ସେୟାର କରିବା ପରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି । ଦକ୍ଷିଣ କୋରିଆରେ ବିବାହ ସମେତ ଜନ୍ମଦିନ, ଅନ୍ୟାନ୍ୟ ଉତ୍ସବରେ ଉପହାରରେ ଟଙ୍କା ଦେବା ଖୁବ୍ ସାଧାରଣ କଥା । ଲୋକେ ନାଲି ଲଫାପାରେ ଟଙ୍କା ଦେଇଥାନ୍ତି । ସେଠାରେ ଏହାକୁ ଅତ୍ୟନ୍ତ ଶୁଭ ମନାଯାଏ ।

# ଆକ୍ସନ୍ ହିରୋ ହେବେ ଅହାନ୍

'ସୈୟାରା' ଫିଲ୍ମରୁ ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ ଅହାନ୍ ପାଣ୍ଡେ । ଏବେ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମ ଅପେକ୍ଷାରେ ଅଛନ୍ତି । ସେ ଏବେ ଯଶରାଜ ବ୍ୟାନର୍‌ର ଏକ ଫିଲ୍ମରେ ନଜର ଆସିବେ । ଇତିମଧ୍ୟରେ ଏହି ଚଳଚ୍ଚିତ୍ରର ରିଲିଜ୍ ଡେଟ୍ ପ୍ରକାଶ ପାଇଛି । ଏହାର ପ୍ରଯୋଜନା ଦାୟିତ୍ୱରେ ଆଦିତ୍ୟ ଚୋପ୍ରା ଥିବାବେଳେ ଅଲ୍ଲୀ ଅବ୍ବାସ ଜାଫର ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଆଦିତ୍ୟଙ୍କ ସହ ଅଲ୍ଲୀ ଅବ୍ବାସଙ୍କର ଏହା ପଞ୍ଚମ ଫିଲ୍ମ ହେବ । ଏହି ଯୋଡ଼ି ପୂର୍ବରୁ 'ମେରେ ବ୍ରଦର୍ କୀ ଦୁଲହନ୍', 'ଗୁଣ୍ଡେ', 'ସୁଲତାନ', 'ଟାଇଗର ଜିନ୍ଦା ହୈ' ଫିଲ୍ମରେ କାମ କରିଥିଲେ । ଅହାନ ତାଙ୍କ ଲଭର୍ ବୟ ଇମେଜରୁ ବାହାରି ଏଥିରେ ଜବରଦସ୍ତ ଆକ୍ସନ୍ କରୁଥିବାର ନଜର ଆସିବେ । ଅହାନ୍‌ଙ୍କ ବିପକ୍ଷରେ ଏଥିରେ ଶରବରୀ ୱାଘ ନଜର ଆସିବେ । ଏହା ୨୬ ମାର୍ଚ୍ଚ, ୨୦୨୭ ରେ ଗୁଡ୍ ଫ୍ରାଇଡେ ଅବସରରେ ମୁକ୍ତିଲାଭ କରିବ । ଏଥିରେ ବବି ଦେଓ୍ୱଲ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ । ଐଶ୍ୱର୍ଯ୍ୟ ଠାକ୍‌ରେ ଏଥିରେ ଖଳନାୟକ ଭାବେ ଦେଖାଯିବେ । ଅହାନ୍ ଓ ଐଶ୍ୱର୍ଯ୍ୟଙ୍କ ମଧ୍ୟରେ ଏକ ରୋମାଞ୍ଚକର ଆକ୍ସନ୍ ସିନ୍ ରହିଛି । ବିଗତ କିଛି ମାସ ହେଲାଣି ଅହାନ୍,ଅଲ୍ଲୀ ଅବ୍ବାସଙ୍କ ସହ ବ୍ରିଟେନ୍‌ରେ ଏହି ଫିଲ୍ମର ସୁଟିଂ କରୁଛନ୍ତି । ଏହାର ଫଟୋଗୁଡ଼ିକ ସାମାଜକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି । ଅହାନ୍ ଓ ଶରବରୀଙ୍କ ଯୋଡ଼ି ଦର୍ଶକଙ୍କୁ ସିନେମାହଲ୍‌କୁ ଟାଣି ଆଣି ପାରୁଛି କି ନାହିଁ ତାହା ଦେଖିବାକୁ ବାକି ରହିଲା ।



# ପ୍ରସାଦରେ ମାଟି




ଭାରତରେ ଏମିତି ଏକ ମନ୍ଦିର ଅଛି, ଯେଉଁଠାରେ ପ୍ରସାଦରେ ମିଠା କି ଫଳ ନୁହେଁ, ବରଂ ପବିତ୍ର ମାଟି ଦିଆଯାଏ । ଏଭଳି ନିଆରା ପରମ୍ପରା ମଧ୍ୟପ୍ରଦେଶର ମା' ବଗଳାମୁଖୀ ମନ୍ଦିରରେ ଦେଖିବାକୁ ମିଳିଥାଏ । ଏହି ପରମ୍ପରା କାରଣରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ମା' ବଗଳାମୁଖୀଙ୍କ ଦର୍ଶନ ପାଇଁ ଏଠାକୁ ଆସିଥାନ୍ତି । ଏଠାରେ ମନ୍ଦିର ପରିସରର ପବିତ୍ର ମାଟିକୁ ପ୍ରସାଦ ଭଳି ଶ୍ରଦ୍ଧାଳୁଙ୍କୁ ଦିଆଯାଏ । ସ୍ଥାନୀୟ ମାନ୍ୟତାନୁସାରେ, ଏହି ମାଟିକୁ ଦେବୀଙ୍କ ଆଶୀର୍ବାଦର ପ୍ରତୀକ ବୋଲି ବିବେଚନା କରାଯାଏ । ସେହିପରି ମନ୍ଦିର ପରିସରର ମାଟି ବର୍ଷ ବର୍ଷ ଧରି ଦେବୀଙ୍କ ଶକ୍ତି ସହିତ ଜଡ଼ିତ ବୋଲି ବିଶ୍ୱାସ ରହିଛି । ଶ୍ରଦ୍ଧାଳୁ ପବିତ୍ର ମାଟିକୁ ନିଜ ଘରକୁ ନେଇ ପୂଜାସ୍ଥାନରେ ରଖନ୍ତି । ନଚେତ୍ ଏହାକୁ ତିଳକ ଭାବେ ମସ୍ତକରେ ଲଗାନ୍ତି । କୁହାଯାଏ, ମାଟିରେ ଥିବା ସକାରାତ୍ମକ ଶକ୍ତିକୁ ଦେବୀଙ୍କ କୃପାର ପ୍ରତୀକ ବୋଲି କୁହାଯାଏ । ଅବଶ୍ୟ ଏହି ମାନ୍ୟତାର ବୈଜ୍ଞାନିକ ପ୍ରମାଣ ଉପଲବ୍ଧ ନାହିଁ ଏବଂ ଏହାକୁ ଧାର୍ମିକ ଆସ୍ଥା ସ୍ୱରୂପ ଦେଖାଯାଏ । ଶତ୍ରୁ ନାଶ, ନ୍ୟାୟିକ ମାମଲାରେ ସଫଳତା, ମାନସିକ ପୂରଣ ପାଇଁ ଲୋକେ ଏଠାକୁ ଆସନ୍ତି । ନବରାତ୍ରୀ ତଥା ବିଶେଷ ପର୍ବରେ ଏଠାରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ । ଧାର୍ମିକ ପରମ୍ପରା ଅନୁସାରେ, ଏହି ମାଟି ଦେବୀଙ୍କ କୃପା ଓ ମନ୍ଦିର ପବିତ୍ରତାର ପ୍ରତୀକ । ଅନେକ ଶ୍ରଦ୍ଧାଳୁ ଏହାକୁ ଘରେ ଶୁଭ ଓ ସକାରାତ୍ମକତା ପାଇଁ ରଖନ୍ତି । ସେହିପରି ମନ୍ଦିର ପ୍ରଶାସନ ବି ଏହାକୁ ଶ୍ରଦ୍ଧାର ସହ ଗ୍ରହଣ କରିବାକୁ ପରାମର୍ଶ ଦେଇଥାଏ । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ କହିବା କଥା, ପ୍ରସାଦର ଉଦ୍ଦେଶ୍ୟ କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ବରଂ ଈଶ୍ୱରଙ୍କ ଆଶୀର୍ବାଦ ବଣ୍ଟନ କରିବା । ତେଣୁ ବିଭିନ୍ନ ମନ୍ଦିରରେ ପ୍ରସାଦର ପରମ୍ପରା ଭିନ୍ନ ହୋଇଥାଏ । ଏହି କାରଣରୁ ମନ୍ଦିରଗୁଡ଼ିକରେ ଲଡୁ, ପଞ୍ଚାମୃତ, ଭସ୍ମ, ପବିତ୍ର ମାଟିକୁ ପ୍ରସାଦ ସ୍ୱରୂପ ଦିଆଯାଉଥିବା ଦେଖିବାକୁ ମିଳେ ।

## ସମ୍ଭାବନା



# ରେଡ୍ ସିଟ୍ ମେଥଡ୍



**ପାଠପଢ଼ା ମାମଲାରେ ଜାପାନ ଛାତ୍ରଛାତ୍ରୀଙ୍କୁ ସୁବଠୁ ଆଗୁଆ ବୋଲି ବିବେଚନା କରାଯାଏ । ତେବେ ଏଠାର ଛାତ୍ରଛାତ୍ରୀମାନଙ୍କର ସଫଳତା ପଛରେ ଏକ ସିକ୍ରେଟ୍ ସିଟ୍ ଥିବା କୁହାଯାଉଛି । ଜାପାନ ଛାତ୍ରଛାତ୍ରୀ ପଢ଼ିବା ବେଳେ ସେମାନଙ୍କ ବହି ଉପରେ ନାଲି ରଙ୍ଗ ଟ୍ରାନ୍ସପରେଣ୍ଟ ସିଟ୍ ବା ପେପର୍ ବ୍ୟବହାର କରନ୍ତି । ପ୍ରଥମେ ଏହା ଦେଖିବାକୁ କୌଣସି ଖେଳ ତଥା ସଉକ ଭଳି ଲାଗିପାରେ । ଏହା ପଛରେ ବୈଜ୍ଞାନିକ ଟେକ୍ନିକ୍ ଅଛି । ଏହା ଜାପାନ ଭାଷାରେ 'ଅଙ୍କି ସିଟ୍' ବା ରେଡ୍ ସିଟ୍ ମେଥଡ ଭାବେ ପ୍ରଚଳିତ । ଏହାକୁ କାହିଁକି ପଢ଼ାରେ ବ୍ୟବହାର କରାଯାଏ, ସେସମ୍ପର୍କରେ ଜାଣିବା ।**

ଜାପାନ ଛାତ୍ରଛାତ୍ରୀ ଯେତେବେଳେ ନିଜ ବହି ତଥା ନୋଟ୍‌ରେ ଜରୁରି ଶବ୍ଦ, ତାରିଖ ଏବଂ ଫର୍ମୁଲାକୁ ମନେ ରଖିବାକୁ ଚାହାନ୍ତି, ତାହାକୁ ସେମାନେ ସବୁଜ ରଙ୍ଗ ମାର୍କରରେ ହାଇଲାଇଟ୍ କରନ୍ତି । ଏହାପରେ ସେମାନେ ତା' ଉପରେ ନାଲି ରଙ୍ଗର ଟ୍ରାନ୍ସପରେଣ୍ଟ ପ୍ଲାଷ୍ଟିକ୍ ସିଟ୍ ରଖନ୍ତି, ସେତେବେଳେ ସବୁଜ ରଙ୍ଗରେ ଲେଖାଯାଇଥିବା ଶବ୍ଦ କଳା ହୋଇଯାଏ । ନାଲି ସିଟ୍ ରଖିବା ଦ୍ୱାରା ଯେତେବେଳେ ଏହି ଜରୁରି ଶବ୍ଦ ଅଦୃଶ୍ୟ ହୋଇଯାଏ, ଛାତ୍ରଛାତ୍ରୀ ଏହି ଖାଲି ସ୍ଥାନକୁ ଦେଖି ନିଜେ ନିଜକୁ ପ୍ରଶ୍ନ କରନ୍ତି ଯେ, ସେଠୋରେ କ'ଣ ଲେଖା ଯାଇଥିଲା । ଏହାକୁ ବୈଜ୍ଞାନିକ ଭାଷାରେ ଆକ୍ଟିଭ୍ ରି-କଲ୍ କୁହାଯାଏ । ଯେତେବେଳେ ମସ୍ତିଷ୍କ କୌଣସି ଲୁଚି ରହିଥିବା ଉତ୍ତରକୁ ନିଜେ ମନେ ପକାଇବାକୁ ଚେଷ୍ଟା କରେ, ସେହି ତଥ୍ୟ ସର୍ଟ ଟର୍ମ ମେମୋରିରୁ ବାହାରି ସିଧା ଲଙ୍ଗ ଟର୍ମ ମେମୋରିକୁ ଚାଲିଯାଏ । ଏହା ଦ୍ୱାରା ଜିନିଷ ଦୀର୍ଘ ସମୟ ପର୍ଯ୍ୟନ୍ତ ମନେ ରହେ ।

ସାଧାରଣତଃ ଶିକ୍ଷକ ଗୋଟିଏ ବିଷୟକୁ ବାରମ୍ବାର ପଢ଼ାନ୍ତି । ଯାହାକୁ ପ୍ୟାସିଭ୍ ରି-ରିଡିଂ କୁହାଯାଏ । ଏହା ଦ୍ୱାରା ସମୟ ବହୁତ ନଷ୍ଟ ହୋଇଥାଏ । ପରୀକ୍ଷା ସମୟରେ ସବୁ ଭୁଲି ହୋଇଯାଏ । ଜାପାନର ଛାତ୍ରଛାତ୍ରୀ ଏହି ନାଲି ସିଟ୍ ମାଧ୍ୟମରେ ସେହି ପଏଣ୍ଟ ଉପରେ କେବଳ ଧ୍ୟାନ କେନ୍ଦ୍ରିତ କରନ୍ତି, ଯାହାକୁ ସେମାନେ ଭୁଲିଥାନ୍ତି । ଏହା ଦ୍ୱାରା ପୂରା ଚାପ୍ଟରର ରିଭିଜନ କିଛି ସମୟରେ ହୋଇଯାଏ । ଏହି ଉପାୟ କୌଣସି ଭାଷା ଓ ବିଷୟ ପାଇଁ କାମ କରିଥାଏ । ଏଥିପାଇଁ କେବଳ ଏକ ସବୁଜ ରଙ୍ଗ ହାଇଲାଇଟର ଏବଂ ନାଲି ରଙ୍ଗ ଟ୍ରାନ୍ସପରେଣ୍ଟ ପ୍ଲାଷ୍ଟିକ୍ ସିଟ୍ ଦରକାର ।

# ଚାକିରି ପାଇଁ ବିପଦ ସିନ୍ଥେଟିକ୍ ଇଣ୍ଟେଲିଜେନ୍ସ

**ଡିଜିଟାଲ ଯୁଗରେ ଚାଟ୍‌ଜିପିଟି ଓ ଜେମିନି ଭଳି ଏଆଇ ଟୁଲ୍‌କୁ ନେଇ ବେଶି ଚର୍ଚ୍ଚା ହେଉଛି । ଏବେ ଏଆଇଠୁ ଆଗରେ ଅଛି ସିନ୍ଥେଟିକ୍ ଇଣ୍ଟେଲିଜେନ୍ସ (ଏସ୍‌ଆଇ) । ଏହା ଯୋଗୁଁ ସଫ୍ଟୱେର, ଇଞ୍ଜିନିୟର, ଲେଖକ, ବ୍ୟାଙ୍କ ମ୍ୟାନେଜରଙ୍କ ଚାକିରି ବିପଦରେ ଥିବା କୁହାଯାଉଛି ।**



ସିନ୍ଥେଟିକ୍ ଇଣ୍ଟେଲିଜେନ୍ସ କେବଳ ଲୋକଙ୍କ ନକଲ କରେ ନାହିଁ, ବରଂ ମାନବ ସହାୟତା ବିନା ନିଜର ଆର୍ଟିଫିସିଆଲ ବ୍ରେନ ପ୍ରସ୍ତୁତ କରେ । ଏହାକୁ କୌଣସି ମାନବ ତଥ୍ୟ ଆବଶ୍ୟକ ନାହିଁ । ଏହା ନିଜର ଭୁଲ୍‌ରୁ ଶିଖିଥାଏ, ତର୍କ କରେ ଏବଂ ଏମିତି ନିଷ୍ପତ୍ତି ନିଏ ଯେ, ଯାହା ବାବଦରେ ପୂର୍ବରୁ ଲୋକେ ଚିନ୍ତା କରି ନ ଥିବେ । ଏହାକୁ ପ୍ରକୃତ ଡିଜିଟାଲ ମସ୍ତିଷ୍କ ବୋଲି କହିପାରିବା । ଗୋଟେ ପଟେ ଏଆଇ ମଣିଷର ବ୍ୟବହାରକୁ ଦୋହରାଉ ଥିବା ବେଳେ ଅନ୍ୟପଟେ ଏସ୍‌ଆଇ ନିଜର ନୂଆ ବ୍ୟବହାର ଏବଂ ଚିନ୍ତାଧାରା ସୃଷ୍ଟି କରେ । ତେବେ ଏସ୍‌ଆଇ ସେହି ଚାକିରିକୁ ରିପ୍ଲେସ୍ କରିବାର କ୍ଷମତା ରଖେ, ଯେଉଁଠି ସୃଜନଶୀଳତା ଏବଂ ଷ୍ଟ୍ରାଟେଜିକ୍ ନିଷ୍ପତ୍ତିର ଆବଶ୍ୟକ ଥାଏ । ବିଜନେସ୍ ଲିଡର, ଫାଇନାନ୍‌ସିଆଲ ଆଡଭାଇଜର, ବୈଜ୍ଞାନିକ, ସିନିଅର ମ୍ୟାନେଜରଙ୍କ ନିଷ୍ପତ୍ତି ଦରକାର ପଡ଼େ । ଏସ୍‌ଆଇ ନିଜେ ମାର୍କେଟ୍‌ର ନୂଆ ଟ୍ରେଣ୍ଡର ଅନୁମାନ ଲଗାଇ ଏମିତି ଲାଭ ବଢ଼ାଇବା ନିଷ୍ପତ୍ତି ନେଇପାରନ୍ତି । ଏହା ଦ୍ୱାରା ମାନବ ମ୍ୟାନେଜରଙ୍କ ଆବଶ୍ୟକତା କମିପାରେ ।

ସେହିପରି ଟେକ୍ନୋଲୋଜି ଯୁଗରେ ଭୟ କରିବା ବଦଳରେ ବୁଝିବା ଜରୁରି । କମ୍ପ୍ୟୁଟର ଆସିବା ପରେ ବି ଲୋକଙ୍କୁ ଲାଗୁଥିଲା, ଚାକିରି ଶେଷ ହୋଇଯିବ । ହେଲେ କମ୍ପ୍ୟୁଟର ଲକ୍ଷାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କଲା । ଏଆଇ ଏବଂ ଏସ୍‌ଆଇ ବି ସେମିତି କରିବ । ଏହାରି ମଧ୍ୟରେ ରିପ୍ଲେସ୍ ସେହିମାନେ ହେବେ ଯେଉଁମାନେ ସମୟ ସହିତ ନିଜକୁ ବଦଳାଇବେ ନାହିଁ । ଚାକିରିକୁ ସୁରକ୍ଷିତ ରଖିବା ଲାଗି ଏହି ଟୁଲ୍‌କୁ ଶତ୍ରୁ ଭାବିବା ପରିବର୍ତ୍ତେ ନିଜର ସହାୟକ ବୋଲି ଭାବିବା ଉଚିତ । ଅନ୍ୟପଟେ ଯେଉଁ ବ୍ୟକ୍ତି ଏଆଇକୁ ଠିକ୍ ପ୍ରମପ୍ଟ ଦେଇ ଏହାର ବ୍ୟବହାର କରିବା ଶିଖିଯିବେ, ତାଙ୍କ ଚାକିରି କେବେ ବି ବିପଦରେ ରହିବ ନାହିଁ ବୋଲି କୁହାଯାଉଛି ।



# ଡିଜିଟାଲ ସହାୟକ 'କ୍ଲାଉଡ୍ କୋୱାର୍କ'

ଏଆଇ କମ୍ପାନି ଆନ୍ଥ୍ରୋପିକ୍ ନିଜର ଏଆଇ ଏଜେଣ୍ଟ କ୍ଲାଉଡ୍ କୋ-ୱାର୍କକୁ ୱେବ୍ ଏବଂ ମୋବାଇଲରେ ଲଞ୍ଚ କରିଛି । ଏବେ ବ୍ୟବହାରକାରୀ ଲାପଟପ୍ ବନ୍ଦ କରିବା ପରେ ବି ଏଆଇ ଦ୍ୱାରା ପ୍ରଚ୍ଛଦରୁ କାମ କରାଇପାରିବେ ଏବଂ ମୋବାଇଲରୁ ତାର ପ୍ରଗତି ବି ଦେଖିପାରିବେ । କ୍ଲାଉଡ୍ କୋ-ୱାର୍କ ରିପୋର୍ଟ ପ୍ରସ୍ତୁତ କରିବା, ଇମେଲ ଡ୍ରାଫ୍ଟ ତିଆରି କରିବା, ଡାଟା ବ୍ୟବସ୍ଥିତ ଏବଂ ବ୍ୟବସାୟ ସହ ଜଡ଼ିତ ଅନେକ କାର୍ଯ୍ୟ କରିବାକୁ ସକ୍ଷମ । କମ୍ପାନିର ଦାବି ଯେ, ଏହି ଫିଚର୍ ଏଆଇକୁ କେବଳ ଚାଟ୍‌ବଟ୍ ନୁହେଁ, ବରଂ ଡିଜିଟାଲ ସହାୟକ ଭାବେ କାମ କରିବାରେ ସାହାଯ୍ୟ କରିବ ।

ଏହାକୁ ନିତିଦିନର କାମକୁ ସ୍ୱତଃ ଭାବେ ସମ୍ଭାଳିବା ପାଇଁ ଡିଜାଇନ କରାଯାଇଛି । ଏହା ଦସ୍ତାବିଜ୍ ପ୍ରସ୍ତୁତ କରିବା, ତଥ୍ୟ ଏକତ୍ର କରିବା, ରିପୋର୍ଟ ପ୍ରସ୍ତୁତ କରିବା ଏବଂ ଅନ୍ୟ ପ୍ରଶାସନିକ କାର୍ଯ୍ୟରେ ବି ସାହାଯ୍ୟ କରେ । କମ୍ପାନିର ଉଦ୍ଦେଶ୍ୟ ଏହାକୁ ଏଭଳି ଏକ ଡିଜିଟାଲ ସହାୟକ ଭାବେ ବିକଶିତ କରିବା, ଯାହାକି କୌଣସି କର୍ମଚାରୀ ଭଳି କାମ କରିବ ।

କ୍ଲାଉଡ୍ କୋୱାର୍କର ବିଶେଷତ୍ୱ ହେଉଛି ଏହା ପ୍ରଚ୍ଛଦପଟରେ କାମ କରିବା ଜାରି ରଖେ । ଯଦି ବ୍ୟବହାରକାରୀ କୌଣସି କାମ ଆରମ୍ଭ କରିଛନ୍ତି, ତେବେ ଏଜେଣ୍ଟ ତାହାକୁ ପୂରା କରିବା ଲାଗି କାମ ଜାରି ରଖିବ । ଯଦିଓ ସମ୍ବନ୍ଧିତ ଡିଭାଇସ ସେ ସମୟରେ ସକ୍ରିୟ ନ ରହିଲେ ବି ଦରକାର ପଡ଼ିଲେ ଏହା ବ୍ୟବହାରକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଲାଗି ଇନପୁଟ୍ ମାଗିପାରେ । ୱେବ୍ ଏବଂ ମୋବାଇଲ ସପୋର୍ଟ ମିଳିବା ପରେ ବ୍ୟବହାରକାରୀ କେଉଁଠାରୁ ବି କ୍ଲାଉଡ୍ କୋୱାର୍କର ଗତିବିଧି ଉପରେ ନଜର ରଖିପାରିବେ । ଚାଟ୍, ପ୍ରୋଜେକ୍ଟ ଏବଂ ଅନ୍ୟ ଫାଇଲର ବିଭିନ୍ନ ଡିଭାଇସ୍‌ରେ ଏକକାଳୀନ ଏହାକୁ ଆସେସ୍ କରାଯାଇପାରିବ । ଏଥିରେ କାମ ଚାଲୁ ରହିବା ଲାଗି କୌଣସି ଡିଭାଇସ୍ ଉପରେ ନିର୍ଭର ରହିବାକୁ ପଡ଼ିବ ନାହିଁ । ଏହାର ସବୁଠୁ ଅଧିକ ଉପଯୋଗ ବିଜନେସ୍ ପ୍ରୋସେସ୍ ଏବଂ ପ୍ରଶାସନିକ କାର୍ଯ୍ୟରେ କରାଯାଉଛି ।

# ଅଫିସ୍‌ରେ ବୈଠକର ପ୍ରସ୍ତୁତି


**ଅନେକ ସମୟରେ ଅଫିସ୍ ମିଟିଂ ବିରକ୍ତିକର ଲାଗେ । ହେଲେ ଏହି ବୈଠକକୁ ଯିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରିବା ଉଚିତ । ବୈଠକ ସମୟରେ କିଛି କଥା ଉପରେ ଧ୍ୟାନ ରଖିବା କର୍ମଚାରୀଙ୍କ ପାଇଁ ଖୁବ୍ ଗୁରୁତ୍ୱ ବହନ କରେ ।**

ଅଫିସ୍ ମିଟିଂକୁ ଯିବା ପୂର୍ବରୁ ମିଟିଂ ଏଜେଣ୍ଡାକୁ ଭଲଭାବେ ପଢ଼ନ୍ତୁ । କେଉଁ ବିଷୟରେ ଆଲୋଚନା ହେବ ଏବଂ ଏଥିରେ ଆପଣଙ୍କ ଭୂମିକା କ'ଣ ରହିବ, ସେକଥା ଜାଣନ୍ତୁ ।

- ମିଟିଂରେ କୌଣସି ତଥ୍ୟ ପ୍ରଦାନ କରିବାର ଥିଲେ, ପୂର୍ବରୁ ତାହାକୁ ଏକତ୍ର କରି ରଖନ୍ତୁ ।
- ସବୁବେଳେ ମିଟିଂ ଆରମ୍ଭ ହେବାର ୫-୧୦ ମିନିଟ୍ ପୂର୍ବରୁ ପହଞ୍ଚନ୍ତୁ ।
- ମିଟିଂରେ ନିଜ ପକ୍ଷ ରଖନ୍ତୁ । ପ୍ରଶ୍ନ କରନ୍ତୁ ଏବଂ ଅନ୍ୟର ବିଚାରରେ ନିଜ ମତ ରଖନ୍ତୁ । ଏହାଦ୍ୱାରା ମିଟିଂରେ ରୁଚି ଥିବା ଜଣାଯାଏ ।
- ମିଟିଂରେ ଅଧିକ କଥା ନ କହି ଅନ୍ୟମାନଙ୍କ କଥା ଧ୍ୟାନରେ ଶୁଣନ୍ତୁ । ଅନ୍ୟଜଣକ କଥା ଶୁଣିବା ପରେ ହିଁ ସଠିକ ଓ ପ୍ରଭାବୀ ମତ ରଖିପାରିବେ ।
- ମିଟିଂରେ ନିଜ ପକ୍ଷ ରଖିବା କୁହା ଗଲେ, ନିଜ କଥାକୁ ସିଧାସଳଖ ରଖନ୍ତୁ ।
- ମିଟିଂରେ ସିଧା ଓ ଆତ୍ମବିଶ୍ୱାସର ସହ ବସନ୍ତୁ । ନତ ମସ୍ତକ ହୋଇ ବସନ୍ତୁ ନାହିଁ ।




# ଜିଡାନ୍ ଫ୍ରାନ୍ସର ନୂଆ କୋଚ୍



ପ୍ୟାରିସ, ୨୮ ।୭ (ଏଜେନ୍ସି): କିମ୍ବଦନ୍ତୀ ଫୁଟବଲର୍ ଜିନେଦିନ ଜିଡାନ ଫ୍ରାନ୍ସ ପୁରୁଷ ଫୁଟବଲ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକ ହୋଇଛନ୍ତି । ବିଦାୟୀ ପ୍ରଶିକ୍ଷକ ଡିଡିଅର ଡେଶ୍‌ଚାମ୍ପ୍ସଙ୍କ ସ୍ଥାନରେ ୫୪ ବର୍ଷୀୟ ଜିଡାନ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ । ସର୍ବାଧିକ ୧୪ ବର୍ଷ ଧରି ଫ୍ରାନ୍ସ ଫୁଟବଲ ଦଳ ପ୍ରଶିକ୍ଷକ ତଥା ମ୍ୟାନେଜର ପଦ ସମ୍ଭାଳିବା ପରେ ଡେଶ୍‌ଚାମ୍ପ୍ସଙ୍କ କାର୍ଯ୍ୟକାଳ ଗତ ବିଶ୍ୱକପ୍ ପରେ ସମାପ୍ତ ହୋଇଥିଲା । ଫିଫା ବିଶ୍ୱକପର ଏହି ସଂସ୍କରଣରେ ଫ୍ରାନ୍ସ ସେମିଫାଇନାଲରେ ସ୍ପେନଠାରୁ ହାରି ୪ର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା । ଅପରପକ୍ଷରେ ୧୯୯୮ ବିଶ୍ୱକପ୍ ବିଜେତା ଜିଡାନ ଦ୍ୱିତୀୟଥର ଲାଗି ଫ୍ରାନ୍ସ ଜାତୀୟ ଦଳର ପ୍ରଶିକ୍ଷକ ପଦ ସମ୍ଭାଳିଛନ୍ତି । ଏଥିପୂର୍ବରୁ ୨୦୨୧ରେ ପ୍ରଥମଥର ଲାଗି ଏହି ପଦରେ ରହିଥିଲେ । ଏବେ ଫ୍ରାନ୍ସ ୨୦୩୦ ଫିଫା ବିଶ୍ୱକପ୍ ଜିଡାନଙ୍କ ତତ୍ତ୍ୱାବଧାନରେ ଖେଳି ଆହୁରି ଶ୍ରେଷ୍ଠ ପ୍ରଦର୍ଶନ କରିବା ଆଶାରେ ରହିଛି ।

# ଜଷ୍ଟିନ ଗ୍ରିଭ୍‌ସଙ୍କ ବିଶ୍ୱରେକର୍ଡ



ତାରୌବା, ୨୮ ।୭ (ଏଜେନ୍ସି): ଟେଷ୍ଟ କ୍ରିକେଟ ଇତିହାସରେ ପୂର୍ବରୁ ଯାହା କେବେ ହୋଇ ନ ଥିଲା, ତାହା ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌ର ଫାଷ୍ଟ ବୋଲର ଜଷ୍ଟିନ୍ ଗ୍ରିଭ୍‌ସ କରି ଦେଖାଇଛନ୍ତି । ପାକିସ୍ତାନ ପ୍ରଥମ ଇନିଂସରେ ଗ୍ରିଭ୍‌ସ କ୍ରମାଗତ ୫ଓଭର ମେଡେନ୍ ବୋଲିଂ କରି ୫ଟି ୱିକେଟ ନେଇ ବିଶ୍ୱରେକର୍ଡ କରିଛନ୍ତି । ପୂର୍ବରୁ ଏହି ରେକର୍ଡ ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍‌ଙ୍କ ନାମରେ ଥିଲା । ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ବ୍ରଡ୍ କ୍ରମାଗତ ୪ ଓଭର ମେଡେନ ବୋଲିଂ କରି ୪ଟି ୱିକେଟ ଅକ୍ତିଆର କରିଥିଲେ ।

# ର୍‍ୟାନ୍‌ଙ୍କ ଇସ୍ତଫା; ଅଲଗା ହେଲେ ଦିଲୀପ



ନୂଆଦିଲ୍ଲୀ, ୨୮ ।୭ (ଏଜେନ୍ସି): ଆଗାମୀ ଶ୍ରୀଲଙ୍କା ଗସ୍ତ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ପ୍ରଶିକ୍ଷକ ଷ୍ଟାଫ୍‌ଙ୍କ ମଧ୍ୟରେ ବଡ଼ ପରିବର୍ତ୍ତନ ହୋଇଛି । ସଦ୍ୟ ସୂଚନା ଅନୁଯାୟୀ ସହାୟକ କୋଚ୍ ର୍‍ୟାନ୍ ଟେନ୍ ଡୋସଚେଟ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ସେହିଭଳି ଫିଲ୍ଡିଂ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇ ଆସୁଥିବା ଟି. ଦିଲୀପଙ୍କ ଚୁକ୍ତି ନବୀକରଣ ନ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି । ଏହାକୁ ନେଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ଯେ ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ଗସ୍ତ ସମୟରେ ଉଭୟ (ର୍‍ୟାନ୍ ଓ ଦିଲୀପ)ଙ୍କ ଚୁକ୍ତିନାମା ଶେଷ ହୋଇଯାଇଥିଲା । ସେମାନଙ୍କ ଚୁକ୍ତିନାମା ଆଉ ବୃଦ୍ଧି କରାଯାଇ ନଥିଲା । ଦିଲୀପ ୨୦୨୧ ମସିହାରୁ ଟିମ୍ ଇଣ୍ଡିଆ ସହିତ ଜଡ଼ିତ ରହିଥିଲେ । ଗତ ବର୍ଷ ତାଙ୍କ କାର୍ଯ୍ୟକାଳ ଗୋଟିଏ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା । ଅପରପକ୍ଷରେ ନେଦରଲ୍ୟାଣ୍ଡ୍‌ସର ର୍‍ୟାନ୍ ୨୦୨୪ରେ ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳର ପ୍ରଶିକ୍ଷକମଣ୍ଡଳୀରେ ସାମିଲ ହୋଇଥିଲେ । ତାଙ୍କର ଚୁକ୍ତି ୨ ବର୍ଷୀୟା ଥିଲା । ସେ ଆଉ ଚୁକ୍ତି ବଢ଼ାଇବାକୁ ଆଗ୍ରହୀ ନ ଥିଲେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି । ଶଭଦୀପ୍ ଏବେ ଭାରତୀୟ କ୍ରିକେଟ୍ ଦଳର ପରବର୍ତ୍ତୀ ଫିଲ୍ଡିଂ କୋଚ୍ ହେବା ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି । ଶୁଭଦୀପ ଆସାମ ଓ ରେଲବାଇ ପକ୍ଷରୁ ଘରୋଇ କ୍ରିକେଟ୍‌ରେ ସକ୍ରିୟ ଥିଲେ ।

**FOR RENT**

Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:

**8249526803**

ସକାଳ
THE SAKALA
www.thesakala.in

The Sakala require the following post for Head Office urgently.

**ADVERTISEMENT EXECUTIVE**

Qualification: MBA with 5 yrs. experience.

Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଇତିହାସ ସୃଷ୍ଟି କଲେ ଶର୍ମିଳା ଧନକଡ଼

ଗ୍ଲାସ୍‌ଗୋ,୨୮ ।୭ (ଏଜେନ୍ସି)



ଏଠାରେ ଚାଲିଥିବା ୨୩ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପାରା ଆଥଲେଟିକ୍ସ ମହିଳା ସଟ୍‌ପୁଟରେ ଭାରତର ଶର୍ମିଳା ଧନକଡ଼ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ଗତକାଲି ରାତିରେ ଅନୁଷ୍ଠିତ ଏଫ୍୫୭ ମହିଳା ସଟ୍‌ପୁଟରେ ୯.୮୧ ମିଟର ଦୂରତାକୁ ସଟ୍‌ପୁଟ ଫିଙ୍ଗି ଶର୍ମିଳା ପ୍ରଥମସ୍ଥାନ ଅଧିକାର କରିଥିଲେ । ଏଥିସହ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଭାରତର ପ୍ରଥମ ପାରା ଆଥଲେଟିକ୍ସ ଭାବରେ ଶର୍ମିଳା ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୦ ବର୍ଷ ପରେ ଭାରତ ପାରା ଆଥଲେଟିକ୍ସରେ ପ୍ରଥମଥର ପଦକ ଜିତିବାକୁ ସମର୍ଥ ହୋଇଛି । ୪୦ ବର୍ଷୀୟା ଶର୍ମିଳା ଧନକଡ଼ଙ୍କର ଏହା ଦ୍ୱିତୀୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ପ୍ରଥମ ପଦକ । ନିଜର ଦୁଇ ଝିଅଙ୍କ ସହ ଆଥଲେଟିକ୍ସରେ ତିଷ୍ଠି ରହିଥିବା ହରିଆଣା ମହେନ୍ଦ୍ରଗଡ଼ ବାସିନ୍ଦା ଶର୍ମିଳା ପ୍ରଥମ ବିବାହରେ ନିର୍ଯାତନାର ଶିକାର ହୋଇଥିଲେ । ଦ୍ୱିତୀୟ ବିବାହ ପରେ ବା ୩୪ ବର୍ଷରେ ସେ ପାରାଆଥଲେଟିକ୍ସରେ ଅଂଶଗ୍ରହଣ କରି ଏବେ ଭାରତର ପ୍ରଥମ ମହିଳା ସ୍ୱର୍ଣ୍ଣପଦକ ବିଜେତା ହୋଇ ଇତିହାସ ସୃଷ୍ଟି କରିଛନ୍ତି । ଏହି ଇଭେଣ୍ଟରେ ନାଇଜେରିଆର ୟୁଚାରିଆ ୟିଆଜିଙ୍କୁ ରୌପ୍ୟ ଓ ଅନ୍ୟତମ ଭାରତୀୟ ପ୍ରତିଯୋଗୀ ଶିକ୍ଷା କେ. ଶିଲାଙ୍କୁ କାଂସ୍ୟ ପଦକ ମିଳିଛି । ଫଳରେ ଏହି ଇଭେଣ୍ଟରେ ଭାରତକୁ ଦୁଇଟି ପଦକ ମିଳିଛି ।

## ଆଥ୍‌ଲେଟିକ୍ସରେ ସର୍ବେଶଙ୍କୁ ପ୍ରଥମ ପଦକ

ସେହିପରି ଓପନ ଆଥଲେଟିକ୍ସରେ ସର୍ବେଶ କୁଶାରେ ପୁରୁଷ ଲଙ୍ଗ ଜମ୍ପରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଏହି ଇଭେଣ୍ଟରେ ଭାରତକୁ ପ୍ରଥମ ପଦକ ମିଳିଛି । ଏଠାରେ ସେ ୨.୨୫ ମିଟର ଉଚ୍ଚତାକୁ ଡେଇଁ ଦ୍ୱିତୀୟ ସ୍ଥାନରେ ରହିଥିଲେ । ପ୍ରଥମ ଆଟେମ୍ପଟରେ ସମାନ ୨.୨୫ ମିଟରକୁ ଡେଇଁଥିବା ଜାମାଇକାର ବେକଫୋର୍ଡ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । କୁଶାରେ ତୃତୀୟ ଆଟେମ୍ପଟରେ ୨.୨୫ ମିଟର ଉଚ୍ଚତାକୁ ଡେଇଁବାରେ ସଫଳ ହୋଇଥିଲେ । ପୁରୁଷ ୧୧୦ ମିଟର ହର୍ଡ୍‌ଲ୍ସ ଫାଇନାଲରେ ତେଜାସ ଶିର୍ଷେ ୮ମ ତଥା ଶେଷ ସ୍ଥାନରେ ରହିଛନ୍ତି । ପୁରୁଷ ଲଙ୍ଗ୍‌ଜମ୍ପରେ ମୁରଲୀ ଶ୍ରୀଶଙ୍କର ଓ ଲୋକେଶ ସତ୍ୟନାଥନ ଭାଗନେଇଛନ୍ତି । ଏମାନଙ୍କଠାରୁ ପଦକ ଆଶା କରାଯାଉଛି ।



## ଭାରୋତ୍ତୋଳନରେ ପଦକ ବିଜୟ ଧାରା ଜାରି



ଭାରୋତ୍ତୋଳନରେ ଭାରତର ପଦକ ବିଜୟ ଧାରା ଅବ୍ୟାହତ ରହିଛି । ସୋମବାର ଫାଇନାଲ ହୋଇଥିବା ୩ଟି ଇଭେଣ୍ଟ ମଧ୍ୟରୁ ଭାରତ ୩ଟି ପଦକ ହାସଲ କରିଛି । ବିଳମ୍ବିତ ରାତିରେ ଶେଷ ହୋଇଥିବା ପୁରୁଷ ୭୯ କେଜି କାଟାଗୋରୀରେ ଅଜୟ ବାବୁ ମୋଟ ୩୩୦ କିଗ୍ରା ଉଠାଇ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଅଜୟ ବାବୁ ସ୍ନାଚ୍‌ରେ ୧୪୯, କ୍ଲିନ୍ ଆଣ୍ଡ ଜର୍କରେ ୧୮୧ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ମାଲେସିଆର ଏରୀ ହିଦାୟତ ସ୍ନାଚ୍‌ରେ ୧୪୭, କ୍ଲିନ୍ ଆଣ୍ଡ ଜର୍କରେ ରେକର୍ଡ ୧୮୪ କେଜି ସହ ମୋଟ୍ ୩୩୧ କିଗ୍ରା ଓଜନ ଉଠାଇ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଅଜୟ ବାବୁ ମାତ୍ର ୧ କିଲୋ କମ୍ ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାତଛଡ଼ା କରିଥିଲେ । ପୂର୍ବରୁ ଭାରତକୁ ଦୁଇଟି ପଦକ ମିଳିଥିଲା । ମହିଳା ୫୮ କିଲୋଗ୍ରାମ୍‌ରେ ବିନ୍ଦିଆରାଣୀ ଦେବୀଙ୍କୁ କାଂସ୍ୟ ଓ ୫୩ କିଲୋଗ୍ରାମ୍‌ରେ ଜ୍ଞାନେଶ୍ୱରୀଙ୍କୁ ରୌପ୍ୟ ପଦକ ମିଳିଥିଲା । ମିରାବାଇ ଚାନୁ ମହିଳା ୪୮ କେଜିରେ ସ୍ୱର୍ଣ୍ଣ ଓ ରିଷିକାନ୍ତ ସିଂ ପୁରୁଷ ୬୫ କିଲୋଗ୍ରାମ୍ ଶ୍ରେଣୀରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ । ଏହାକୁ ମିଶାଇ ଭାରୋତ୍ତୋଳନରୁ ଭାରତକୁ ସର୍ବାଧିକ ପଦକ ମିଳିଛି । ଏହା ମଧ୍ୟରେ ରହିଛି ମିରାବାଈଙ୍କ ସ୍ୱର୍ଣ୍ଣ, ରିଷିକାନ୍ତ, ଅଜୟ ବାବୁ ଓ ଜ୍ଞାନେଶ୍ୱରୀଙ୍କୁ ରୌପ୍ୟ, ବିନ୍ଦିଆରାଣୀଙ୍କୁ କାଂସ୍ୟ ପଦକ ମିଳିଛି ।

## ନିରାଶ କଲେ ନିରୁପମା


ମଙ୍ଗଳବାର ଅନୁଷ୍ଠିତ ମହିଳା ୬୩ କିଲୋଗ୍ରାମ୍ ବିଭାଗରେ ଭାରୋତ୍ତୋଳିକା ନିରୂପମା ଦେବୀ ନିରାଶ କରିଛନ୍ତି । ନିରୂପମା ୩ଟି ଯାକ ଆଟେମ୍ପଟରେ ଫେଲ ମାରିଛନ୍ତି । ପଦକ ଜିତିବାର ତ ଦୂରର କଥା ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରି ନ ଥିଲେ । ଏଯାଏ ଅନୁଷ୍ଠିତ ସମସ୍ତ ଭାରୋତ୍ତୋଳନ ପ୍ରତିଯୋଗିତାରେ ଭାରତ ପଦକ ଜିତିଥିଲା । କିନ୍ତୁ ୧୨୩ କେଜିଠାରୁ ଅଧିକ ଭାର ଉଠାଇଥିବା ନିରୁପମା କିପରି ଫେଲ୍ ମାରିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି ଇଭେଣ୍ଟରେ ଭାରତ ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ କାଂସ୍ୟ ପଦକ ବିଜୟୀ ହୋଇଛି । ଆଜିର ଅନ୍ୟ ଇଭେଂଟ ମଧ୍ୟରୁ ସନ୍ତରଣରେ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଶ୍ରୀହରି ନଟରାଜ ସେମିରେ ପ୍ରବେଶ କରିଛନ୍ତି । ପୁରୁଷ ୫୦ ମିଟର ଫ୍ରିଷ୍ଟାଇଲ ସନ୍ତରଣର ଫାଇନାଲରେ ପ୍ରବେଶ କରିଛନ୍ତି । କିନ୍ତୁ ସାଜନ ପ୍ରକାଶ ଆଉ ଏକ ଇଭେଂଟରୁ ବାଦ୍ ପଡ଼ିଛନ୍ତି । ଦୌଡ଼କୁଦର ପୁରୁଷ ୪୦୦ ମିଟର ଦୌଡ଼ରେ ବିଶାଳ ସେମିରେ ପ୍ରବେଶ କରିଥିଲାବେଳେ ରାଜେଶ ବାଦ୍ ପଡ଼ିଛନ୍ତି ।

## ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ବୁମ୍‌ରା, ଜାଡେଜା ଫେରିଲେ, ସାରାଂଶ ନୂଆ ମୁହଁ

ନୂଆଦିଲ୍ଲୀ,୨୮ ।୭ (ଏଜେନ୍ସି): ଶ୍ରୀଲଙ୍କା ସହ ଖେଳିବାକୁ ଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ମଙ୍ଗଳବାର ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି । ଶୁବମନ ଗିଲ୍ ଓ ଲୋକେଶ ରାହୁଲ ଯଥାକ୍ରମେ ଅଧିନାୟକ ଓ ଉପଅଧିନାୟକ ପଦ ବଜାୟ ରଖିଛନ୍ତି । ସ୍ପିନ୍ ବୋଲିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଦଳକୁ ଫେରିଛନ୍ତି । ଶ୍ରୀଲଙ୍କା-ଏ’ ସହ ଭଲ ଖେଳିଥିବା ସାଇ ସୁଦର୍ଶନଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି । ଉଭୟ ବୁମ୍‌ରା ଓ ସୁଦର୍ଶନ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଦ୍ୱାରା ଫିଟ୍ ଘୋଷିତ ହେଲେ ଦଳରେ ସ୍ଥାନ ପାଇବେ । ଅନ୍ୟମାନେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି । ସୁଦର୍ଶନ ଫିଟ ନ ହେଲେ ଦେବଦତ୍ତ ପାଡିକଲ ନଂ-୩ରେ ବ୍ୟାଟିଂ କରିବେ । ଅନ୍‌ଫିଟ୍ ଥିବା ୱାଶିଂଟନ ସୁନ୍ଦରଙ୍କ ସ୍ଥାନରେ ୩୩ ବର୍ଷୀୟ ଅଫ୍‌ସ୍ପିନ୍ ଅଲରାଉଣ୍ଡର ସାରାଂଶ ଜୈନଙ୍କୁ ପ୍ରଥମଥର ଲାଗି ଟେଷ୍ଟ ଦଳରେ ସାମିଲ କରାଯାଇଛି । ଜୈନ ମଧ୍ୟପ୍ରଦେଶ ପକ୍ଷରୁ ୫୪ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୧୮୮ଟି ୱିକେଟ ନେବା ସହ ୨୨୨୩ ରନ୍ ସଂଗ୍ରହ କରିଛନ୍ତି ।

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ଗଲ୍‌ରେ ଅଗଷ୍ଟ ୧୫ରୁ ଏବଂ ଦ୍ୱିତୀୟ ଟେଷ୍ଟ କଲମ୍ବୋର ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍‌ରେ ଅଗଷ୍ଟ ୨୩ରୁ ଖେଳାଯିବ । ଏହା ପୂର୍ବରୁ ଅଗଷ୍ଟ ୭ରୁ ଏକ ୪ ଦିନିଆ ଅଭ୍ୟାସ ମ୍ୟାଚ ଖେଳିବ ଭାରତ । ଭାରତ ୯ ବର୍ଷ ପରେ ଶ୍ରୀଲଙ୍କାରେ ଟେଷ୍ଟ ସିରିଜ୍ ଖେଳିବ । ଏହି ସିରିଜ୍‌ରେ ଭାରତ ୩-୦ରେ ସିରିଜ୍ କବ୍‌ଜା କରିଥିଲା ।



**ଘୋଷିତ ଦଳ:** ଶୁବମନ ଗିଲ୍ (ଅଧିନାୟକ), ଲୋକେଶ ରାହୁଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ୍, ସାଇ ସୁଦର୍ଶନ, ଦେବଦତ ପାଡିକଲ, ଋଷଭ ପନ୍ତ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟରକ୍ଷକ), ରବୀନ୍ଦ୍ର ଜାଡେଜା, ସାରାଂଶ ଜୈନ, କୁଲଦୀପ ଯାଦବ, ମାନବ ସୁତାର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଗୁରୁନୁର ବ୍ରାର୍ ।

## ଆଜିଠାରୁ ଜାତୀୟ ଯୁବ ତାଏକ୍ୱୋଣ୍ଡୋ

ଭୁବନେଶ୍ୱର, ୨୮ ।୭ (ସମିସ): କଟକର ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ଜାତୀୟ ଯୁବ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା । ଏଥିରେ ସମଗ୍ର ଭାରତବର୍ଷରୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନେ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ଯୁବ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ ।

## ରାଜ୍ୟ ବରିଷ୍ଠ ଚେସ୍

# ଫକିର ମାଝୀ ଏକକ ଅଗ୍ରଣୀ

ଭୁବନେଶ୍ୱର, ୨୮ ।୭ (ସମିସ): ରାୟଗଡ଼ା ତଥା କିସ୍‌ର ଛାତ୍ର ଫକିର ମାଝୀ ଏଠାରେ ଚାଲିଥିବା ୬୬ତମ ରାଜ୍ୟ ବରିଷ୍ଠ ଫିଡେ ରେଟିଂ ଚେସ୍‌ରେ ଏକକ ଅଗ୍ରଣୀ ନେଇଛନ୍ତି । ମଙ୍ଗଳବାର ଚତୁର୍ଥ ଦିନ ଓ ୮ମ ରାଉଣ୍ଡ ଖେଳ ଶେଷସୁଦ୍ଧା ସେ ୮ ରାଉଣ୍ଡରୁ ୭ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି । ତାଙ୍କ ପଛକୁ ୪ଜଣ ଖେଳାଳି ୬.୫ ପଏଣ୍ଟ ସହ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେମାନେ ହେଲେ ପୁରୀର ଜଗଦୀଶ ବାରିକ, ବାଲେଶ୍ୱରର ସିଦ୍ଧେଶ କାମିଲା, ଖୋର୍ଦ୍ଧାର ଓମ୍ ଆଦିତ୍ୟ ଖାଡଙ୍ଗା, ସ୍ୱପ୍ନିଲ ପ୍ରିୟଦର୍ଶୀ । ୬ ପଏଣ୍ଟ ସହ ୬ଜଣ ଖେଳାଳି ମିଳିତଭାବେ ତୃତୀୟସ୍ଥାନ ଅଧିକାର କରିଛନ୍ତି । ଅଲଓଡ଼ିଶା ରାଜ୍ୟ ଚେସ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ ।



## ଜାତୀୟ ଜୁନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ

# ମେନ୍ ଡ୍ର’ରେ ଓଡ଼ିଶାରୁ ୧୦

ଭୁବନେଶ୍ୱର, ୨୮ ।୭ (ସମିସ): ଏଠାରେ ଚାଲିଥିବା ଜାତୀୟ ଜୁନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ମେନ୍ ଡ୍ର ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏଥିରେ ଉଭୟ ବାଳକ ଓ ବାଳିକା ଏକକରେ ୩୨ଜଣ ଲେଖାଏଁ, ଯୁଗଳରେ ୧୬ଟି ଲେଖାଏଁ ଯୋଡି ଓ ମିଶ୍ରିତ ଯୁଗଳରେ ୧୬ ଯୋଡା ଖେଳାଳି ଅଂଶଗ୍ରହଣ କରୁଛନ୍ତି । ଏ ସମସ୍ତ ବିଭାଗରେ ଓଡ଼ିଶାରୁ ମୋଟ ୧୦ଜଣ ଖେଳାଳି ମେନ୍ ଡ୍ର’ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ସେମାନଙ୍କ ମଧ୍ୟରୁ ବାଳକ ବିଭାଗରେ ଦିବ୍ୟମ କେଜରିୱାଲ ଓ ଶୁଭ୍ରକେତନ ମଲ୍ଲିକ, ବାଳିକା ଏକକରେ ଜାତୀୟ ଜୁନିଅର ଚାମ୍ପିଅନ ତନ୍‌ଭୀ ପତ୍ରୀ, ନିମିଶା ଓଝା ଓ ଜେସିକା ସାହୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି ।

# ସର୍ବବୃହତ୍ ଫିଫା ବିଶ୍ୱକପ୍

ଡଲାସ,୨୮ ।୭ (ଏଜେନ୍ସି): ଆମେରିକାରେ ଖେଳା ଯାଇଥିବା ୨୩ତମ ଫିଫା ବିଶ୍ୱକପ୍‌କୁ ସବୁ ଦୃଷ୍ଟିରୁ ସର୍ବବୃହତ୍ ବିଶ୍ୱକପ୍ ଭାବେ ସ୍ୱୀକୃତି ଦେଇଛି ଫିଫା । ଫିଫା ପକ୍ଷରୁ କୁହାଯାଇଛି, ଏହି ବିଶ୍ୱକପ୍ ୩ଟି ଦେଶର ୧୬ଟି ଷ୍ଟାଡିୟମ୍‌ରେ ୩୯ ଦିନ ଧରି ଚାଲିଥିଲା । ଏଥିରେ ୧୨୪୮ ଜଣ ଖେଳାଳି ଭାଗ ନେଇଥିଲେ । ୬୮ ଲକ୍ଷ ଦର୍ଶକ ବିଶ୍ୱକପ୍‌କୁ ଷ୍ଟାଡିୟମ୍‌ରେ ଦେଖିଥିଲେ । ବିଶ୍ୱରେ ପୂର୍ବରୁ ଅନୁଷ୍ଠିତ ବିଶ୍ୱକପ୍ କିମ୍ବା ଆୟୋଜିତ ହେଉଥିବା ଯେ କୌଣସି କ୍ରୀଡ଼ା ପ୍ରତିଯୋଗିତା ଅପେକ୍ଷା ଏହା ବୃହତ୍ତମ । ଏହି ବିଶ୍ୱକପ୍ ପରିଚାଳନା କରିବାକୁ ୪୩,୦୦୦ ସ୍ୱେଚ୍ଛାସେବୀ, ୭୩,୭୦୦ ଜଣ ସୁରକ୍ଷା କର୍ମଚାରୀ ପରିଚାଳନା କରିବାରେ ସହାୟତା ଦେଇଥିଲେ । ଡଲାସରେ ପ୍ରତଷ୍ଠା କରାଯାଇଥିବା ମିଡିଆ ସେଂଟରରେ ଏକାଥରକେ ୧,୦୦୦ ସାମ୍ବାଦିକଙ୍କୁ କାମ କରିବା ସୁଯୋଗ ଦିଆଯାଇଥିଲା ।

ନନ୍ଦିଘୋଷ
NANDIGHOSHA TV
RECRUITMENT

Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.

POSITION OPEN

1 COPY EDITOR
Educational Qualification:
Master's Degree / P.G. Diploma in Journalism
Experience:
Minimum 3 years of experience in Digital Media
Key Requirement:
• Basic understanding of Digital platform.

2 MULTIMEDIA PRODUCER
Educational Qualification:
Master's Degree / P.G. Diploma in Journalism
Experience:
Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.

HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

# ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସରେ 'ସକାଳ' ପକ୍ଷରୁ 'ସବୁଜ ଅଭିଯାନ'






ଚନ୍ଦ୍ରଶେଖର ପେଟ୍ରୋଲ ପମ୍ପ, ଭୁବନେଶ୍ୱର



ଟାଙ୍ଗୀ (କଟକ)




ଖୋର୍ଦ୍ଧା




ନୟାଗଡ଼



ବାଲେଶ୍ୱର




ବାରିପଦା



ବ୍ରହ୍ମପୁର




ବୁଢ଼ାରଜା ପେଟ୍ରୋଲ ପମ୍ପ, ସମ୍ବଲପୁର

MCL | AM/NS INDIA | TATA STEEL #WeAlsoMakeTomorrow | JINDAL STEEL | vedanta transforming for good | ନାଲକୋ NALCO | TPWODL | JSW JFE JSW JFE Steel Limited | Paradeep Phosphates